# ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୭/୨୦୨୫ (୧୨ ପୃଷ୍ଠା) | Bhubaneswar, Tuesday, October 7/2025 | Page 12 | ₹ 7.00 | RAYAGADA

୫୧ଶ ଭାଗ ୩୧୧ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 311 | ମୂଲ୍ୟ ₹୭/-




କଟକ ସହରରେ କର୍ଫ୍ୟୁ ଲାଗୁ ହୋଇଥିବାବେଳେ ସୋମବାର ବାଲୁବଜାରରେ ଦୋକାନଗୁଡ଼ିକ ବନ୍ଦ ରହିବା ସହ ରାସ୍ତା ଜନଶୂନ୍ୟ ହୋଇଛି। (ଫଟୋ: ରାଜକିଶୋର ମହାନ୍ତି)

# କଟକରେ କର୍ଫ୍ୟୁ ବଳବତ୍ତର

## ଆଉ ୨୪ ଘଣ୍ଟା ଇଣ୍ଟରନେଟ କଟକଣା ବଢ଼ିଲା

**୮ ବିଶୃଙ୍ଖଳାକାରୀ ଗିରଫ**

କଟକ,୬।୧୦(କାର୍ତ୍ତିକ ସାହୁ)

କଟକ ଦୁର୍ଗା ପୂଜା ଭସାଣି ସମୟରେ ସୃଷ୍ଟ ବିବାଦ ରବିବାର ଉଗ୍ରରୂପ ଧାରଣ କରିବା ପରେ ସହରର ୧୩ଟି ଥାନା ଅଞ୍ଚଳରେ ୩୬ଘଣ୍ଟିଆ କର୍ଫ୍ୟୁ ଲାଗୁ କରାଯାଇଛି। ସୋମବାର ସମ୍ପୂର୍ଣ୍ଣ ସହର ପୋଲିସ ଛାଉଣି ଭିତରେ ରହିଥିଲା। କର୍ଫ୍ୟୁ ଲାଗୁ ଫଳରେ କେବଳ ଜରୁରୀ ସେବା ବ୍ୟତୀତ ଦୋକାନବଜାର, ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ରାସ୍ତାଘାଟ ଶୂନଶାନ ହୋଇଯାଇଥିଲା। ୧୦୦ ପ୍ଲାଟୁନ୍ ଫୋର୍ସ ସହରର ବିଭିନ୍ନ ସ୍ଥାନରେ ପଇଁତରା ମାରିବା ସହ ଲୋକମାନଙ୍କୁ ଘର ଭିତରେ ସୁରକ୍ଷିତଭାବେ ରହିବାକୁ ପରାମର୍ଶ ଦେଇଥିଲେ। ସହରରେ ଉତ୍ତେଜନା ଏବଂ ବିଶୃଙ୍ଖଳା ସୃଷ୍ଟି କରୁଥିବା ଅଭିଯୋଗରେ ୮ଜଣଙ୍କୁ ଗିରଫ କରାଯାଇଛି। ସେପଟେ ସ୍ଥିତିକୁ ଦେଖି ରବିବାର ରାତିରୁ ୨୪ ଘଣ୍ଟା ପାଇଁ ଲାଗିଥିବା ଇଣ୍ଟରନେଟ ଏବଂ ସୋସିଆଲ୍ ମିଡିଆ କଟକଣାକୁ ଆଉ ୨୪ ଘଣ୍ଟା ଅର୍ଥାତ ମଙ୍ଗଳବାର ରାତି ୭ଟା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସିଏମ୍ସି, ସିଡିଏ, ବୟାଳିଶ ମୌଜାରେ ହ୍ୱାଟ୍ସଆପ୍, ଫେସବୁକ୍, ଏକ୍ସ, ସ୍ନାପ୍‌ଚାଟ୍, ଇନ୍‌ଷ୍ଟାଗ୍ରାମ୍ ସେବା ବନ୍ଦ ରହିବ।

କମିଶନରେଟ ପୋଲିସ ଦ୍ୱାରା ରବିବାର ରାତି ୧୦ଟାରୁ ଜାରି ହୋଇଥିବା କର୍ଫ୍ୟୁ ସହରରେ ବଳବତ୍ତର ରହିଛି। କର୍ଫ୍ୟୁ ହେତୁ ସୋମବାର ସରକାରୀ କାର୍ଯ୍ୟାଳୟ, ଔଷଧ ଓ ଅତ୍ୟାବଶ୍ୟକ ସେବାକୁ ବାଦ୍ ଦେଲେ ବ୍ୟାଙ୍କ, ବେସରକାରୀ କାର୍ଯ୍ୟାଳୟ, ମାଲଗୋଦାମ ସମେତ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଛି। ପୂରା ସହରକୁ ୧୦୦ ପ୍ଲାଟୁନ୍ ଫୋର୍ସ ସହ ୮ କମ୍ପାନୀ ସିଆରପିଏଫ୍ ଯବାନ ଓ ୧ କମ୍ପାନୀ ରାପିଡ୍ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ଚାକିରି ପାଇଁ ନିବେଶ

# ନଭେମ୍ବର ୧୧ରେ ନୂଆପଡ଼ା ଭୋଟ




- ୧୪ରେ ଫଳାଫଳ
- ଉପନିର୍ବାଚନ ପାଇଁ ଲାଗୁହେଲା ଆଦର୍ଶ ଆଚରଣବିଧି: ସିଇଓ

ଭୁବନେଶ୍ୱର,୬।୧୦ (ରବିନାରାୟଣ ଜେନା)

ନୂଆପଡ଼ା ଉପନିର୍ବାଚନ ଭୋଟ୍ ନଭେମ୍ବର ୧୧ ତାରିଖରେ ହେବ। ଏଥିସହିତ ବିଧିବଦ୍ଧ ଭାବେ ସୋମବାରଠାରୁ ଆଦର୍ଶ ଆଚରଣବିଧି ଲାଗୁ ହେଲା ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର. ସନ୍ତ ଗୋପାଳନ କହିଛନ୍ତି। ସୋମବାର ସନ୍ଧ୍ୟାରେ ସିଇଓଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗୋପାଳନ କହିଥିଲେ, ନୂଆପଡ଼ା ଉପନିର୍ବାଚନ ଲାଗି ସମ୍ପୂର୍ଣ୍ଣ ଜିଲାରେ ଆଦର୍ଶ ଆଚରଣବିଧି ବଳବତ୍ତର ରହିବ। ଏହି ଅବଧି ନଭେମ୍ବର ୧୬ ପର୍ଯ୍ୟନ୍ତ ଲାଗୁ ହେବ।

ସେ କହିଥିଲେ, ନୂଆପଡ଼ା ଉପନିର୍ବାଚନ ଲାଗି ଆସନ୍ତା ୧୩ରେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି ହେବ। ୨୦ରେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ରହିଥିବାବେଳେ ୨୨ ତାରିଖ ସୁଦ୍ଧା ନାମାଙ୍କନପତ୍ର ଯାଞ୍ଚ ପ୍ରକ୍ରିୟା ☞ପୃଷ୍ଠା-୪

## ୨ ପର୍ଯ୍ୟାୟରେ ବିହାର ନିର୍ବାଚନ

**ନଭେମ୍ବର ୬, ୧୧ରେ ମତଦାନ**

ନୂଆଦିଲ୍ଲୀ,୬।୧୦(ପି.ଟି.)

ବିହାର ବିଧାନସଭା ନିର୍ବାଚନ ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ବିଧାନସଭାର ୨୪୩ ଆସନ ମଧ୍ୟରୁ ୧୨୧ଟିରେ ନଭେମ୍ବର ୬ରେ ଏବଂ ଅବଶିଷ୍ଟ ୧୨୨ ଆସନରେ ସେହି ମାସ ୧୧ ତାରିଖରେ ଭୋଟ ଗ୍ରହଣ କରାଯିବ। ଭୋଟ ଗଣତି ନଭେମ୍ବର ୧୪ରେ କରାଯିବ ବୋଲି ସୋମବାର ଅପରାହ୍ନରେ ନିର୍ବାଚନ କମିଶନ (ଇସି) ସୂଚନା ଦେଇଛନ୍ତି। ଇସିଙ୍କ ଏହି ଘୋଷଣା ସହ ବିହାରରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି।

ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ବିହାର ନିର୍ବାଚନ ନଭେମ୍ବର ୬ ଓ ୧୧ରେ ହେବାକୁ ଥିବାବେଳେ ୧୪ ତାରିଖରେ ଭୋଟ ଗଣତି କରାଯିବ। ସମଗ୍ର ନିର୍ବାଚନୀ ପ୍ରକ୍ରିୟା ନଭେମ୍ବର ୧୬ରେ ସମାପ୍ତ ହେବ। ପ୍ରଥମ ପର୍ଯ୍ୟାୟରେ ୧୨୧ ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୨୨ ଆସନରେ ନିର୍ବାଚନ ହେବ। ଭୋଟ ଗଣତିର ଶେଷ ୨ଟି ପର୍ଯ୍ୟାୟ ପୂର୍ବରୁ ପୋଷ୍ଟାଲ ବାଲଟ୍ ଗଣତି କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ବାଧ୍ୟତାମୂଳକ କରାଯାଇଛି। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ସମେତ କେତେକ ନୂଆ ପଦକ୍ଷେପ ନିଆଯାଉଥିବାରୁ ସିଇସି ବିହାର ନିର୍ବାଚନକୁ 'ସବୁ ନିର୍ବାଚନର ଜନନୀ' ଭାବେ ଅଭିହିତ କରିଛନ୍ତି। ପ୍ରଥମ ପର୍ଯ୍ୟାୟ ପାଇଁ ନାମାଙ୍କନପତ୍ର ☞ପୃଷ୍ଠା-୪

# ୩ ବୈଜ୍ଞାନିକଙ୍କୁ ମେଡିସିନରେ ନୋବେଲ

**ରୋଗ ପ୍ରତିଷେଧକ ପ୍ରଣାଳୀ ଉପରେ ଗବେଷଣା ପାଇଁ ସମ୍ମାନ**



ମେରି ଇ ବ୍ରୁନ୍‌କୋ | ଫ୍ରେଡ୍ ରାମ୍ସଡେଲ | ଶିମୋନ ସାକାଗୁଚି

ଷ୍ଟକ୍‌ହୋମ,୬।୧୦

୨୦୨୫ ନୋବେଲ ପୁରସ୍କାର ପାଇଁ ବିଜେତାଙ୍କ ନାମ ଘୋଷଣା ହେବା ଆରମ୍ଭ ହୋଇଛି। ମେଡିସିନ କ୍ଷେତ୍ରରେ ୩ ବୈଜ୍ଞାନିକଙ୍କୁ ଚଳିତ ଥରର ନୋବେଲ ପୁରସ୍କାର ଦିଆଯିବା ନେଇ ସୋମବାର ସୁଇଡେନ୍‌ର ଷ୍ଟକ୍‌ହୋମରେ ରୟାଲ ସ୍ୱିଡିଶ ଏକାଡେମୀ ଅଫ୍ ସାଇନ୍ସ ପକ୍ଷରୁ ଘୋଷଣା କରାଯାଇଛି। ମାନବ ଶରୀରର ପେରିଫେରାଲ ଇମ୍ୟୁନ୍ ଟଲରାନ୍ସ ଉପରେ ଗବେଷଣା ପାଇଁ ଆମେରିକୀୟ ବୈଜ୍ଞାନିକ ମେରି ଇ ବ୍ରୁନ୍‌କୋ, ଫ୍ରେଡ୍ ରାମ୍ସଡେଲ ଏବଂ ଜାପାନର ବୈଜ୍ଞାନିକ ଶିମୋନ ସାକାଗୁଚିଙ୍କୁ ନୋବେଲ ପୁରସ୍କାର ପାଇଁ ମନୋନୀତ ☞ପୃଷ୍ଠା-୪

# ନୂଆପଡ଼ାବାସୀଙ୍କ ପାଇଁ ମୋ ଦୁଆର ସବୁବେଳେ ଖୋଲା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର/ନୂଆପଡ଼ା, ୬।୧୦ (ରବିନାରାୟଣ ଜେନା/ମକାରୁ ବେମାଲ)



ନୂଆପଡ଼ା ମିନି ଷ୍ଟାଡିୟମଠାରେ ସୋମବାର ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

ନୂଆପଡ଼ାବାସୀଙ୍କ ପାଇଁ ମୋ ଦୁଆର ସବୁବେଳେ ଖୋଲା। ସେମାନେ ଯେତେବେଳେ ଚାହିଁବେ, ମୋତେ ଭେଟିପାରିବେ। ସେମାନଙ୍କ କୌଣସି ସମସ୍ୟା ଯଦି ମୋ ନଜରକୁ ଆସେ, ସେ ସବୁକୁ ଗୁରୁତ୍ୱ ଦେଇ ସମାଧାନ କରିବାକୁ ଉଦ୍ୟମ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ନୂଆପଡ଼ା ମିନି ଷ୍ଟାଡିୟମଠାରେ ସୋମବାର ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ, ଦୂର ହେଉ କି ପାଖ, ବଡ଼ ହେଉ ବା ଛୋଟ, ରାଜ୍ୟର ସବୁ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ରାଜ୍ୟର ଜନସାଧାରଣଙ୍କ ସେବା ପାଇଁ ସବୁ ସମୟରେ, ସବୁ ମୁହୂର୍ତ୍ତରେ ଉପସ୍ଥିତ ଅଛି। ନୂଆପଡ଼ା ସହିତ ମୋର ଭାବଗତ ସମ୍ପର୍କ ରହିଛି ଏବଂ ଏହା ବଢ଼ି ବଢ଼ି ଚାଲିଛି। ଆଗାମୀ ଦିନରେ ଏହି ସମ୍ପର୍କ ଆହୁରି ଦୃଢ଼ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ନୂଆପଡ଼ା ଜିଲା ପାଇଁ ୧୧୦୧ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ ଓ ଘୋଷଣା କରିଥିଲେ। ସେ କହିଥିଲେ, ଇତିମଧ୍ୟରେ ତିନି ☞ପୃଷ୍ଠା-୪

# ସିଜେଆଇଙ୍କୁ ଜୋତା ଫିଙ୍ଗିଲେ ଆଇନଜୀବୀ



**ଏଭଳି କାର୍ଯ୍ୟ ମୋତେ ପ୍ରଭାବିତ କରେନି: ସିଜେଆଇ ଜଷ୍ଟିସ୍ ଗବଇ**

ନୂଆଦିଲ୍ଲୀ,୬।୧୦

ସୁପ୍ରିମକୋର୍ଟରେ ସୋମବାର ଏକ ମାମଲାର ଶୁଣାଣି ଚାଲିଥିବାବେଳେ ଜଣେ ୭୧ ବର୍ଷୀୟ ଆଇନଜୀବୀ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବି.ଆର୍. ଗବଇଙ୍କୁ ଜୋତା ଫିଙ୍ଗିବାକୁ ଉଦ୍ୟମ କରିଥିଲେ। ଜଣେ ବରିଷ୍ଠ ଆଇନଜୀବୀଙ୍କ ଏଭଳି କାର୍ଯ୍ୟ ଅଦାଲତ ଶିଷ୍ଟାଚାରର ଗୁରୁତର ଉଲ୍ଲଂଘନ କରିଛି। ଏଭଳି କାର୍ଯ୍ୟ ଦ୍ୱାରା ମୁଁ ବିଚଳିତ ନୁହେଁ, ଏଗୁଡ଼ିକ ମୋତେ ପ୍ରଭାବିତ କରେନାହିଁ ବୋଲି ଜଷ୍ଟିସ୍ ଗବଇ କହିବା ସହ ଶୁଣାଣି ଜାରି ରଖିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସନ୍ଧ୍ୟାରେ ସିଜେଆଇଙ୍କ ସହ କଥା ହୋଇଛନ୍ତି। ସୁପ୍ରିମକୋର୍ଟ ପରିସରରେ ସିଜେଆଇଙ୍କ ଉପରେ ଆକ୍ରମଣକୁ ପ୍ରଧାନମନ୍ତ୍ରୀ ନିନ୍ଦା କରିବା ସହ ଏହି ଘଟଣା ପ୍ରତ୍ୟେକ ଭାରତୀୟଙ୍କୁ କ୍ଷୁବ୍ଧ କରିଥିବା କହିଛନ୍ତି।

ଓକିଲମାନଙ୍କ କହିବା ଅନୁଯାୟୀ, ଆଇନଜୀବୀମାନେ ସେମାନଙ୍କ ମାମଲାଗୁଡ଼ିକର ତ୍ୱରିତ୍ ଶୁଣାଣି ପାଇଁ ସିଜେଆଇ ଏବଂ ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠରେ ଉପସ୍ଥାପନା କରୁଥିଲେ। ଏହି ସମୟରେ ମୟୂରବିହାର ଅଞ୍ଚଳର ଆଇନଜୀବୀ ରାକେଶ କିଶୋର ଡାଏସ୍ ପାଖରେ ପହଞ୍ଚି ଜୋତା ଖୋଲିବା ସହ ବିଚାରପତିମାନଙ୍କ ଉପରକୁ ଫିଙ୍ଗିବାକୁ ଉଦ୍ୟମ କରିଥିଲେ। କୋର୍ଟରୁମ୍‌ରେ ସଜାଗ ଥିବା ସୁରକ୍ଷା କର୍ମଚାରୀ ତୁରନ୍ତ ହସ୍ତକ୍ଷେପ କରି ରାକେଶଙ୍କୁ ଅଟକାଇଥିଲେ। ପରେ ତାଙ୍କୁ ସୁରକ୍ଷା କର୍ମଚାରୀ ଘେରିଯାଇ କୋର୍ଟ ବାହାରକୁ ନେଇଯାଇଥିଲେ।

ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ମଧ୍ୟପ୍ରଦେଶର ଖଜୁରାହୋଠାରେ ଭଗବାନ ବିଷ୍ଣୁଙ୍କ ମୂର୍ତ୍ତି ପୁନଃନିର୍ମାଣରେ ନ୍ୟାୟିକ ହସ୍ତକ୍ଷେପ ସକାଶେ ଏକ ଜନସ୍ୱାର୍ଥ ମାମଲା ଦାଖଲ ହୋଇଥିଲା। ସିଜେଆଇ ଉକ୍ତ ଆବେଦନକୁ ପ୍ରଚାରଧର୍ମୀ କହି ଖାରଜ ☞ପୃଷ୍ଠା-୪

## ଖରିଆରରୋଡ୍ ମ୍ୟୁନିସିପାଲିଟି, କୋମନା ଓ ସିନାପାଲିକୁ ଏନ୍ଏସି ଘୋଷଣା

**୧୧୦୧ କୋଟିର ସ୍ୱତନ୍ତ୍ର ପ୍ୟାକେଜ୍**

ନୂଆପଡ଼ା ଜିଲାର ସର୍ବାଙ୍ଗୀନ ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୋମବାର ନୂଆପଡ଼ା ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ୧୧୦୧ କୋଟି ଟଙ୍କାର ପ୍ରକଳ୍ପ ଶୁଭାରମ୍ଭ ଓ ଘୋଷଣା କରିଛନ୍ତି। ସେଥିମଧ୍ୟରେ ୬୪ କୋଟି ୨ ଲକ୍ଷ ଟଙ୍କା ବିନିଯୋଗରେ ୧୦୯ଟି ପ୍ରକଳ୍ପର ଲୋକାର୍ପଣ ସହ ୧୫୯ କୋଟି ୭୬ ଲକ୍ଷ ଟଙ୍କାର ୩୯ଟି ପ୍ରକଳ୍ପର ଶିଳାନ୍ୟାସ ରହିଛି। ଏହାସହିତ ୭୫ କୋଟି ୩୭ ଲକ୍ଷ ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପ କରାଯିବ। ନୂଆପଡ଼ାରେ ଜଳସେଚନର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଭାବେ ୮୦୨ କୋଟି ୯ ଲକ୍ଷ ☞ପୃଷ୍ଠା-୪




## ସଂକ୍ଷେପରେ

### ୮୦ ବର୍ଷର ପୁରୁଣା କୋଠା ଭୁଶୁଡ଼ି ୩ ମୃତ

ଅହମଦାବାଦ, ୬।୧୦

ଗୁଜରାଟର ଗିର-ସୋମନାଥ ଜିଲାର ଭେରାଭଲ ସହରରେ ଏକ ୮୦ ବର୍ଷର ପୁରୁଣା ୩ ମହଲା ବିଶିଷ୍ଟ କୋଠା ରବିବାର ବିଳମ୍ବିତ ରାତିରେ ଭୁଶୁଡ଼ି ପଡ଼ିବାରୁ ୩ ଜଣଙ୍କର ମୃତ୍ୟୁ ଘଟିଛି। କୋଠା ମଧ୍ୟରେ ଥିବା ଜଣେ ମା' ଓ ଝିଅଙ୍କ ମୃତ୍ୟୁ ଘଟିଥିବା ବେଳେ କୋଠା ସମ୍ମୁଖରେ ଥିବା ରାସ୍ତାରେ ବାଇକରେ ଯାଉଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସୂଚନା ପାଇ ତୁରନ୍ତ ଅଗ୍ନିଶମ ବାହିନୀ ଏବଂ ପୋଲିସ ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲେ। ରେସ୍କ୍ୟୁ ଟିମ୍ ଭଗ୍ନାବଶେଷ ମଧ୍ୟରୁ ୨ ଜଣଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଛି। କୋଠା ଭୁଶୁଡ଼ିବାକୁ ନେଇ ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷରୁ କୁହାଯାଇଛି।

### ପ୍ରମାଣର ସ୍ଥାନ ସନ୍ଦେହ ନେଇପାରିବ ନାହିଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ ,୬।୧୦

ସନ୍ଦେହ ଯେତେ ଦୃଢ଼ ହୋଇଥାଉନା କାହିଁକି, ଏହା ପ୍ରମାଣର ସ୍ଥାନ ନେଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ୨୦୦୭ର ଏକ ହତ୍ୟା ମାମଲାରେ ଜଷ୍ଟିସ୍ ଏମ୍.ଏମ୍. ସୁନ୍ଦ୍ରେଶ ଏବଂ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ୩ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଦେବା ସହ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ମାମଲାର ତଦନ୍ତରେ ଯଥେଷ୍ଟ ଶୂନ୍ୟତା ରହିଛି। ରେକର୍ଡ ହୋଇଥିବା ପ୍ରମାଣ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିବାକୁ ଯଥେଷ୍ଟ ନୁହେଁ। ୩ଅଭିଯୁକ୍ତଙ୍କୁ ତଳକୋର୍ଟ ଦୋଷୀସାବ୍ୟସ୍ତ କରି ଆଜୀବନ ଜେଲଦଣ୍ଡାଦେଶ ଦେଇଥିବାବେଳେ ୨୦୧୭ ନଭେମ୍ବରରେ ଉତ୍ତରାଖଣ୍ଡ ହାଇକୋର୍ଟ ଏହାକୁ କାଏମ ରଖିଥିଲେ। ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ଅଭିଯୁକ୍ତମାନେ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ବିଜ୍ଞାନସମ୍ମତ ପ୍ରମାଣକୁ ଅଣଦେଖା କରି ସନ୍ଦେହପୂର୍ଣ୍ଣ ପ୍ରମାଣ ଆଧାରରେ ଦୋଷୀସାବ୍ୟସ୍ତ କରିବା ଅର୍ଥ ପ୍ରମାଣ ସ୍ଥାନରେ ସନ୍ଦେହକୁ ଗ୍ରହଣ କରିବା। ସନ୍ଦେହ ଯେତେ ଦୃଢ଼ ହେଲେ ବି ଏହା ପ୍ରମାଣକୁ ସ୍ଥାନାନ୍ତର କରିପାରିବ ନାହିଁ ବୋଲି ଖଣ୍ଡପୀଠ ରାୟରେ କହିଛନ୍ତି।

### ଆମେରିକାକୁ ରେୟାର ଆର୍ଥ ପଠାଇଲା ପାକିସ୍ତାନ

ଇସ୍‌ଲାମାବାଦ, ୬।୧୦

ପାକିସ୍ତାନ ସୋମବାର ପ୍ରଥମ ପର୍ଯ୍ୟାୟରେ ଆମେରିକାକୁ ରେୟାର ଆର୍ଥ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ପଠାଇଛି। ଏନେଇ ପାକିସ୍ତାନୀ ଖବରକାଗଜ ଡନ୍‌ରେ ରିପୋର୍ଟ ପ୍ରକାଶ ପାଇଛି। ପ୍ରଥମ ପର୍ଯ୍ୟାୟରେ ଆମେରିକାକୁ ପଠାଯାଇଥିବା ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ମଧ୍ୟରେ ଆଣ୍ଟିମୋନି, କପର କନ୍‌ସେନ୍‌ଟ୍ରେଟ୍ ଏବଂ ନିଓଡିମିୟମ, ପ୍ରସେଓଡିମିୟମ ପରି ରେୟାର ଆର୍ଥ ଉପାଦାନ ରହିଛି। ପାକିସ୍ତାନର ଖଣିଜ ସମ୍ପଦ ଅନୁସନ୍ଧାନ ଏବଂ ବିକାଶ ପାଇଁ ଗତ ମାସରେ ଏକ ଆମେରିକୀୟ କମ୍ପାନୀ ସହ ପାକିସ୍ତାନ ସରକାର କରିଥିବା ଚୁକ୍ତି ଅନୁଯାୟୀ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଆମେରିକା ପଠାଯାଇଛି। ଏହାକୁ ନେଇ ପାକିସ୍ତାନରେ ବିରୋଧ ଆରମ୍ଭ ହୋଇଛି।

## ଦିଲ୍ଲୀରେ ଆଜି



ଖବରଦାତା ସମ୍ମିଳନୀରେ ବିହାର ବିଧାନସଭା ନିର୍ବାଚନ ସମ୍ପର୍କରେ ସୂଚନା ଦେଉଛନ୍ତି ସିଇସି ଜ୍ଞାନେଶ କୁମାର। ତାଙ୍କ ସହ ୨ ନିର୍ବାଚନ କମିଶନର ସୁଖବୀର ସିଂ ସାନ୍ଧୁ ଏବଂ ବିବେକ ଜୋଷୀ ଉପସ୍ଥିତ ଅଛନ୍ତି। (ଫଟୋ: ଚମନ ଗୌତମ)

## ବିହାର ବିଗୁଲ ବାଜିଲା

# ଫୋକସ୍‌ରେ ୩ ନେତା

**ବିହାରରେ ନିର୍ବାଚନୀ ବିଗୁଲ ବାଜିବା ସହ ରାଜନୈତିକ ମଇଦାନ ପ୍ରସ୍ତୁତ ହୋଇଛି। ଏଥିସହ ଗଣମାଧ୍ୟମର ଫୋକସ୍ ମୁଖ୍ୟତଃ ୩ଟି ଚେହେରା ଉପରେ କେନ୍ଦ୍ରୀଭୂତ ହୋଇଛି। କେତେକ ଜାତୀୟ ଗଣମାଧ୍ୟମ ଜେଡିୟୁ ମୁଖ୍ୟ ନୀତୀଶ କୁମାରଙ୍କୁ 'ଡିଫେଣ୍ଡର' ଆଖ୍ୟା ଦେଇଥିବାବେଳେ ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କୁ 'ଚ୍ୟାଲେଞ୍ଜର' ଓ ରଣନୀତିକାରରୁ ରାଜନେତା ସାଜିଥିବା ପ୍ରଶାନ୍ତ କିଶୋରଙ୍କୁ 'ଡିସ୍‌ରପ୍ଟର' ବୋଲି ଅଭିହିତ କରିଛନ୍ତି। ଏହି ୩ ଜଣଙ୍କ ସଫଳତା ବା ବିଫଳତା ସେମାନଙ୍କ ଦଳର ଭବିଷ୍ୟତକୁ ପ୍ରଭାବିତ କରିବା ସହ ବିହାର ରାଜନୈତିକ ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡ଼ିପାରେ ବୋଲି ମନେକରାଯାଉଛି।**

ପାଟନା/ନୂଆଦିଲ୍ଲୀ,୬।୧୦

ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ନେତୃତ୍ୱାଧୀନ ପ୍ରମୁଖ ହିନ୍ଦୀଭାଷୀ ରାଜ୍ୟ ବିହାରରେ ଛଟ୍‌ପୂଜା ଓ ଦୀପାବଳି ପରେ ନିର୍ବାଚନ ହେବ ବୋଲି ଊଣାଅଧିକେ ସମସ୍ତେ ଅବଗତ ଥିଲେ ହେଁ ଏହାର ଆନୁଷ୍ଠାନିକ ତାରିଖ ଘୋଷଣାକୁ ରାଜନୈତିକ ଦଳଗୁଡ଼ିକ ଅପେକ୍ଷା କରିଥିଲେ। ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ସୋମବାର ଏହି ତାରିଖ ଘୋଷଣା କରିବା ସହ ବିହାର ନିର୍ବାଚନ ପାଇଁ ବିଗୁଲ ବାଜିଛି। ନିର୍ବାଚନରେ ଶାସକ ଭାରତୀୟ ଜନତା ପାର୍ଟି (ଭାଜପା) ଏବଂ ସଂଯୁକ୍ତ ଜନତା ଦଳ (ଜେଡିୟୁ) ମେଣ୍ଟ ସହ କଂଗ୍ରେସ ଓ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତୃତ୍ୱାଧୀନ ମହାମେଣ୍ଟ ମଧ୍ୟରେ ପ୍ରତ୍ୟକ୍ଷ ଲଢ଼େଇ ହେବ। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ତାଙ୍କ ପଶ୍ଚିମବଙ୍ଗ ପ୍ରତିପକ୍ଷ ମମତା ବାନାର୍ଜୀଙ୍କ ପାଇଁ ପୂର୍ବରୁ ନିର୍ବାଚନୀ ରଣନୀତି ପ୍ରସ୍ତୁତ କରି ସଫଳ ହୋଇଥିବା ପ୍ରଶାନ୍ତ କିଶୋର ଏଥର ନିର୍ବାଚନୀ ରାଜନୀତିରେ ପ୍ରବେଶ କରି ମଇଦାନକୁ ଓହ୍ଲାଇଛନ୍ତି। ତାଙ୍କ ଜନ ସୁରାଜ ପାର୍ଟି ବିହାରର ସମସ୍ତ ୨୪୩ ଆସନରେ ପ୍ରାର୍ଥୀ ଦେବ। ନିର୍ବାଚନ କମିଶନଙ୍କ ପକ୍ଷରୁ କରାଯାଇଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ରାଜନୈତିକ ଓ ଆଇନଗତ ବିବାଦ ଥମି ନ ଥିବାବେଳେ ବିହାରୀ ଭୋଟର ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରି ପ୍ରତିନିଧି ବାଛିବାକୁ ଯାଉଛନ୍ତି।



**ନୀତୀଶ କୁମାର:** ଜେଡିୟୁର ୭୪ ବର୍ଷୀୟ ନୀତୀଶ କୁମାର ୨ ଦଶନ୍ଧି ଧରି ବିହାର ମୁଖ୍ୟମନ୍ତ୍ରୀ ରହିଆସିଛନ୍ତି। ବିକାଶମୂଳକ କାର୍ଯ୍ୟକୁ ନେଇ ଏକଦା ସୁଶାସନ ବାବୁ ନାମରେ ପରିଚିତ ନୀତୀଶ ନିକଟ ଅତୀତରେ ନିଜ ପ୍ରଶାସନିକ ପଦକ୍ଷେପ ତୁଳନାରେ ଓଲଟାପାଲଟା ବୟାନ ଦେଇ ଅଧିକ ଚର୍ଚ୍ଚା ସାଉଣ୍ଟିଛନ୍ତି। ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ନୀତୀଶଙ୍କ ଭିଡିଓଗୁଡ଼ିକୁ ନେଇ ତାଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଶ୍ନ ଉଠିଛି। ଜେଡିୟୁ-ଭାଜପା ମେଣ୍ଟ ଯଦି ନିର୍ବାଚନ ଜିତେ ତେବେ ନୀତୀଶ ଆଉ ଥରେ ମୁଖ୍ୟମନ୍ତ୍ରୀ ପଦ କିପରି ସମ୍ଭାଳିବେ ତାକୁ ନେଇ ଲୋକଙ୍କ ମନରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି। ଭାଜପା ଅଦ୍ୟାବଧି କୌଣସି ବିକଳ୍ପ ଚେହେରାକୁ ସାମ୍ନାକୁ ଆଣି ନ ଥିବାରୁ ଶାସକ ମେଣ୍ଟ ନୀତୀଶଙ୍କ ନେତୃତ୍ୱରେ ନିର୍ବାଚନ ଲଢ଼ିବାକୁ ଯାଉଥିବା ଏକପ୍ରକାର ନିଶ୍ଚିତ। ତେଣୁ ନୀତୀଶ ୧୦ମ ଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ନା ଫଳାଫଳ ବିହାରରେ ନୀତୀଶ ରାଜ୍‌ର ଅବସାନ ଘଟାଇବ ତାହା ଉପରେ ସମସ୍ତଙ୍କ ନଜର।



**ତେଜସ୍ୱୀ ଯାଦବ:** ଆର୍‌ଜେଡି ପ୍ରତିଷ୍ଠାତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁପ୍ରସାଦ ଯାଦବଙ୍କ ସାନପୁଅ ୩୫ ବର୍ଷୀୟ ତେଜସ୍ୱୀ ଯାଦବ ଏହି ନିର୍ବାଚନରେ ଏକ ପ୍ରମୁଖ ଚେହେରା। ୨୦୨୦ ନିର୍ବାଚନରେ ଆର୍‌ଜେଡି ୧୪୪ ଆସନରେ ଲଢ଼ିଥିବାବେଳେ ୭୫ଟିରେ ବିଜୟୀ ହୋଇ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଥିଲା। କିନ୍ତୁ ଏହାର ସହଯୋଗୀ ଦଳ କଂଗ୍ରେସର ଦୁର୍ବଳ ପ୍ରଦର୍ଶନ ଯୋଗୁ ମହାମେଣ୍ଟ ସରକାର ଗଢ଼ିବାକୁ ସୁଯୋଗ ପାଇ ନ ଥିଲା। ଇତିମଧ୍ୟରେ ଲାଲୁଙ୍କ ଅସୁସ୍ଥତା ଯୋଗୁ ତେଜସ୍ୱୀ ନିଜେ ଆର୍‌ଜେଡିର ନେତୃତ୍ୱ ନେଇ ଦଳ ପରିଚାଳନା କରୁଛନ୍ତି। ଏପରି କି କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ 'ଭୋଟର ଅଧିକାର ଯାତ୍ରା'ଠାରୁ ନେଇ ଆର୍‌ଜେଡିର 'ବିହାର ଅଧିକାର ଯାତ୍ରା' ପର୍ଯ୍ୟନ୍ତ ସବୁଥିରେ ତେଜସ୍ୱୀ ସାମିଲ ହୋଇ ଭୋଟରଙ୍କ ନିକଟତର ହୋଇପାରିଛନ୍ତି। ଏହି ଯୁବ ରାଜନେତା ବର୍ତ୍ତମାନ ଭାଜପା ସମ୍ମୁଖରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ରୂପେ ଉଭା ହୋଇଛନ୍ତି।



**ପ୍ରଶାନ୍ତ କିଶୋର:** ପିକେ ନାମରେ ପରିଚିତ ନିର୍ବାଚନୀ ରଣନୀତିକାର ପ୍ରଶାନ୍ତ କିଶୋର ଅନ୍ୟ ଦଳର ପ୍ରଚାର ଅଭିଯାନ ଯୋଜନା ଛାଡ଼ି ଜନ ସୁରାଜ ପାର୍ଟି ଗଢ଼ିଛନ୍ତି। ଏଥର ନିର୍ବାଚନରେ ସେ ନିଜ ଭାଗ୍ୟ ପରୀକ୍ଷା ପାଇଁ ଅଣ୍ଟା ଭିଡ଼ିଛନ୍ତି। ୨୦୨୨ରେ ବିହାର ସାରା ଏକ ଯାତ୍ରା କରି ଲୋକପ୍ରିୟତା ହାସଲ କରିଥିବା ପିକେ ତାଙ୍କ ପ୍ରତି ଲୋକଙ୍କ ରହିଥିବା ସମର୍ଥନ ଆଗାମୀ ନିର୍ବାଚନରେ ପ୍ରତିଫଳିତ ହେବ ବୋଲି ଆଶା ବାନ୍ଧିଛନ୍ତି। ଅନ୍ୟପକ୍ଷେ ମୁଖ୍ୟସ୍ରୋତର ଦଳଗୁଡ଼ିକର ନେତାମାନେ ରାଜନୀତିରେ ପ୍ରଶାନ୍ତ କିଶୋରଙ୍କ ପ୍ରବେଶ ଏକ ଫ୍ଲପ୍ ଶୋ' ହେବ ବୋଲି ଭବିଷ୍ୟବାଣୀ କରିଛନ୍ତି। ଆଉ କେତେକଙ୍କ ମତରେ ପିକେଙ୍କ ପାର୍ଟି ଅନ୍ୟ ଦଳଗୁଡ଼ିକର ଭୋଟ କାଟିବା ଛଡ଼ା ବିଶେଷ ପ୍ରଦର୍ଶନ କରି ନ ପାରେ।

### ୱାଙ୍ଗ୍‌ଚୁକ୍‌ଙ୍କ ଗିରଫଦାରି କେନ୍ଦ୍ର, ଲଦାଖକୁ ଜବାବ ତଲବ

ନୂଆଦିଲ୍ଲୀ,୬।୧୦(ପି.ଟି.)

ଲେହରେ ହିଂସାତ୍ମକ ବିକ୍ଷୋଭ ପରେ ଜଳବାୟୁ କର୍ମୀ ସୋନମ୍ ୱାଙ୍ଗ୍‌ଚୁକ୍‌ଙ୍କୁ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ)ରେ ଅଟକ ରଖାଯାଇଥିବାରୁ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ଜେ ଆଙ୍ଗ୍‌ମୋ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ୱାଙ୍ଗ୍‌ଚୁକ୍‌ଙ୍କୁ ତୁରନ୍ତ ମୁକ୍ତ କରିଦେବା ପାଇଁ ସେ ନିବେଦନ କରିଥିଲେ। ସର୍ବୋଚ୍ଚ ଅଦାଲତ ସୋମବାର ଏହାର ଶୁଣାଣି କରି କେନ୍ଦ୍ର ସରକାର ଏବଂ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନକୁ ଜବାବ ମାଗିଛନ୍ତି। ତେବେ ଜଷ୍ଟିସ୍ ଅରବିନ୍ଦ କୁମାର ଏବଂ ଏନ୍.ଭି. ଅଞ୍ଜରିଆଙ୍କ ଖଣ୍ଡପୀଠ ପିଟିଶନ୍ ଉପରେ କୌଣସି ରାୟ ଦେବାକୁ ମନା କରିଦେଇ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୪ ତାରିଖକୁ ଧାର୍ଯ୍ୟ କରିଛନ୍ତି।



ଲଦାଖକୁ ରାଜ୍ୟ ଘୋଷଣା କରାଯିବା ସମେତ ଷଷ୍ଠ ପରିଚ୍ଛଦ ମାନ୍ୟତା ପ୍ରଦାନ ଦାବିରେ ସେପ୍ଟେମ୍ବର ୨୬ରେ ଲେହ ସହରରେ ବିକ୍ଷୋଭ ବେଳେ ହିଂସାକାଣ୍ଡ ଘଟିଥିଲା। ଏଥିରେ ୪ ଜଣଙ୍କ ମୃତ୍ୟୁ ଘଟିବା ସହ ୯୦ ଜଣ ଆହତ ହୋଇଥିଲେ। ହିଂସା ପାଇଁ ଉସୁକାଇବା ଅଭିଯୋଗରେ ୱାଙ୍ଗ୍‌ଚୁକ୍‌ଙ୍କୁ ୨୮ ତାରିଖରେ ଏନ୍‌ଏସ୍‌ଏ ବଳରେ ଗିରଫ କରାଯାଇ ରାଜସ୍ଥାନର ଯୋଧପୁର ଜେଲରେ ରଖାଯାଇଛି। ୱାଙ୍ଗ୍‌ଚୁକ୍‌ଙ୍କ ସ୍ତ୍ରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ୍ କୋର୍ଟରେ ଉପସ୍ଥିତ ରହି ଅଟକ ରଖାଯିବାର କାରଣ ଜଣାଇବା ନିମନ୍ତେ ସରକାରଙ୍କୁ ନିର୍ଦ୍ଦେଶ ଦେବା ଲାଗି କୋର୍ଟଙ୍କୁ ନିବେଦନ କରିଥିଲେ। ଏ ସମ୍ପର୍କରେ ୱାଙ୍ଗ୍‌ଚୁକ୍‌ଙ୍କୁ ଜଣାଇ ଦିଆଯାଇଛି ଏବଂ ତାଙ୍କ ସ୍ତ୍ରୀଙ୍କୁ ଜଣାଇବାର ଆଇନଗତ ଆବଶ୍ୟକତା ନାହିଁ ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ।

# ହସ୍ପିଟାଲରେ ନିଆଁ: ୮ ରୋଗୀ ମୃତ

## ଅବହେଳା ଅଭିଯୋଗର ତଦନ୍ତ ନିର୍ଦ୍ଦେଶ

ଜୟପୁର,୬।୧୦

ରାଜସ୍ଥାନ ଜୟପୁରରେ ଥିବା ସୱାଇ ମାନ୍‌ସିଂ (ଏସ୍‌ଏମ୍‌ଏସ୍) ହସ୍ପିଟାଲର ନ୍ୟୁରୋ ଆଇସିୟୁରେ ରବିବାର ବିଳମ୍ବିତ ରାତିରେ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି। ଏଥିରେ ୮ ଜଣ ରୋଗୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକଙ୍କ ମଧ୍ୟରେ ୩ ଜଣ ମହିଳା ରହିଛନ୍ତି। ତେବେ ନିଆଁ ଲାଗିବା ସମୟରେ ରୋଗୀଙ୍କ ସମ୍ପର୍କୀୟମାନେ ସତର୍କ କରାଇବା ସହ ଧାଁଦଉଡ଼ କରୁଥିଲେ ମଧ୍ୟ ହସ୍ପିଟାଲ କର୍ମଚାରୀମାନେ ଏହାକୁ ଅଣଦେଖା କରିଥିଲେ ବୋଲି ଅଭିଯୋଗ ହୋଇଛି। କର୍ମଚାରୀଙ୍କ ଅବହେଳାର ତଦନ୍ତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି।

ଏସ୍‌ଏମ୍‌ଏସ୍ ଜୟପୁରର ସର୍ବବୃହତ୍ ସରକାରୀ ହସ୍ପିଟାଲ ହୋଇଥିବାବେଳେ ରାତି ପ୍ରାୟ ୧୧ଟା ୨୦ ମିନିଟ୍ ସମୟରେ ଏହାର ଟ୍ରମା ସେଣ୍ଟର ଆଇସିୟୁରେ ନିଆଁ ଲାଗିଥିଲା। ଶର୍ଟସର୍କିଟରୁ ଏଭଳି ଅଗ୍ନିକାଣ୍ଡ ଘଟିଲା ବୋଲି ଅଧିକାରୀମାନେ ସନ୍ଦେହ କରୁଛନ୍ତି। ଆଇସିୟୁ ୱାର୍ଡର ଷ୍ଟୋରରୁମ୍‌ରେ କାଗଜପତ୍ର, ମେଡିକାଲ ଉପକରଣ ଏବଂ ରକ୍ତ ନମୁନା ଟ୍ୟୁବ୍ ରଖାଯାଇଥିବାବେଳେ ଶର୍ଟସର୍କିଟରୁ ଭୟଙ୍କର ଅଗ୍ନିକାଣ୍ଡ ଘଟି ତୁରନ୍ତ ସମ୍ପୂର୍ଣ୍ଣ ୱାର୍ଡକୁ ବ୍ୟାପିଯାଇଥିଲା। ବିଲ୍ଡିଂରେ ଧୂଆଁ ଭର୍ତ୍ତି ହୋଇଯିବାରୁ ରୋଗୀ ଓ କର୍ମଚାରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ହସ୍ପିଟାଲ ପ୍ରଶାସନର ସୂଚନା ଅନୁଯାୟୀ, ଅଗ୍ନିକାଣ୍ଡ ସମୟରେ ଆଇସିୟୁ ଏବଂ ସେମି-ଆଇସିୟୁରେ ମୋଟ ୧୮ ଜଣ ରୋଗୀ ଥିବାବେଳେ ସେମାନଙ୍କ ମଧ୍ୟରୁ ୧୧ ଜଣ ନିଆଁ ଲାଗିଥିବା ୱାର୍ଡରେ ରହିଥିଲେ। ଅଗ୍ନିଶମ ଗାଡ଼ି ପହଞ୍ଚିଥିଲେ ମଧ୍ୟ ନିଆଁ ଓ ବିଷାକ୍ତ ଧୂଆଁ ଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଅଧିକାଂଶ ରୋଗୀ ସେମାନଙ୍କ ପରିବାର ସଦସ୍ୟ ଓ କର୍ମଚାରୀଙ୍କ ସହାୟତାରେ ଝରକା ଓ କବାଟ ଭାଙ୍ଗି ବାହାରି ଯାଇଥିଲେ। ସେମାନଙ୍କୁ ରାସ୍ତାରେ ବେଡ୍‌ରେ ରଖାଯାଇ ଅକ୍ସିଜେନ୍ ଓ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଥିଲା।


ଏସ୍‌ଏମ୍‌ଏସ୍ ହସ୍ପିଟାଲର ନ୍ୟୁରୋ ଆଇସିୟୁ ଜଳୁଛି।

ଅଗ୍ନିକାଣ୍ଡ ପରେ ହସ୍ପିଟାଲର ସୁରକ୍ଷା ବ୍ୟବସ୍ଥାକୁ ନେଇ ଗମ୍ଭୀର ପ୍ରଶ୍ନ ଉଠିଛି। ନିଆଁ ଲାଗିବା ପରେ ପରେ ଫାୟାର ଆଲାର୍ମ ସିଷ୍ଟମ୍ ପ୍ରଥମେ ଠିକ୍ ଭାବେ କାର୍ଯ୍ୟ କରି ନ ଥିଲା ବୋଲି ଅଭିଯୋଗ ହୋଇଛି। ଏଥିସହିତ ଅକ୍ସିଜେନ୍ ଲାଇନ୍‌କୁ ବନ୍ଦ କରିବାରେ ମଧ୍ୟ ବିଳମ୍ବ ହୋଇଥିଲା। କର୍ମଚାରୀଙ୍କ ପାଖରେ ପର୍ଯ୍ୟାପ୍ତ ଅଗ୍ନି ସୁରକ୍ଷା ଉପକରଣ ନ ଥିବାରୁ ନିଆଁ ଅଧିକ ବ୍ୟାପିଲା ବୋଲି କୁହାଯାଉଛି। କର୍ମଚାରୀମାନଙ୍କ ଅବହେଳାରୁ ୮ ରୋଗୀଙ୍କ ଜୀବନ ଗଲା ବୋଲି ସେମାନଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିବା ସହ ହସ୍ପିଟାଲ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ସମ୍ପର୍କୀୟମାନେ ଟ୍ରମା ସେଣ୍ଟର ବାହାରେ ଧାରଣାରେ ବସିବା ସହ ମୁଖ୍ୟ ରାସ୍ତାରେ ପ୍ରତିବାଦ କରିଥିଲେ। ମୁଖ୍ୟମନ୍ତ୍ରୀ ଭଜନଲାଲ୍ ଶର୍ମା ବିଳମ୍ବିତ ରାତିରେ ହସ୍ପିଟାଲରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଆହତମାନଙ୍କ ଚିକିତ୍ସା ପାଇଁ ତୁରନ୍ତ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଅତ୍ୟନ୍ତ ଦୁଃଖଦ ଓ ଚିନ୍ତାଜନକ ଘଟଣା ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ସେ ଡାକ୍ତରୀ ଶିକ୍ଷା ସଚିବ ଅମ୍ବିଶ କୁମାର, ପୋଲିସ କମିଶନର ବିଜୁ ଜର୍ଜ ଜୋସେଫ, ଜୟପୁର ଜିଲାପାଳ ଜିତେନ୍ଦ୍ର ସୋନି ଏବଂ ଏସ୍‌ଏମ୍‌ଏସ୍ ମେଡିକାଲ କଲେଜ ପ୍ରିନ୍ସିପାଲ୍ ଡା. ଦୀପକ ମାହେଶ୍ୱରୀଙ୍କଠାରୁ ସବିଶେଷ ରିପୋର୍ଟ ମାଗିଛନ୍ତି।

### ୧୪ ଘଣ୍ଟାରେ ଭାଙ୍ଗିଗଲା ସରକାର

ପ୍ୟାରିସ୍,୬।୧୦

**ଫ୍ରାନ୍ସରେ ରାଜନୈତିକ ସଙ୍କଟ**

**ମାସେ ନ ପୂରୁଣୁ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା**


ସେବାଷ୍ଟିଆନ୍ ଲେକୋର୍ନୁ

ଦାୟିତ୍ୱ ଗ୍ରହଣର ମାସେ ନ ପୂରୁଣୁ ଫ୍ରାନ୍ସର ନୂଆ ପ୍ରଧାନମନ୍ତ୍ରୀ ସେବାଷ୍ଟିଆନ୍ ଲେକୋର୍ନୁ ସୋମବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଲକୋର୍ନୁ ରବିବାର ମନ୍ତ୍ରିମଣ୍ଡଳ ଗଠନ କରିଥିଲେ। ୧୪ ଘଣ୍ଟା ପରେ ତାଙ୍କ ଇସ୍ତଫା ଫଳରେ ନୂଆ ସରକାର ଭାଙ୍ଗିଯିବା ସହ ରାଜନୈତିକ ସଙ୍କଟ ସୃଷ୍ଟି ହୋଇଛି। ରାଷ୍ଟ୍ରପତି ଏମାନୁଏଲ୍ ମାକରଁ ତାଙ୍କ ଇସ୍ତଫାପତ୍ର ଗ୍ରହଣ କରଛନ୍ତି। ଲେକୋର୍ନୁ ମନୋନୀତ କରିଥିବା ମନ୍ତ୍ରୀମାନଙ୍କୁ ବିଶେଷକରି ପୂର୍ବତନ ଅର୍ଥମନ୍ତ୍ରୀ ବ୍ରୁନୋ ଲେ ମାଇରେଙ୍କୁ ପ୍ରତିରକ୍ଷା ମନ୍ତ୍ରଣାଳୟ ଦାୟିତ୍ୱ ଦେବା ନିଷ୍ପତ୍ତି ବିଭିନ୍ନ ମହଲରେ ସମାଲୋଚିତ ହୋଇଥିଲା। ଏପରିକି ସରକାର ଭାଙ୍ଗିଦେବାକୁ ମଧ୍ୟ ତାଙ୍କ ସହଯୋଗୀ ଓ ବିରୋଧୀମାନେ ଧମକ ଦେଇଥିଲେ।

### ଦାର୍ଜିଲିଂ ଭୂସ୍ଖଳନ: ଯୋଜନାବିହୀନ ସହରୀକରଣ ଦାୟୀ


ଦାର୍ଜିଲିଂ,୬।୧୦

ପଶ୍ଚିମବଙ୍ଗର ଦାର୍ଜିଲିଂରେ ପ୍ରବଳ ବର୍ଷା ଓ ଭୂସ୍ଖଳନଜନିତ ମୃତ୍ୟୁସଂଖ୍ୟା ୨୪ରେ ପହଞ୍ଚିଥିବାବେଳେ ପରିବେଶବିତ୍‌ମାନେ ଏହାକୁ ମନୁଷ୍ୟକୃତ ବିପର୍ଯ୍ୟୟ କହିଛନ୍ତି। ଦୀର୍ଘ ଦଶନ୍ଧି ଧରି ଗଛକଟା, ଯୋଜନାବିହୀନ ସହରୀକରଣ ଏବଂ ନିମ୍ନମାନର ପରିଚାଳନା ହିମାଳୟ ପାଦଦେଶ ଅଞ୍ଚଳ ପାଇଁ ବିପର୍ଯ୍ୟୟକୁ ଡାକିଆଣିଥିବା ସେମାନେ ମତ ଦେଇଛନ୍ତି। ବିପର୍ଯ୍ୟୟ ଯୋଜନାର ବିକେନ୍ଦ୍ରୀକରଣ, ନିର୍ମାଣ ନିୟମାବଳୀ କଡ଼ାକଡ଼ି ଲାଗୁ ଏବଂ ଜଳବାୟୁସମ୍ବେଦୀ ବିକାଶ ହିମାଳୟକୁ ବିପର୍ଯ୍ୟୟରୁ ରକ୍ଷା କରିପାରିବ। ମାନବୀୟ ଅବହେଳାରୁ ସୌନ୍ଦର୍ଯ୍ୟଭରା ଦାର୍ଜିଲିଂ ଏବେ ଧ୍ୱଂସାବଶେଷ ସ୍ଥାନରେ ପରିଣତ ହୋଇଛି।

# ଗାଜା ଯୁଦ୍ଧକୁ ୨ ବର୍ଷ, ଶାନ୍ତି ଉଦ୍ୟମ ଜାରି

କାଏରୋ,୬।୧୦(ଏ.ପି./ରଏଟର୍ସ)

୨୦୨୩ ଅକ୍ଟୋବର ୭ରେ ଗାଜାର ସଶସ୍ତ୍ର ଶାସକ ହମାସ୍ ଇସ୍ରାଏଲ୍ ଉପରେ ଅତର୍କିତ ଆକ୍ରମଣ କରିଥିଲା। ଏଥିରେ ୧,୨୦୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ହମାସ୍ ୨୫୧ ଜଣଙ୍କୁ ପଣବନ୍ଦୀ କରିନେଇଥିଲା। ଏହାର ଜବାବରେ ଇସ୍ରାଏଲ୍ ଗାଜା ଷ୍ଟ୍ରିପ୍ ଉପରେ ଆକ୍ରମଣ କରିଥିଲା, ଯାହାକି ଅଦ୍ୟାବଧି ଜାରି ରହିଛି। ଯୁଦ୍ଧକୁ ମଙ୍ଗଳବାର ୨ ବର୍ଷ ପୂରୁଥିବାବେଳେ ଆମେରିକା, କାତାର ଓ ଇଜିପ୍ଟ ମଧ୍ୟସ୍ଥତାରେ ଶାନ୍ତି ପ୍ରତିଷ୍ଠା ଉଦ୍ୟମ ଚାଲିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୨୦-ସୂତ୍ରୀ ଶାନ୍ତି ଯୋଜନାକୁ ବାସ୍ତବ ରୂପ ଦେବା ପାଇଁ ଇସ୍ରାଏଲୀ ଅଧିକାରୀମାନେ ଇଜିପ୍ଟରର ଶାର୍ମ ଏଲ୍-ଶେଖସ୍ଥିତ ରେଡ୍ ସି ରିସର୍ଟରେ ଏକାଠି ହୋଇଛନ୍ତି। ଇସ୍ରାଏଲ୍ ପକ୍ଷରୁ ପ୍ରତିନିଧି ଦଳର ନେତୃତ୍ୱ ରୋନ୍ ଡେରମର ନେଉଛନ୍ତି। ହମାସ୍‌ର ଡେଲିଗେଶନ୍‌କୁ ଖଲିଲ ଅଲ୍-ହୟାହ ଲିଡ୍ କରୁଛନ୍ତି। ଆମେରିକାର ମଧ୍ୟପ୍ରାଚ୍ୟ ପ୍ରତିନିଧି ଷ୍ଟିଭ୍ ୱିଟ୍‌କୋଫ୍ ଏବଂ ରାଷ୍ଟ୍ରପତି ଟ୍ରମ୍ପଙ୍କ ଜ୍ୱାଇଁ ଜରେଡ୍ କୁଶନେର ମଧ୍ୟ ଏହି ରିସର୍ଟରେ ପହଞ୍ଚିଥିବା ଜଣାପଡ଼ିଛି।


ଶାନ୍ତି ଆଲୋଚନା ମଧ୍ୟରେ ଇସ୍ରାଏଲ୍‌ର ରକେଟ୍ ମାଡ଼ରେ ଗାଜା ଷ୍ଟ୍ରିପ୍‌ର କୋଠଗୁଡ଼ିକରୁ ଧୂଆଁ ଉଠୁଛି।

# ୩୦୦ କୋଟି କ୍ଲବ୍‌ରେ 'କାନ୍ତାରା: ଚାପ୍ଟର ୧'

ବେଙ୍ଗାଲୁରୁ



ଅଭିନେତା ରିଷବ ଶେଟ୍ଟୀଙ୍କ 'କାନ୍ତାରା: ଚାପ୍ଟର ୧' ଫିଲ୍ମ ଗତ ୨ ତାରିଖରେ ରିଲିଜ୍ ହୋଇଥିଲା। ରିଲିଜ୍ ହେବାର ୪ ଦିନ ମଧ୍ୟରେ ଏହି ଫିଲ୍ମ ବିଶ୍ୱବ୍ୟାପୀ ୩୩୫ କୋଟି ଟଙ୍କା ରୋଜଗାର କରିଛି। କେବଳ ଭାରତୀୟ ସିନେମା ହଲଗୁଡ଼ିକରୁ ଏହି ଫିଲ୍ମ ୨୨୩.୭୫ କୋଟି ଟଙ୍କାର ବ୍ୟବସାୟ କରିଛି। ଗୁରୁବାର ରିଲିଜ୍ ହେବା ଦିନ ଏହି ଫିଲ୍ମ ଘରୋଇ ବକ୍ସ ଅଫିସରୁ ୬୧.୮୫ କୋଟି ଟଙ୍କା ରୋଜଗାର କରିଥିଲା। ସେହିପରି ଶୁକ୍ରବାର, ଶନିବାର ଏବଂ ରବିବାର ଏହି ଫିଲ୍ମ ଭାରତୀୟ ସିନେମାହଲ୍‌ଗୁଡ଼ିକରୁ ଯଥାକ୍ରମେ ୪୫.୪, ୫୫ ଏବଂ ୬୧.୫ କୋଟି ଟଙ୍କା ବ୍ୟବସାୟ କରିଛି। ଏହାସହ 'କାନ୍ତାରା: ଚାପ୍ଟର ୧' ଫିଲ୍ମ ଚଳିତ ବର୍ଷ ବିଶ୍ୱବ୍ୟାପୀ ସର୍ବାଧିକ ରୋଜଗାର କରିଥିବା ୫ ଭାରତୀୟ ଫିଲ୍ମ ମଧ୍ୟରେ ସ୍ଥାନ ପାଇଛି।




# ପୁରୀରେ ପହଞ୍ଚିଲେ ହବିଷିଆଳି

**ପୁରୀ,୬।୧୦(ଅଜିତ କୁମାର ମହାନ୍ତି)**

## ଆଜିଠୁ କାର୍ତ୍ତିକ ବ୍ରତ

ଚଳିତବର୍ଷର କାର୍ତ୍ତିକ ବ୍ରତ ବା ରାଇଦାମୋଦର ବ୍ରତ ମଙ୍ଗଳବାରଠାରୁ ଆରମ୍ଭ ହୋଇ ନଭେମ୍ବର ୫ରେ ସରିବ। ବ୍ରତ ପାଳନ ପାଇଁ ହବିଷିଆଳିମାନେ ସୋମବାର ପୁରୀରେ ଆସି ପହଞ୍ଚିଛନ୍ତି। ସେହିପରି ଅନ୍‌ଲାଇନ ମାଧ୍ୟମରେ ଆବେଦନ କରି ଯୋଗ୍ୟ ବିବେଚିତ ହୋଇଥିବା ହବିଷିଆଳିମାନେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ କେନ୍ଦ୍ରଗୁଡ଼ିକରେ ପହଞ୍ଚିବା ପରେ ନାମ ପଞ୍ଜୀକରଣ କରାଇ ନିଜ ନିଜ କୋଠରିକୁ ଯାଇଥିଲେ। ସରକାରଙ୍କ ପକ୍ଷରୁ ବୃନ୍ଦାବତୀ ନିବାସ, ରେଲୱେ ପର୍ଯ୍ୟଟକ କମ୍ପ୍ଲେକ୍ସ, ବଗଲା ଧର୍ମଶାଳା ଓ ମୋଚିସାହି ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପରେ ହବିଷିଆଳି କେନ୍ଦ୍ର ଖୋଲାଯାଇଛି। ସୋମବାର ସନ୍ଧ୍ୟା ସୁଦ୍ଧା ୧୯୫୦ ହବିଷିଆଳି ବିଭିନ୍ନ କେନ୍ଦ୍ରରେ ରହିଥିବା ସୂଚନା ମିଳିଛି। ପୂର୍ବାହ୍ନରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସମସ୍ତ କେନ୍ଦ୍ର ପରିଦର୍ଶନ କରିଥିଲେ। ପଞ୍ଜୀକରଣ କାର୍ଯ୍ୟ ସହ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥାକୁ ଜିଲାପାଳ ଅନୁଧ୍ୟାନ କରି ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ଠିକ୍ ଭାବେ କର୍ତ୍ତବ୍ୟ ତୁଲାଇବାକୁ ପରାମର୍ଶ ଦେଇଥିଲେ। ଯେପରି କୌଣସି କ୍ଷେତ୍ରରେ ହବିଷିଆଳି ମା'ମାନଙ୍କର ଅସୁବିଧା ନ ହୁଏ, ସେଥିପ୍ରତି ଯତ୍ନବାନ ହେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପରେ ସେ ହବିଷିଆଳି ଓ ସ୍ୱେଚ୍ଛାସେବୀମାନଙ୍କ ସହ ଆଲୋଚନା କରିଥିଲେ। କେନ୍ଦ୍ରଗୁଡ଼ିକରେ ବରିଷ୍ଠ ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବିଭାଗର କର୍ମଚାରୀ, ସ୍ୱେଚ୍ଛାସେବୀ, ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା କାର୍ଯ୍ୟରତ ଅଛନ୍ତି। ଅନ୍ୟପକ୍ଷରେ ସମସ୍ତ ତୀର୍ଥ ପୁଷ୍କରିଣୀରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୁରକ୍ଷା ଦାୟିତ୍ୱରେ ୨୨ ପ୍ଲାଟୁନ ପୋଲିସ ଫୋର୍ସ, ୪ ଜଣ ଅତିରିକ୍ତ ଏସ୍‌ପି, ୧୫ ଡିଏସ୍‌ପି, ୧୫ ଇନ୍ସପେକ୍ଟର, ୬୫ ସବ୍‌ଇନ୍ସପେକ୍ଟର, ୧୦୦ କନଷ୍ଟେବଳ ମୁତୟନ ରହିବେ ବୋଲି ଏସ୍‌ପି ପ୍ରତୀକ ସିଂ କହିଛନ୍ତି।



ବୃନ୍ଦାବତୀ ନିବାସ କେନ୍ଦ୍ରରେ ପହଞ୍ଚିଥିବା ହବିଷିଆଳିମାନେ। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

## ସମବାୟ ନୀତି-୨୦୨୫ ଲାଗି ମତାମତ ଲୋଡ଼ିଲା ବିଭାଗ

**ଭୁବନେଶ୍ୱର, ୬।୧୦(ସୁନିତ୍ ମିଶ୍ର)**

ରାଜ୍ୟରେ ସମବାୟ କ୍ଷେତ୍ରକୁ ଅଧିକ ସଶକ୍ତ, କ୍ରିୟାଶୀଳ ଓ ବହୁମୁଖୀ କରିବା ଲକ୍ଷ୍ୟରେ 'ଓଡ଼ିଶା ରାଜ୍ୟ ସମବାୟ ନୀତି-୨୦୨୫' ପ୍ରକାଶ ପାଇବାକୁ ଯାଉଛି। ଏହିକ୍ରମରେ ଏକ ଚିଠା ସମବାୟ ନୀତି ପ୍ରସ୍ତୁତ କରାଯାଇ ଜନସାଧାରଣଙ୍କ ସୁଚିନ୍ତିତ ମତାମତ/ପ୍ରସ୍ତାବ ରଖିବାକୁ ସମବାୟ ବିଭାଗ ପକ୍ଷରୁ ନିବେଦନ କରାଯାଇଛି। ଚିଠା ନୀତି ସମବାୟ ବିଭାଗର ୱେବସାଇଟ 'http://coop.odisha.gov.in' ରେ ଉପଲବ୍ଧ ଅଛି। ଜନସାଧାରଣ, ସମବାୟବିତ୍, ବୁଦ୍ଧିଜୀବୀ ସେମାନଙ୍କ ମତାମତ/ପ୍ରସ୍ତାବ ଇମେଲ୍: coopsec.or@od.gov.in /cooperationodisha@gmail.comରେ ପଠାଇପାରିବେ। ସୂଚନାଯୋଗ୍ୟ, କେନ୍ଦ୍ର ସମବାୟ ମନ୍ତ୍ରଣାଳୟ ପକ୍ଷରୁ ଚିଠା ସମବାୟ ନୀତି ପ୍ରକାଶ ପାଇଛି। କେନ୍ଦ୍ର ସରକାରଙ୍କ ପ୍ରସ୍ତାବକ୍ରମେ ରାଜ୍ୟ ସମବାୟ ବିଭାଗ ଚିଠା ନୀତି ପ୍ରସ୍ତୁତ କରିଛି। ଏକ ସମୟୋପଯୋଗୀ, ବ୍ୟବହାରିକ ଓ ଉନ୍ନତ ସମବାୟ ନୀତି ପ୍ରସ୍ତୁତ କରିବା ପାଇଁ ସମବାୟ ବିଭାଗ ପକ୍ଷରୁ ଜନସାଧାରଣଙ୍କ ସୁଚିନ୍ତିତ ମତାମତ/ପ୍ରସ୍ତାବ ଆହ୍ୱାନ କରାଯାଇଛି।

# ଯୁକ୍ତ୨ ଫର୍ମ ପୂରଣ ପାଇଁ ତାରିଖ ଘୋଷଣା

**ଭୁବନେଶ୍ୱର,୬।୧୦ (ସୁଚିସ୍ମିତା ସାହୁ)**

### ୧୩ରୁ ଏକ୍ସ-ରେଗୁଲାର, ୨୦ରୁ ରେଗୁଲାର

ଆସନ୍ତା ୨୦୨୬ରେ ହେବାକୁ ଥିବା ଯୁକ୍ତ ୨ ପରୀକ୍ଷା ପାଇଁ ଫର୍ମ ପୂରଣ ତାରିଖ ସୋମବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପକ୍ଷରୁ ଘୋଷଣା କରାଯାଇଛି। କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ପାଠ୍ୟକ୍ରମର ଉଭୟ ରେଗୁଲାର ଓ ଏକ୍ସ ରେଗୁଲାର ପରୀକ୍ଷାର୍ଥୀମାନେ ଫର୍ମ ପୂରଣ କରିବେ। ରେଗୁଲାର ପରୀକ୍ଷାର୍ଥୀମାନେ ଅକ୍ଟୋବର ୨୦ରୁ ନଭେମ୍ବର ୬ ପର୍ଯ୍ୟନ୍ତ ଫର୍ମ ପୂରଣ କରିପାରିବେ। ସେହିପରି ଏକ୍ସ-ରେଗୁଲାର ଫର୍ମ ପୂରଣ ପାଇଁ ଅକ୍ଟୋବର ୧୩ରୁ ୨୫ ତାରିଖ ଧାର୍ଯ୍ୟ କରାଯାଇଛି। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସିଏଚ୍‌ଏସ୍‌ଇ ଅଧୀନରେ ଥିବା ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଓ ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଚିଠି ଲେଖି ଜଣାଇଛନ୍ତି।

ଫର୍ମ ପୂରଣ ପାଇଁ ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କୁ ୬୦୦ଟଙ୍କା ସହିତ ମାଇଗ୍ରେଶନ ସାର୍ଟିଫିକେଟ ପାଇଁ ୧୦୦ ଟଙ୍କା ଏବଂ ପାସ୍ ସାର୍ଟିଫିକେଟ ପାଇଁ ୧୦୦ ଟଙ୍କା ପୈଠ କରିବାକୁ ପଡ଼ିବ। ଏହାସହିତ ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କୁ ନିଜ ବିଷୟ ଅନୁଯାୟୀ ପ୍ରୋଜେକ୍ଟ ୱାର୍କ/ପ୍ରାକ୍ଟିକାଲ ପରୀକ୍ଷା/ ଇଭାଲ୍ୟୁଏଶନ କିମ୍ବା ଇଣ୍ଟରନାଲ ପରୀକ୍ଷା ପାଇଁ ପ୍ରତି ପେପର ପିଛା ୪୦ ଟଙ୍କା ଲେଖାଏ ଦାଖଲ କରିବାକୁ ପଡ଼ିବ। ଯେଉଁ ପରୀକ୍ଷାର୍ଥୀମାନେ ବିଳମ୍ବରେ ଫର୍ମ ପୂରଣ କରିବେ, ସେମାନଙ୍କୁ ଅତିରିକ୍ତ ଦେୟ ବା ଫାଇନ ଦେବାକୁ ପଡ଼ିବ। ଫର୍ମ ପୂରଣ କରିବା ପାଇଁ ଦିଆଯାଇଥିବା ନିର୍ଦ୍ଧାରିତ ତାରିଖ ପରେ ଅର୍ଥାତ୍ ନଭେମ୍ବର ୧୦ରୁ ୧୪ ମଧ୍ୟରେ ଫର୍ମ ପୂରଣ କଲେ ୨୦୦ ଟଙ୍କା ଫାଇନ ଦେବାକୁ ପଡ଼ିବ। ଯଦି ଏହି ସମୟରେ ପରୀକ୍ଷାର୍ଥୀମାନେ ଫର୍ମ ପୂରଣ କରିପାରିବେ ନାହିଁ, ତେବେ ସେମାନେ ନଭେମ୍ବର ୧୭ରୁ ୧୯ ଭିତରେ ଫର୍ମ ପୂରଣ କରିବା ପାଇଁ ପରିଷଦ ପକ୍ଷରୁ ସୁଯୋଗ ଦିଆଯିବ। କିନ୍ତୁ ଏଥିନିମନ୍ତେ ଅତିରିକ୍ତ ଦେୟ ୬୦୦ ଟଙ୍କା ପଇଠ କରିବାକୁ ପଡ଼ିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

# ୪୪ ଓଏଏସ୍ ଅଧିକାରୀଙ୍କ ବଦଳି

**ଭୁବନେଶ୍ୱର, ୬।୧୦ (ରବିନାରାୟଣ ଜେନା)**

ରାଜସ୍ୱ ଏବଂ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ୪୪ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍)ଅଧିକାରୀଙ୍କୁ ସୋମବାର ବଦଳି କରାଯାଇଛି। ରାଜସ୍ୱ ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ଆଲୋମଣି ସେଠୀ ୩୮ ଓଏଏସ୍ ଅଧିକାରୀଙ୍କ ବଦଳି ବିଜ୍ଞପ୍ତି ଜାରି କରିଥିବାବେଳେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଏମ୍. କେ. ସେଠୀ ୬ଜଣଙ୍କ ବିଜ୍ଞପ୍ତି ଜାରି କରିଛନ୍ତି। ରାଜସ୍ୱ ବିଭାଗର ବିଜ୍ଞପ୍ତି ଅନୁଯାୟୀ, ଥୁଆମୂଳ ରାମପୁର ତହସିଲଦାର ନିରୋଜ କୁମାର ଭର୍ତ୍ତାଙ୍କୁ ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ଭାବେ ବଦଳି କରାଯାଇଥିବାବେଳେ ରାୟଗଡା କୋଲନରା ତହସିଲଦାର ଆକାଶ ରଞ୍ଜନ ସାହୁଙ୍କୁ ପଞ୍ଚାୟତିରାଜ ବିଭାଗକୁ ବଦଳି କରାଯାଇଛି। ସେହିପରି ଟିକୁନୁ ପାତ୍ରଙ୍କୁ ବଲାଙ୍ଗୀର ଲୋଇସିଂହାର ତହସିଲଦାର ଭାବେ ବଦଳି କରାଯାଇଥିବାବେଳେ ଆଉ ୩୫ କନିଷ୍ଠ ଓଏଏସ୍ ଅଧିକାରୀଙ୍କୁ ବିଭିନ୍ନ ସ୍ଥାନକୁ ବଦଳି କରାଯାଇଛି। ଅନୁରୂପ ଭାବେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ୬ ଓଏଏସ୍ ଅଧିକାରୀଙ୍କୁ ବିଡିଓ ଭାବେ ବଦଳି କରାଯାଇଛି। ସେମାନଙ୍କ ମଧ୍ୟରେ ଜୟଜଗତ ସାହୁ, ସାର୍ଥକ ସୌରଭ ମହାପାତ୍ର, ଶୁଭଙ୍କରୀ ସୁଦେଷ୍ଣା ଦାଶ, ବିବେକାନନ୍ଦ ମିଶ୍ର, ନମିତା ବାରିକ ଏବଂ ଶରତ ଚନ୍ଦ୍ର ମଲ୍ଲିକ ରହିଛନ୍ତି।

# ବର୍ଷା: ଆଜି ୨୦ ଜିଲାକୁ ୟେଲୋ ୱାର୍ନିଂ

**ଭୁବନେଶ୍ୱର, ୬।୧୦ (ବନ୍ଦନା ସେଠୀ)**

ଟ୍ରଫ୍ ଲାଇନ୍ ପ୍ରଭାବରେ ରାଜ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଲାଗି ରହିଛି। ଏଥିସହ ୩ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ପୁରୀଠାରେ ସର୍ବାଧିକ ୭୭.୨ ମି.ମି. ବର୍ଷା ରେକର୍ଡ କରାଯାଇଥିବାବେଳେ ଭଦ୍ରକ ଚାନ୍ଦବାଲିରେ ୫୬.୪ ମି.ମି ଏବଂ ସୋନପୁରଠାରେ ୩୨.୨ ମି.ମି. ବର୍ଷା ହୋଇଥିବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଡ. ମନୋରମା ମହାନ୍ତି କହିଛନ୍ତି, ଆଗାମୀ ୨୪ ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ବର୍ଷା ଲାଗି ରହିବ। ମଙ୍ଗଳବାର ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଆଦି ୨୦ଟି ଜିଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।

NOTICE FOR EXTENSION OF E-TENDER SUBMISSION DATE
STATE INSTITUTE OF HOTEL MANAGEMENT
TITILAGARH ROAD,BALANGIR - 767001 (ODISHA)
No. 624 /SIHM/2025-26/Tender Notice Date: 06.10.2025
In continuation of E-Tender NIT No.578/SIHM/2025-26/E-Tender, dated 10.09.2025, the last date for submission of E-Tender documents for the Supply/Contract of the following items for a period of 7 months (from 1st November 2025 to 31st May 2026) has been extended by 30 days:
Items under Tender:
1. Sec-A:- Groceries, Tins and Bottle Products etc.
2. Sec-B:- Vegetables, Fruits, Milk and Milk Products etc.
3. Sec-C:- Mutton, Chicken, Fish, Egg and other Non-veg items etc.
4. Sec-D:- Cleaning Material
Revised Schedule:
Last Date for submission: 04/11/2025 up to 05.00 P.M
Date & Time of Tender Opening: 06/11/2025 at 11.00 A.M
All other terms and conditions of the tender remain unchanged.
For detailed information and corrigendum, please visit the e-tender portal: www.tenderwizard.com/SIHM and the Official website: www.sihmbalangir.org
Sd/-
Principal

# ଯୁବକଙ୍କୁ ଦଳିଦେଲା ଦନ୍ତା

**ଲାଞ୍ଜିଗଡ଼,୬।୧୦ (ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ କାତୁଲବାଇ ଗାଁର ଜଣେ ଯୁବକଙ୍କୁ ଏକ ଦନ୍ତାହାତୀ ପାଦରେ ଦଳି ମାରିଦେଇଛି। ମୃତକ ହେଲେ ଉକ୍ତ ଗ୍ରାମର ଅନିଲ ମାଝୀ (୧୮)। ସୂଚନା ଅନୁସାରେ ରବିବାର ସକାଳେ ଅନିଲ ଗାଁର ଅନ୍ୟ ଯୁବକମାନଙ୍କ ସହ ନିଜ ଗାଈ ଓ ଛେଳିକୁ ନେଇ ନିକଟସ୍ଥ ବରୀ ଜଙ୍ଗଲକୁ ଚରାଇବା ପାଇଁ ଯାଉଥିବା ବେଳେ ହଠାତ୍ ଏକ ହାତୀ ସେମାନଙ୍କ ସାମ୍ନାକୁ ଚାଲିଆସିଥିଲା। ହାତୀ ଦେଖି ପ୍ରାଣ ବିକଳରେ ଅନ୍ୟ ଗାଈ ଚରାଳିମାନେ ଦୌଡ଼ି ପଳାଇ ଯାଇଥିବା ବେଳେ ଅନିଲ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ଆକ୍ରମଣ ଦେଖି ଅନ୍ୟ ପିଲାମାନେ ପାଟି କରିବାରୁ ହାତୀ ଛାଡି ପଳାଇଥିଲା। ଗୁରୁତର ଅବସ୍ଥାରେ ଅନିଲଙ୍କୁ ଡାକ୍ତରଖାନା ନିଆଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବିଶ୍ୱନାଥପୁର ଏସିଏଫ୍ ନରୋତ୍ତମ ମାଝୀ ଓ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏସିଏଫ୍ ମାଝୀ ବିଶ୍ୱନାଥପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨/୨୫) ରୁଜୁ କରିଛି। ସୋମବାର ବିଶ୍ୱନାଥପୁର ଥାନାଧିକାରୀ ତୁଳସିରାମ ଶବରଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀ ଗାଁକୁ ଯାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି। ଅନିଲଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଶିକାର କରିବାକୁ ଯାଇ ନିଜେ ଶିକାର ହେଲେ

**ଲାଞ୍ଜିଗଡ଼, ୬।୧୦ (ରମେଶ ଚନ୍ଦ୍ର ନାୟକ)**

ଶିକାର କରିବାକୁ ଯାଇ ନିଜେ ଶିକାର ହୋଇଛନ୍ତି ଜଣେ ଯୁବକ। ନିଜ ବନ୍ଧୁକରୁ ଗୁଳି ଫୁଟି ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ଖିଲ୍ଲାଭଟା ଗାଁର ସଦା ଗଉଡ଼(୪୫)। ସୂଚନା ଅନୁସାରେ, ଖିଲ୍ଲାଭଟା ଗାଁର ସଦାଙ୍କ ସହ ତାଙ୍କର ୩ ସାଙ୍ଗ ଲଛମନ ଗଉଡ଼, ଯଦୁମଣି ଗଉଡ଼ ଓ ଗୋପୀନାଥ ଗଉଡ଼ ଶନିବାର ସକାଳୁ ଗାଁ ନିକଟ ଜଙ୍ଗଲକୁ ଶିକାର କରିବାକୁ ଯାଇଥିଲେ। ସମସ୍ତେ ଜଙ୍ଗଲରେ ଶିକାର ଅନ୍ବେଷଣରେ ବୁଲୁଥିବା ବେଳେ ଆଗରେ ଚାଲୁଥିବା ସଦା ଏକ ପଥରରେ ଝୁଣ୍ଟି ପଡ଼ିଥିଲେ। ସେହି ସମୟରେ ସେ ନିଜେ ଧରିଥିବା ବନ୍ଧୁକରୁ ଗୁଳିଫୁଟି ତାଙ୍କ ଶରୀର ଭେଦ କରିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ସାଥୀମାନେ କହିଛନ୍ତି। ଏ ନେଇ ସାଙ୍ଗମାନେ ତାଙ୍କ ଘରକୁ ଖବର ଦେବା ସହ ମୃତଦେହ ଆଣି ଗାଁ ନିକଟରେ ଜଗିରହିଥିଲେ। ରବିବାର ସକାଳେ କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ ମାଝୀଙ୍କ ସମେତ ନର୍ଲା ଥାନାଧିକାରୀ ବିଜୟରାଜ ମାଝୀ ଓ ପୋଲିସ ଟିମ୍ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି। ଏହି ଘଟଣାରେ ପୋଲିସ ଲଛମନ, ଯଦୁମଣି ଓ ଗୋପୀନାଥଙ୍କୁ ଅଟକ ରଖିବା ସହିତ ଏକ ଦେଶୀ ବନ୍ଧୁକ ଜବତ କରିଛି। ଏ ନେଇ ନର୍ଲା ଥାନାରେ ଏକ ମାମଲା (ନଂ.୨୩୮/୨୫) ରୁଜୁ ହୋଇଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଦୈନିକ ୧୦ଘଣ୍ଟା କାର୍ଯ୍ୟ ନିଷ୍ପତ୍ତି ବାତିଲ ଦାବିରେ ଧାରଣା



୯ ଶ୍ରମିକ ସଙ୍ଗଠନ ପକ୍ଷରୁ ଭୁବନେଶ୍ୱରସ୍ଥିତ ରାଜ୍ୟ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

**ଭୁବନେଶ୍ୱର, ୬।୧୦ (ବନ୍ଦନା ସେଠୀ)**

କର୍ମଚାରୀମାନେ ଦୈନିକ ୧୦ଘଣ୍ଟା କାର୍ଯ୍ୟ କରିବା ନେଇ ସେପ୍ଟେମ୍ବର ୨୯ରେ ରାଜ୍ୟ କ୍ୟାବିନେଟ୍‌ରେ ନିଷ୍ପତ୍ତି ହୋଇଛି। ଏହାକୁ ବିରୋଧ କରିବା ସହ ରାତିରେ ମହିଳା କର୍ମଚାରୀ କାର୍ଯ୍ୟ କରିବା ଅନୁମତିକୁ ତୁରନ୍ତ ବାତିଲ ଦାବିରେ ୯ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ସୋମବାର ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏହି ଅବସରରେ ଶ୍ରମ ଆୟୁକ୍ତଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ଶ୍ରମ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। କାରଖାନା ଆଇନ ଧାରା ୫୧ ଓ ୫୪କୁ ସଂଶୋଧନ କରି କର୍ପୋରେଟ୍ ମାଲିକମାନଙ୍କୁ ମୁନାଫା ଦେବା ଲାଗି ସରକାରଙ୍କ ଶ୍ରମିକମାରଣ ନୀତି ଓ ଶ୍ରମ ଲୁଟ୍ ପ୍ରୟାସ ବନ୍ଦ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ସରକାର ଶ୍ରମିକମାନଙ୍କ ଲାଗି ଶ୍ରମ ଆଇନରେ କୌଣସି ସଂଶୋଧନ କଲାବେଳେ ଶ୍ରମିକ ସଂଗଠନଗୁଡ଼ିକ ସହିତ ଆଲୋଚନା ନ କରିବା ଭାରତୀୟ ସମ୍ବିଧାନକୁ ଉଲ୍ଲଂଘନ କରୁଛି। ଶ୍ରମିକମାନଙ୍କୁ ଦୈନିକ ୧୦ଘଣ୍ଟା କାମ କରାଇବା ଆନ୍ତର୍ଜାତିକ ଶ୍ରମିକ ସଂଗଠନ ଧାରା-୧କୁ ଉଲ୍ଲଂଘନ କରିବା ସହିତ ଭାରତୀୟ ଆଇଏଲ୍‌ସିର ନିଷ୍ପତ୍ତିକୁ ମଧ୍ୟ ଅବମାନନା କରୁଛି। ତେଣୁ ସରକାର ତୁରନ୍ତ ଶ୍ରମିକ ସଂଗଠନଗୁଡିକ ସହିତ ଏନେଇ ଆଲୋଚନା କରି ନିଷ୍ପତ୍ତିରେ ପରିବର୍ତ୍ତନ ଆଣିବାକୁ ଦାବି କରାଯାଇଛି।

କେନ୍ଦ୍ରୀୟ ଶ୍ରମିକ ସଂଗଠନର ମହେନ୍ଦ୍ର ପରିଡ଼ାଙ୍କ ନେତୃତ୍ୱରେ ଅନୁଷ୍ଠିତ ଧାରଣାରେ ଆଇଏନ୍‌ଟିୟୁସି ନେତା କିଶୋର ଜେନା, ପ୍ରଣତି ମିଶ୍ର, ଏଆଇଟିୟୁସି ନେତା ବିଜୟ ଜେନା, ସୁର ଜେନା, ଏଚ୍‌ଏମ୍‌ଏସ୍ ନେତା ବି.ଏନ. ମହାପାତ୍ର, ସିଆଇଟିୟୁ ନେତା ବିଷ୍ଣୁ ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଭାଜପା ଶାସିତ ରାଜ୍ୟଗୁଡ଼ିକ ଶ୍ରମିକ/କର୍ମଚାରୀଙ୍କ ମଜୁରି ବୃଦ୍ଧି ନ କରି କର୍ପୋରେଟ୍‌ମାନଙ୍କୁ ମୁନାଫା ଦେବା ଲାଗି ଏହି ପ୍ରକାର ଶ୍ରମିକ ବିରୋଧୀ ନୀତି ଆପଣାଇବା ସହ ଶ୍ରମ କୋଡ୍ ଲାଗୁ କରିବା ଲାଗି ଚେଷ୍ଟା କରୁଛନ୍ତି। ଏହାକୁ କେବେ ବରଦାସ୍ତ କରାଯିବ ନାହିଁ ବୋଲି ସେମାନେ କହିଛନ୍ତି।



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ବାଲିଯାତ୍ରା ସାଂସ୍କୃତିକ ମହୋତ୍ସବ ୨୦୨୫ ଭୂମିପୂଜା, ସ୍ଥାନ: ବାଲିଯାତ୍ରା ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଆ ସାହିତ୍ୟ ଏକାଡେମୀ ପକ୍ଷରୁ ଆଦିକବି ମହର୍ଷି ବାଲ୍ମିକୀ ଜୟନ୍ତୀ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ଅପରାହ୍ନ ୪ଟା।
- ୟୁଥ୍ର ଗୋପିନାଥ ଜୟନ୍ତୀ ପାଳନ ଅବସରରେ ୨୫ତମ କୁମାର ଉତ୍ସବ ଓ ୟୁଥ୍ ପ୍ରତିଭା ସମ୍ମାନ ୨୦୨୫, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଡ୍ୟାନ୍ସ ଇମେଜ୍ ଏକାଡେମୀ ପକ୍ଷରୁ ଡ୍ୟାନ୍ସ ଇମେଜ୍ ଉତ୍ସବ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

**ବାଲେଶ୍ୱର**
- ପରିବେଶ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବାହାନଗର, ବାଲେଶ୍ୱର, ସମୟ: ସକାଳ ୯ଟା।
- ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଭଜନ ସମାରୋହ, ସ୍ଥାନ: ରାଉତପଡ଼ା, ରୂପସା, ସମୟ: ସନ୍ଧ୍ୟା ୬ଟା।

**ମୟୂରଭଞ୍ଜ**
- ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ପ୍ରସାଦ ବଣ୍ଟନ, ସ୍ଥାନ: ଚିତ୍ରଡ଼ା ତଳସାହି, ମୋରଡ଼ା, ସମୟ:ସକାଳ ୯ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗଡ଼ିଆ ଧବଣିଶୋଳ, ମୋରଡ଼ା, ସମୟ: ସନ୍ଧ୍ୟା ୭ଟା।
- ମୟୂରଭଞ୍ଜ ଆଇଡଲ୍ ଡ୍ୟାନ୍ସ ନାଇଟ୍, ସ୍ଥାନ: ତୁଳସୀଚଉରା ଦୁର୍ଗାପୂଜା ମଣ୍ଡପ, ବାରିପଦା,ସମୟ: ସନ୍ଧ୍ୟା ୭ଟା।

**ବ୍ରହ୍ମପୁର**
- ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଗୁଡ଼ସ ସେଡ ରୋଡ ଓ ଲେଲେନ୍ଦ୍ରପୁର ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ: ସକାଳ ୮ଟା।
- କୁମାର ପୁନେଇଁ ଜହ୍ନରେ କାର୍ଯ୍ୟକ୍ରମ, ସ୍ଥାନ: ଆଇଡିଆଲ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା।

**ଢେଙ୍କାନାଳ**
- କାଞ୍ଚନ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ପ୍ରତିମା ବିସର୍ଜନ, ସ୍ଥାନ: ଢେଙ୍କାନାଳ କାଞ୍ଚନ ବଜାର, ସମୟ: ସନ୍ଧ୍ୟା ୬ଟା ୩୦।
- ୪୦ତମ ନଟରାଜ କୁମାରୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଢେଙ୍କାନାଳ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୭ଟା।

**ଅନୁଗୋଳ**
- ବରିଷ୍ଠ ନାଗରିକଙ୍କ ଅଯୋଧ୍ୟା ଓ ବାରଣାସୀ ତୀର୍ଥ ଯାତ୍ରାର ଶୁଭାରମ୍ଭ, ସ୍ଥାନ: ଅନୁଗୋଳ ସଭାଘର, ସମୟ: ଅପରାହ୍ନ ୨ଟା।
- କାର୍ତ୍ତିକେଶ୍ୱର ପୂଜା ପାଇଁ ୧୦ରୁ ଅଧିକ ପୂଜା ମଣ୍ଡପ ପକ୍ଷରୁ ଶୁଭ ମାଟି ଅନୁକୂଳ, ସ୍ଥାନ: ମହାଭାରତପୁର, ସମୟ: ଅପରାହ୍ନ ୫ଟା।
- ଅନୁଗୋଳ ମେଳା ଶୁଭ ଉଦ୍ଘାଟନ, ସ୍ଥାନ: ବିଜୁ ମଇଦାନ, ସମୟ: ସନ୍ଧ୍ୟା ୬ଟା।

**ଜଗତସିଂହପୁର**
- ଡିଭେନ୍ଦ୍ରସ ଆସୋସିଏସନ ପକ୍ଷରୁ ସାଧାରଣ ବୈଠକ, ସ୍ଥାନ: ୟୁନିୟନ ପରିସର, ମହୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ନୂଆବଜାର ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ପାଲା ପ୍ରତିଯୋଗିତା, ସ୍ଥାନ: ପୂଜା ମଣ୍ଡପ, ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- କୁମାର ଉତ୍ସବ ସମିତିର ୫୨ ତମ ବାର୍ଷିକୋତ୍ସବ ଓ ପାଣି ଜୟନ୍ତୀ ଉଦ୍ଯାପନୀ ସଭା, ସ୍ଥାନ: ଜୟପ୍ରକାଶ ମଇଦାନ, ତିର୍ତ୍ତୋଲ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦାମବନ୍ଧୁ ସାହୁଙ୍କ ଶ୍ରଦ୍ଧାଞ୍ଜଳି, ସ୍ଥାନ: ତଫସିଲ ଛକ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଜଜଙ୍ଗ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ଉତ୍ସବର ଶାନ୍ତି କମିଟି ବୈଠକ, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୧ଟା।
- ମା' ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମଣ୍ଡିଆଳ, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

**ପ୍ରଥମ ପୃଷ୍ଠାରୁ...**

## କଟକରେ କର୍ଫ୍ୟୁ...

ଆକ୍ସନ ଫୋର୍ସ ମଧ୍ୟ ମୁତୟନ ରହିଛନ୍ତି। ସହରର ଗଳି, କନ୍ଦିରେ ପୋଲିସ ଫୋର୍ସ ପଇଁତରା ମାରୁଛନ୍ତି। କେବଳ ଜରୁରୀ କାର୍ଯ୍ୟ ପାଇଁ ଯାଉଥିବା ଲୋକଙ୍କୁ ପୋଲିସ ରାସ୍ତାରେ ଯିବା ପାଇଁ ଅନୁମତି ଦେଉଛି। ଚଳଚଞ୍ଚଳ ଥିବା ବାଦାମବାଡ଼ି, ଚାନ୍ଦିନୀଚୌକ, ମାଲଗୋଦାମ, ବାଲୁବଜାର ପୂରା ଶୂନଶାନ୍ ହୋଇଛି। ଲିଙ୍କ୍ ରୋଡ୍ ଦେଇ କଟକ ନେତାଜୀ ବସ୍ ଟର୍ମିନାଲକୁ ସ୍ୱଳ୍ପସଂଖ୍ୟକ ବସ୍ ଚଳାଚଳ କରୁଥିବା ଦେଖାଯାଇଛି। ପ୍ରତ୍ୟହ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଯାତ୍ରୀବାହୀ ବସ୍ ସଂଖ୍ୟା ହ୍ରାସ ପାଇଛି। ଦୋକାନ, ବଜାର ବନ୍ଦ ଥିବାରୁ ବସ୍‌ରେ ଯାତ୍ରୀଙ୍କ ସଂଖ୍ୟା ମଧ୍ୟ କମ୍ ରହିଛି। କାଁଭାଁ ଲୋକେ ବାଦାମବାଡ଼ି, ମଧୁପାଟଣା, ଓଏମ୍‌ପି ଆଦି ଅଞ୍ଚଳରେ ବସ୍‌କୁ ଅପେକ୍ଷା କରିଥିବା ଦେଖାଯାଇଥିଲା। ସେପଟେ ସହରରେ ସ୍ଥିତିକୁ ଦେଖି ରବିବାର ରାତି ୭ଟାରୁ ଲାଗୁ କରାଯାଇଥିବା ୨୪ ଘଣ୍ଟିଆ ଇଣ୍ଟରନେଟ କଟକଣାକୁ ଆଉ ୨୪ ଘଣ୍ଟା ବୃଦ୍ଧି କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଗୃହ ବିଭାଗକୁ ଅନୁମତି ମଗାଯାଇଥିଲା। ଗୃହ ବିଭାଗ ଏହାକୁ ଗ୍ରହଣ କରି ମଙ୍ଗଳବାର ରାତି ୭ଟା ପର୍ଯ୍ୟନ୍ତ ଇଣ୍ଟରନେଟ ସେବା କଟକଣାକୁ ଅନୁମତି ଦେଇଛନ୍ତି।

ଗଣ୍ଡଗୋଳ ସଂଘଟିତ ସ୍ଥଳ ଦରଘାବଜାରର କଦମରସୁଲ ସମେତ ଆଖପାଖ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସାଧାରଣ ଲୋକଙ୍କ ଯାତାୟାତ ଉପରେ କଟକଣା ଜାରି କରାଯାଉଛି। ସହରର ପ୍ରବେଶ ପଥଗୁଡ଼ିକୁ ପୋଲିସ ଛାଉଣି ଦ୍ୱାରା ବ୍ଲକିଂ କରାଯାଇଛି। ଅବାଧ ଯାତାୟାତକୁ ପ୍ରତିହତ କରିବା ପାଇଁ ପୋଲିସ୍ ଫୋର୍ସ ସବୁଠି ମୁତୟନ ରହିଛନ୍ତି। ପୋଲିସ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ପର୍ଯ୍ୟାୟକ୍ରମେ ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି। କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ଘଟଣାସ୍ଥଳରେ ଉପସ୍ଥିତ ଥିବାବେଳେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ, ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଡିଜିପି ଆଇନଶୃଙ୍ଖଳା ସଞ୍ଜୟ କୁମାର ପ୍ରମୁଖ ପରିଦର୍ଶନ କରି ସ୍ଥିତି ପରଖିଛନ୍ତି।

### କର୍ଫ୍ୟୁ ବଢ଼ିବା ନିଷ୍ପତ୍ତି ପରେ

କର୍ଫ୍ୟୁ ଅବଧି ବଢ଼ିବ କି ନାହିଁ ସେ ନେଇ ମଙ୍ଗଳବାର ପୋଲିସ ପକ୍ଷରୁ ସୂଚନା ଦିଆଯିବ। ସହରର ପରିସ୍ଥିତିକୁ ତର୍ଜମା କରାଯାଉଛି। କର୍ଫ୍ୟୁ ଅବଧି ସରିବା ପରେ ସ୍ଥିତି ଦେଖି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ଗଣ୍ଡଗୋଳ ଘଟଣାରେ ୮ ଗିରଫ, ୩ ମାମଲା

ଦରଘାବଜାରଠାରେ ରବିବାର ଘଟିଥିବା ଗଣ୍ଡଗୋଳ ଘଟଣାରେ ପୋଲିସ ୩ଟି ମାମଲା ରୁଜୁ କରିଛି। ଏଥିସହ ସିସିଟିଭି ଫୁଟେଜ ଯାଞ୍ଚ କରି ଗଣ୍ଡଗୋଳରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ପୋଲିସ ନେଇଛି। ଅଦ୍ୟାବଧି ୮ ଜଣଙ୍କୁ ଗିରଫ କରାଯାଇଥିବା ଜଣାଯାଇଛି।

### କଟକରେ ଶାନ୍ତି ଫେରୁଛି: ସଞ୍ଜୟ କୁମାର

କଟକକୁ ଶାନ୍ତି ଫେରୁଛି। ସହରରେ କର୍ଫ୍ୟୁ ଜାରି ରହିଛି। ହାଇକୋର୍ଟ ସମେତ ସରକାରୀ କାର୍ଯ୍ୟାଳୟଗୁଡ଼ିକ ଖୋଲା ରହିଛି। ରବିବାରର ଘଟଣା ପରେ ଆଉ କିଛି ଅଘଟଣ ବା ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। ଲୋକମାନଙ୍କୁ ଅନୁରୋଧ କରୁଛୁ, ସେମାନେ ଗୁଜବ ଠାରୁ ଦୂରେଇ ରୁହନ୍ତୁ, ଆଉ ପୋଲିସକୁ ସାହାଯ୍ୟ କରନ୍ତୁ। ଏହି ଘଟଣା ଘଟାଇବାରେ ଯେଉଁମାନେ ସାମିଲ ଅଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କଟକ ଏକ ଶାନ୍ତିପ୍ରିୟ ସ୍ଥାନ, ଶାନ୍ତି ନିଶ୍ଚିତ ଫେରିବ ବୋଲି ଆଇନ ଶୃଙ୍ଖଳା ଡିଜିପି ସଞ୍ଜୟ କୁମାର କହିଛନ୍ତି।

### ଆୟୁଷ୍ମାନ କାର୍ଡଧାରୀ ଗୁରୁତର ରୋଗୀଙ୍କ ସେବା ଅଟକିଛି

ଇଣ୍ଟରନେଟ ସେବା ବନ୍ଦ ଯୋଗୁ ଆୟୁଷ୍ମାନ କାର୍ଡଧାରୀ ଗୁରୁତର ରୋଗୀଙ୍କ ସେବା ଅଟକି ଯାଇଛି। କଟକ ସହରର ବିଭିନ୍ନ ଘରୋଇ ହସ୍ପିଟାଲରେ ଏଭଳି ରୋଗୀଙ୍କ କାର୍ଡ ପଞ୍ଜୀକରଣ ସୋମବାର ହୋଇପାରି ନାହିଁ। ଫଳରେ ରୋଗୀମାନେ ସେବା ପାଇବା ପାଇଁ ଅପେକ୍ଷା କରିଛନ୍ତି। ବିଭିନ୍ନ ଘରୋଇ ହସ୍ପିଟାଲରେ ଏଭଳି ରୋଗୀମାନଙ୍କୁ ସମ୍ପର୍କୀୟମାନଙ୍କ ସହ ବସି ରହିଥିବା ଦେଖିବାକୁ ମିଳିଥିଲା।



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅକାଳେ ଗୋଦରୀ କଲା ବେଉସା**
**ଲାଭ ଖାଇଗଲା ଚୁଟିଆ ମୂଷା ।**

ଗୋଦର ବାତ ରୋଗର ଗୋଟିଏ ଅବସ୍ଥା। ଏହି ରୋଗରେ ଗୋଡ଼ ପାଦ ପେଣ୍ଡା ଫୁଲିଯାଏ। ଗୋଦରା ବା ଗୋଦରୀ ବେଶି ଦୂରକୁ ଯାଇପାରେ ନାହିଁ। ବ୍ୟବସାୟ କ୍ଷେତ୍ରରେ ବିଭିନ୍ନ ଆଡ଼କୁ ଯିବା ଆସିବା କରିବା ଦରକାର ପଡୁଥିବା ବେଳେ ଏପରି ଅବସ୍ଥା ସେଥିରେ ପ୍ରତିବନ୍ଧକ ସାଜିଥାଏ। ଅନ୍ୟ ଅର୍ଥରେ ଜୀବନର ଠିକ୍ ସମୟରେ ବ୍ୟବସାୟ ଆରମ୍ଭ ନ କରି ଡେରିରେ ଆରମ୍ଭ କଲେ ବ୍ୟବସାୟର ଗୁମର ଜାଣିହୁଏ ନାହିଁ। ସହଜେ ଗୋଦରୀ ପୁଣି ବହୁ ଡେରିରେ ବା ବର୍ଷ ପରେ ବ୍ୟବସାୟ ଆରମ୍ଭ। ଏପରିସ୍ଥଳେ ଅନେକ ଲୋକଙ୍କ ଉପରେ ବିଶ୍ୱାସ ଓ ନିର୍ଭର କରି ବ୍ୟବସାୟରେ କ୍ଷତି ଘଟିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅକାଳେ ମାଇଲି ଘାଏ**
**ଗଲା ଶିରାବଣ ଯାଏ ।**

ସାଧାରଣତଃ କାମରେ ଢିଲା ମାରୁଥିବା ଲୋକ କୌଣସି କାମକୁ ସେତେଟା ଗୁରୁତ୍ୱ ଦେଇ ନ ଥାନ୍ତି। ଜୋର ଦେଇ ବା ମନ ବଳାଇ ଗୋଟିଏ କାମକୁ ଥରେ କରି ଦେଲା ପରେ ଆଉ ସେ କାମରେ ହାତ ଦେଇ ନ ଥାନ୍ତି କି ସେଥିପ୍ରତି ନିଘା ରଖି ନ ଥାନ୍ତି। ଏହି ଧରଣର ବ୍ୟକ୍ତି ସମାଜରେ ଖାମଖିଆଲି ଲୋକ ଭାବେ ପରିଚିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ୩ ବୈଜ୍ଞାନିକଙ୍କୁ ମେଡିସିନରେ...

କରାଯାଇଛି। ପେରିଫେରାଲ ଇମ୍ୟୁନ ଟଲରାନ୍ସ ହେଉଛି ଶରୀର ମଧ୍ୟରେ ଏପରି ଏକ ପ୍ରକ୍ରିୟା, ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ନିଜ ଟିସୁ ଉପରେ ଆକ୍ରମଣ କରିବାରୁ ରୋକିଥାଏ। ନିଜ ଗବେଷଣାରେ ଏହି ୩ ବୈଜ୍ଞାନିକ ରେଗୁଲେଟୋରି ଟି ସେଲ୍ସକୁ ଚିହ୍ନଟ କରିଥିଲେ, ଯାହାକୁ ମଣିଷ ଶରୀରର ପ୍ରତିଷେଧକ ପ୍ରଣାଳୀର ସୁରକ୍ଷା କବଚ କୁହାଯାଇଥାଏ। ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ସନ୍ତୁଳିତ ରଖିବାରେ ଏହି ଟି ସେଲ୍ସଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ ବୋଲି ବୈଜ୍ଞାନିକମାନେ ଗବେଷଣାରେ ଦର୍ଶାଇଥିଲେ। ଏହି ଗବେଷଣା ଦ୍ୱାରା କର୍କଟ ରୋଗ, ଅଟୋ ଇମ୍ୟୁନ ରୋଗ ଏବଂ ଅଙ୍ଗ ପ୍ରତିରୋପଣର ଚିକିତ୍ସା ପାଇଁ ନୂତନ ରାସ୍ତା ଖୋଲିଛି, ଯାହା ମଧ୍ୟରୁ ସମ୍ପ୍ରତି ଅନେକ କ୍ଲିନିକାଲ ପରୀକ୍ଷଣ ପର୍ଯ୍ୟାୟରେ ରହିଛି। 'ଦି ନୋବେଲ କମିଟି ଫର୍ ମେଡିସିନ'ର ଅଧ୍ୟକ୍ଷ ଓଲେ କାମ୍ପେ କହିଛନ୍ତି, ମଣିଷ ଶରୀରର ରୋଗ ପ୍ରତିଷେଧକ ପ୍ରଣାଳୀ କିପରି କାମ କରିଥାଏ ଏବଂ ଗୁରୁତର ଅଟୋ-ଇମ୍ୟୁନ ରୋଗରେ ସମସ୍ତେ କାହିଁକି ପୀଡ଼ିତ ହୋଇ ନ ଥାନ୍ତି, ସେ ନେଇ ବୁଝାଉଥିବା ଯୁଗାନ୍ତକାରୀ ଗବେଷଣା ପାଇଁ ୩ ବୈଜ୍ଞାନିକଙ୍କୁ ମେଡିସିନ କ୍ଷେତ୍ରରେ ନୋବେଲ ପୁରସ୍କାର ପାଇଁ ମନୋନୀତ କରାଯାଇଛି।

୧୯୬୧ରେ ଜନ୍ମ ହୋଇଥିବା ମେରି ଆମେରିକାର ନ୍ୟୁ ଜର୍ସିସ୍ଥିତ ପ୍ରିନ୍ସଟନ୍ ୟୁନିଭର୍ସିଟିରୁ ପିଏଚ୍.ଡି. କରିଛନ୍ତି। ସେ ଏବେ ୱାଶିଂଟନର ସିଏଟଲସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସିଷ୍ଟମ ବାୟୋଲୋଜିରେ ସିନିୟର ପ୍ରୋଗ୍ରାମ ମ୍ୟାନେଜର ଭାବେ କାର୍ଯ୍ୟରତ ଅଛନ୍ତି। ୧୯୬୦ରେ ଜନ୍ମିତ ଫ୍ରେଡ୍ ୧୯୮୭ରେ ୟୁନିଭର୍ସିଟି ଅଫ୍ କାଲିଫର୍ନିଆ-ଲସ୍ ଏଞ୍ଜେଲ୍ସରୁ ପିଏଚ୍.ଡି. କରିଛନ୍ତି। ଏବେ ସେ ଆମେରିକାର ସାନ୍ ଫ୍ରାନ୍ସିସ୍କୋସ୍ଥିତ ସୋନୋମା ବାୟୋଥେରାପ୍ୟୁଟିକ୍ସର ବୈଜ୍ଞାନିକ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ୧୯୫୧ରେ ଜନ୍ମିତ ଶିମୋନ୍ ୧୯୮୩ରେ ଜାପାନର କ୍ୟୋଟୋ ୟୁନିଭର୍ସିଟିରୁ ପିଏଚ୍.ଡି. କରିଥିଲେ। ଏବେ ସେ ଓସାକା ୟୁନିଭର୍ସିଟିର ଇମ୍ୟୁନୋଲୋଜି ଫ୍ରଣ୍ଟିୟର ରିସର୍ଚ୍ଚ ସେଣ୍ଟରର ବିଶିଷ୍ଟ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି। ମେଡିସିନ କ୍ଷେତ୍ରରେ ବିଜେତା ଘୋଷଣା ହୋଇଥିବା ଏହି ୩ ବୈଜ୍ଞାନିକଙ୍କ ମଧ୍ୟରେ ୧୧ ମିଲିୟନ ସ୍ୱିଡିଶ କ୍ରୋନର (ପ୍ରାୟ ୧୦.୪ କୋଟି ଟଙ୍କା)ର ପୁରସ୍କାର ରାଶି ସମାନ ଭାବରେ ବଣ୍ଟନ କରାଯିବ। ବିଭିନ୍ନ କ୍ଷେତ୍ରରେ ନୋବେଲ ପୁରସ୍କାର ୨୦୨୫ର ବିଜେତାଙ୍କ ଘୋଷଣା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଆସନ୍ତା ଡିସେମ୍ବର ୧୦ରେ ଆଲ୍‌ଫ୍ରେଡ୍ ନୋବେଲଙ୍କ ମୃତ୍ୟୁ ବାର୍ଷିକୀ ଅବସରରେ ବିଜେତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ।

## ନଭେମ୍ବର ୧୧ରେ...

ଶେଷ ହେବ। ସେହିପରି ୨୪ ତାରିଖ ସୁଦ୍ଧା ପ୍ରାର୍ଥୀମାନେ ଯଦି ଚାହିଁବେ ନାମାଙ୍କନପତ୍ର ପ୍ରତ୍ୟାହାର କରିପାରିବେ। ନଭେମ୍ବର ୧୧ରେ ଉପନିର୍ବାଚନ ଲାଗି ମତଦାନ ଅନୁଷ୍ଠିତ ହେବ। ୧୪ରେ ଗଣତି ଓ ଫଳାଫଳ ଘୋଷଣା ହେବ। ଗୋପାଳନ କହିଛନ୍ତି, ଏହି ଉପନିର୍ବାଚନରେ ୪ହଜାର ଭିନ୍ନକ୍ଷମ ଏବଂ ୨୦୦୭ ବୟସ୍କଭୋଟର (୮୫ବର୍ଷରୁ ଅଧିକ)ଙ୍କୁ ମିଶାଇ ୨ଲକ୍ଷ ୪୮ହଜାର ୨୫୬ ମତଦାତା ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ। ଏଥିମଧ୍ୟରେ ୧ଲକ୍ଷ ୨୨ହଜାର ୧୦୩ ପୁରୁଷ, ୧ଲକ୍ଷ ୨୬ହଜାର ୧୩୨ଜଣ ମହିଳା ଭୋଟର ରହିଥିବାବେଳେ ଭିନ୍ନକ୍ଷମଙ୍କ ମଧ୍ୟରେ ୨୩୪୩ଜଣ ପୁରୁଷ ଏବଂ ୧୬୫୭ଜଣ ମହିଳା ଏବଂ ବୟସ୍କଙ୍କ ମଧ୍ୟରେ ୬୯୪ଜଣ ପୁରୁଷ ଏବଂ ୧୩୧୩ଜଣ ମହିଳା ଭୋଟର ରହିଛନ୍ତି। ଏହାବାଦ୍ ୨୧ଜଣ ତୃତୀୟଲିଙ୍ଗ ରହିଛନ୍ତି। ସେ କହିଛନ୍ତି, ନୂଆପଡ଼ା ଉପନିର୍ବାଚନମଣ୍ଡଳୀରେ ୩୫୮ଟି ମତଦାନ କେନ୍ଦ୍ର ରହିଛି। ସମସ୍ତ ବୁଥ୍‌ରେ ୱେବକାଷ୍ଟିଂ ବ୍ୟବସ୍ଥା କରାଯିବ। ତେବେ ୮୫ବର୍ଷରୁ ଅଧିକ ବୟସ୍କ ଏବଂ ଭିନ୍ନକ୍ଷମ ଭୋଟରଙ୍କୁ ୧୨-ଡି ଫର୍ମ ବଣ୍ଟନ କରାଯିବ। ସେମାନେ ପୋଷ୍ଟାଲ ବାଲଟ ମାଧ୍ୟମରେ ଭୋଟ ଦେଇପାରିବେ। ଏଥିନେଇ ଏକ ତାଲିକା ପ୍ରସ୍ତୁତ ହେବ।



ନୂଆପଡ଼ା ମିନି ଷ୍ଟାଡିୟମଠାରେ ସୋମବାର ଆୟୋଜିତ ସଭାରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରବି ନାରାୟଣ ନାୟକ, ମୁକେଶ ମହାଲିଙ୍ଗ ଓ ଏମ୍‌ପି ମାଳବିକା ଦେବୀ।

## ନୂଆପଡ଼ାବାସୀଙ୍କ ପାଇଁ...

ଥର ନୂଆପଡ଼ା ଆସିଛି। ଏପ୍ରିଲ ମାସରେ ମାରାଗୁଡ଼ା ମହୋତ୍ସବ ବେଳେ ୩୨୦ କୋଟି ଟଙ୍କାର ପ୍ରକଳ୍ପ ଶୁଭାରମ୍ଭ ହୋଇଥିଲା। ନୂଆପଡ଼ା ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିଲି। ଏଥରକୁ ମିଶାଇ ନୂଆପଡ଼ାକୁ ତିନିଥର ଗସ୍ତ କରିଥିବାବେଳେ ୧୪୨୦ କୋଟି ଟଙ୍କାର ପ୍ରକଳ୍ପ ଆରମ୍ଭ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏଥିସହ ସେ କହିଥିଲେ, ରାଜ୍ୟର କେନ୍ଦୁପତ୍ର ତୋଳାଳିଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ହୋଇ କାମ କରୁଛନ୍ତି। ଚଳିତବର୍ଷ ଜିଏସ୍‌ଟି କାଉନ୍‌ସିଲ ବୈଠକରେ କେନ୍ଦୁପତ୍ର ଉପରେ ଜିଏସ୍‌ଟି ହ୍ରାସ କରିବାକୁ ପ୍ରସ୍ତାବ ଦେଇଥିଲି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଜିଏସ୍‌ଟି ହାର ୧୮ ପ୍ରତିଶତରୁ ୫ ପ୍ରତିଶତକୁ କମ୍ କରିଛନ୍ତି। ଏହାଦ୍ୱାରା ସାରାଦେଶର ତଥା ରାଜ୍ୟର ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳି ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ, ଭାଜପା ସରକାର ସବୁ ଅଞ୍ଚଳକୁ ସମାନ ଗୁରୁତ୍ୱ ଦେଉଛନ୍ତି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦକୁ ଅଧିକ ଅନୁଦାନ ସହିତ ଦୃଢ଼ କରାଯାଇଛି ଏବଂ ତା' ସହିତ ଉତ୍ତର ଓ ଦକ୍ଷିଣ ଓଡ଼ିଶାର ବିକାଶ ପାଇଁ ସ୍ୱତନ୍ତ୍ର ବିକାଶ ପରିଷଦ ଗଠନ ଲାଗି ପଦକ୍ଷେପ ନିଆଯାଇଛି। ପୂର୍ବରୁ ପ୍ରିମାଟ୍ରିକ ସ୍କଲାରଶିପର୍ ଛାତ୍ରମାନଙ୍କୁ ୧୦,୫୦୦ ଟଙ୍କା ମିଳୁଥିବା ବେଳେ ଏବେ ୧୬,୦୦୦ ଟଙ୍କା ପ୍ରଦାନ କରାଯିବ। ସେହିପରି ଅନ୍ୱେଷା ଯୋଜନା ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ପୂର୍ବରୁ ୧୧ ହଜାର ଟଙ୍କା ମିଳୁଥିବା ବେଳେ ଏବେ ଏଥିରେ ୧୭ ହଜାର ଟଙ୍କା ମିଳିବ। ପୋଷ୍ଟ ମାଟ୍ରିକ ସ୍କଲାରଶିପ୍‌ରେ ପୂର୍ବରୁ ଛାତ୍ରଙ୍କୁ ୧୧ ହଜାର ଟଙ୍କା ମିଳୁଥିବା ବେଳେ ଏବେ ୧୬ ହଜାର ଟଙ୍କା ମିଳିବ ଏବଂ ଛାତ୍ରୀଙ୍କୁ ୧୭ ହଜାର ଟଙ୍କା ମିଳିବ। ମୋଦିଜୀଙ୍କ ନେତୃତ୍ୱରେ ଦେଶରେ ଏବେ ବିକାଶର ଏକ ନୂଆ ଯୁଗ ଆରମ୍ଭ ହୋଇଛି। ଓଡ଼ିଶାରେ ନୂଆ ସରକାର ଆସିବା ପରଠାରୁ କେନ୍ଦ୍ର ସରକାର ଓଡ଼ିଶା ପାଇଁ ୩୦ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ ମଞ୍ଜୁର କରିଛନ୍ତି ଏବଂ ଏଥିରେ ନୂଆପଡ଼ା ପାଇଁ ମଧ୍ୟ ଦୁଇଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏଥିସହ ସୁଭଦ୍ରା ଯୋଜନାରେ ନୂଆପଡ଼ାର ୧ ଲକ୍ଷ ୫୫ ହଜାର ମହିଳା ଉପକୃତ ହୋଇଛନ୍ତି, ଅନ୍ତ୍ୟୋଦୟ ଗୃହ ଯୋଜନାରେ ୨୫୪୮ ପରିବାରକୁ ଘର ଯୋଗାଇଦେବା ପାଇଁ ପଦକ୍ଷେପ ନିଆଯାଇଛି। ଏହାସହିତ ନୂଆପଡ଼ା ଏକକ ପ୍ଲାଷ୍ଟିକ ବ୍ୟବହାର ଜିଲା ଭାବେ ଘୋଷିତ ହେବା ସହ ଶିଶୁକନ୍ୟାକୁ ପ୍ରାଧାନ୍ୟ ଦେଇ 'ଝିଅ ପାଇଁ ଗଛଟିଏ' କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି। ନବଜାତ ଶିଶୁକନ୍ୟା ଓ ସେମାନଙ୍କ ମାତା ପିତାଙ୍କୁ ମଧ୍ୟ ସମ୍ମାନିତ କରାଯାଉଛି। ନୂଆପଡ଼ା ଜିଲା ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନାରେ ଦୈନିକ ୬୦ ହଜାରରୁ ଅଧିକ ଶ୍ରମିକ ନିୟୋଜିତ କରି ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଥିଲେ, ମୋହନ ମାଝୀଙ୍କ ସରକାର ହେଉଛି ଲୋକଙ୍କ ସରକାର। ରାଜ୍ୟର ସମସ୍ତ ବର୍ଗର ବିକାଶ କିପରି ହେବ ସେଥିପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ, ରାଜ୍ୟରେ ଭାଜପା ସରକାର ଆସିବା ପରେ ନୂଆପଡ଼ା ଜିଲାର ୧୦ଟି ହାଇସ୍କୁଲକୁ ଆମେ ଅପ୍‌ଗ୍ରେଡ୍ କରି ହାୟର ସେକେଣ୍ଡାରୀ ସ୍କୁଲରେ ପରିଣତ କରିଛୁ। ସହର ଏବଂ ଗ୍ରାମପଞ୍ଚାୟତର ଶିକ୍ଷା ବ୍ୟବସ୍ଥା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ଆମ ସରକାର ଗୋଦାବରୀଶ ମିଶ୍ର ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏ ସରକାରରେ ପ୍ରତିଟି କ୍ଷେତ୍ରରେ ବିକାଶ ହେବ ବୋଲି ଆଜି ସମସ୍ତଙ୍କ ମଧ୍ୟରେ ଏପରି ଆଶା ସଞ୍ଚାର ହୋଇଛି। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ପ୍ରମୁଖ ଉଦ୍‌ବୋଧନ ରଖିଥିଲେ। ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶ ସ୍ୱାଗତ ଭାଷଣ ଦେଇଥିବାବେଳେ ଖରିଆରରୋଡ୍ ଏନ୍.ଏ.ସି. ଚେୟାରମ୍ୟାନ ଡ. ସୋନିଆ ଜୈନ ଧନ୍ୟବାଦ ଅର୍ପଣ କରିଥିଲେ।

## ଖରିଆରରୋଡ୍ ମ୍ୟୁନିସିପାଲିଟି...

ଟଙ୍କାର ବିଭିନ୍ନ ପ୍ରକଳ୍ପ ଘୋଷଣା କରି ଅନ୍ନଦାତାଙ୍କ ଜମିକୁ ଜଳ ଯୋଗାଇବା ପାଇଁ ସରକାର ନିଷ୍ଠାର ସହ ଉଦ୍ୟମ କରୁଛନ୍ତି ବୋଲି କହିଛନ୍ତି। ସେ କହିଥିଲେ, ପୂର୍ବରୁ ଖରିଆରରୋଡ୍‌କୁ ଏନ୍.ଏ.ସି.ରୁ ମ୍ୟୁନିସିପାଲିଟି କରିବା ପାଇଁ ଦାବି ହୋଇଆସୁଥିବା ବେଳେ ଏବେ ଏହାକୁ ମ୍ୟୁନିସିପାଲିଟି ଘୋଷଣା ହେଲା। ସେହିପରି କୋମନା ବ୍ଲକକୁ ଏନ୍.ଏ.ସି. କରାଯାଇଛି ଏବଂ ସିନାପାଲି ଗ୍ରାମପଞ୍ଚାୟତ ଓ ଗୋଡ଼ାଲ ଗ୍ରାମପଞ୍ଚାୟତକୁ ମିଶାଇ ସିନାପାଲି ଏନ୍.ଏ.ସି. ଭାବେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟର ସବୁ ତହସିଲରେ ସବ୍ ରେଜିଷ୍ଟ୍ରେଶନ ଅଫିସ ଖୋଲାଯିବ। ବର୍ତ୍ତମାନ ରାଜ୍ୟର ୩୧୭ଟି ତହସିଲରୁ ୨୧୦ଟି ତହସିଲରେ ସବ୍ ରେଜିଷ୍ଟ୍ରେଶନ ଅଫିସ ରହିଛି। ଖୁବ୍‌ଶୀଘ୍ର ବାକି ୧୦୭ଟି ତହସିଲରେ ସବ୍ ରେଜିଷ୍ଟ୍ରେଶନ୍ ଅଫିସ ଖୋଲାଯିବ। ଆଜି ପ୍ରଥମ ପର୍ଯ୍ୟାୟରେ ନୂଆପଡ଼ାର ୩ଟି - ସିନାପାଲି, କୋମନା ଓ ବୋଡେନ୍ ଏବଂ ମାଲକାନଗିରିର ୪ଟି- ମାଥିଲି, କାଲିମେଳା, ଖଇରପୁଟ ଓ କୁଡୁମୁଲୁଗୁମ୍ମା ଭଳି ୭ଟି ତହସିଲରେ ସବ୍ ରେଜିଷ୍ଟ୍ରେଶନ୍ ଅଫିସ ଖୋଲାଗଲା ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

ଗୋପାଳନ କହିଛନ୍ତି ଯେ, ଯେଉଁ ରାଜନୈତିକ ଦଳ ଆପରାଧିକ ମାମଲାରେ ଜଡ଼ିତ ଥିବା ପ୍ରାର୍ଥୀଙ୍କୁ ନିର୍ବାଚନରେ ଛିଡ଼ା କରାଇବେ ସେମାନଙ୍କୁ ଆପରାଧିକ ପୃଷ୍ଠଭୂମି ବିଷୟରେ ସୂଚନା ଦେବାକୁ ହେବ। ସେମାନେ ୱେବସାଇଟ୍ ଏବଂ ଖବରକାଗଜ ତଥା ଟେଲିଭିଜନରେ ୩ଥର ପ୍ରକାଶ କରିବାକୁ ବାଧ୍ୟ ହେବେ। ଏହି ସମ୍ମିଳନୀରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଶାସନ ସଚିବ ପ୍ରମୋଦ କୁମାର ସାହୁ, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୨ ପର୍ଯ୍ୟାୟରେ ବିହାର...

ଦାଖଲର ଶେଷ ତାରିଖ ଅକ୍ଟୋବର ୧୭ ରଖାଯାଇଥିବାବେଳେ ଯାଞ୍ଚ ପାଇଁ ୧୮ ତାରିଖ ଧାର୍ଯ୍ୟ କରାଯାଇଛି। ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ହେଉଛି ଅକ୍ଟୋବର ୨୦। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଅକ୍ଟୋବର ୨୦ ରଖାଯାଇଥିବାବେଳେ ୨୧ରେ ସେଗୁଡ଼ିକର ଯାଞ୍ଚ କରାଯିବ। ଏହି ପର୍ଯ୍ୟାୟରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ହେଉଛି ଅକ୍ଟୋବର ୨୩। ଉଲ୍ଲେଖଯୋଗ୍ୟ, ବିହାର ବିଧାନସଭାର ୨୪୩ ଆସନ ମଧ୍ୟରୁ ୨ଟି ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ବର୍ଗଙ୍କ ପାଇଁ ସଂରକ୍ଷିତ ଥିବାବେଳେ ୩୮ ଆସନ ତଫସିଲଭୁକ୍ତ ଜାତି (ଏସ୍‌ସି)ଙ୍କ ପାଇଁ ଉଦ୍ଦିଷ୍ଟ।

## ସିଜେଆଇଙ୍କୁ ଜୋତା...

କରିଦେଇଥିଲେ। ଆବେଦନକାରୀଙ୍କୁ ସିଜେଆଇ କହିଥିଲେ, 'ଯାଅ ତୁମ ଭଗବାନଙ୍କୁ କୁହ ସେ ନିଜ ପାଇଁ କିଛି କରନ୍ତୁ।' ସିଜେଆଇଙ୍କ ଏହି ମନ୍ତବ୍ୟକୁ ନେଇ ସୋସିଆଲ ମିଡିଆରେ ଟ୍ରୋଲ କରାଯିବା ପରେ ହିନ୍ଦୁଧର୍ମ ପ୍ରତି ତାଙ୍କର କୌଣସି ନକାରାତ୍ମକ ବିଚାର ନାହିଁ ବୋଲି ସିଜେଆଇ ସଫେଇ ଦେଇଥିଲେ। ତେବେ ସ୍ପଷ୍ଟୀକରଣରେ ଅସନ୍ତୁଷ୍ଟ ରାକେଶ ଏହାର ପ୍ରତିବାଦରେ ସିଜେଆଇଙ୍କୁ ଜୋତା ଫିଙ୍ଗିବାକୁ ଉଦ୍ୟମ କରିଥିଲେ ବୋଲି ଅଭିଯୋଗ ହୋଇଛି। ସନାତନ ଧର୍ମର ଅପମାନ ହିନ୍ଦୁସ୍ଥାନ ସହିବ ନାହିଁ ବୋଲି ରାକେଶ ଚିତ୍କାର କରି କହୁଥିବା ଓକିଲମାନେ କହିଛନ୍ତି। ଏଭଳି କାର୍ଯ୍ୟ ପାଇଁ ଆଇନଜୀବୀ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ରାକେଶଙ୍କୁ ଓକିଲାତି ପେସାରୁ ନିଲମ୍ବନ କରିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଶନିଯୁକ୍ତ ଚନ୍ଦ୍ର ହେତୁ ମାନସିକ ଅସ୍ଥିରତା ଭିତରେ ଦିନଟି କଟିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ ଏବଂ ଆନୁଷ୍ଠାନିକ କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଭୁଲ୍ ବୁଝାମଣାଜନିତ ବିନା କାରଣରେ ଅଶାନ୍ତି, କଳହ ଆଶଙ୍କା ରହିଛି। ସାହିତ୍ୟ, ସାମ୍ବାଦିକତା, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବୃଷ** ନିଜ ଲୋକଙ୍କ ବିରୋଧ ସାଙ୍ଗକୁ ବିଭିନ୍ନ ଅଭାବ ଅସୁବିଧାର ସାମ୍ନା କରିବାକୁ ପଡ଼ିପାରେ। ଅନ୍ୟମାନଙ୍କୁ ଭଲରେ ରଖିବାକୁ ଚେଷ୍ଟାକଲେ ମଧ୍ୟ ସମୟ ଓ ପରିସ୍ଥିତି ସବୁକିଛି ବିଗାଡ଼ିଦେବ। ମୂଲ୍ୟବାନ୍ ଜିନିଷ କ୍ରୟରୁ ଖର୍ଚ୍ଚ ପରିମାଣ ବୃଦ୍ଧିପାଇବ। କେତୁଯୁକ୍ତ ଶୁକ୍ର କାରଣରୁ କଳା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସମସ୍ୟା ଲାଗି ରହିବ।

**ମିଥୁନ** ଆପଣଙ୍କ ପରିସ୍ଥିତି ଅବଲୋକନକରି ବୟସ୍କ ବ୍ୟକ୍ତି ସାହାଯ୍ୟ ପୂର୍ବକ ସହାନୁଭୂତି ପ୍ରକାଶ କରିବେ। ଅସାବଧାନତା କିମ୍ବା ଅନ୍ୟମନସ୍କ ହେତୁ ସମସ୍ୟାର ସମ୍ମୁଖୀନ ହେବେ। ବୃଥା ସନ୍ଦେହଜନିତ କାରଣରୁ ବନ୍ଧୁଙ୍କ ସହ କଳହର ସୂଚନା ରହିଛି। କୋଣଭାବସ୍ଥ ମଙ୍ଗଳଙ୍କ ସୁପ୍ରଭାବରୁ ଜମିଜମା କାରବାର କରିବା ପାଇଁ ପ୍ରକୃଷ୍ଟ ଦିନ।

**କର୍କଟ** ଆଜିର କର୍ମାରମ୍ଭ ଅସୁବିଧା ମନେହେଲେ ମଧ୍ୟ ପରକ୍ଷଣରେ ସବୁ ଠିକ୍ ହୋଇଯିବ। ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ବନ୍ଧୁଙ୍କୁ ସାହାଯ୍ୟ ଭିକ୍ଷା କରିବାକୁ ପଡ଼ିପାରେ। ଭାଗ୍ୟ ସ୍ଥାନରେ ଶନି ରହିଥିବାରୁ ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉନ୍ନତମାନର ସୁଫଳ ପାଇବେ । ଶିକ୍ଷା, ସନ୍ତାନ କ୍ଷେତ୍ରରେ କିଛିଟା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ସିଂହ** ଚତୁର୍ଥାଧିପ ମଙ୍ଗଳ ଭାଗ୍ୟଭାବକୁ ଅବଲୋକନ କରୁଥିବାରୁ ପାରିବାରିକ ସମସ୍ୟା ସମାଧାନ ହୋଇଯିବ। ବ୍ୟବସାୟରେ ପ୍ରତିବନ୍ଧକ ଦେଖାଦେବାରୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ବନ୍ଧୁଙ୍କ ସବୁ କଥାକୁ ହାଲୁକା ଭାବେ ଗ୍ରହଣକଲେ କ୍ଷତିରେ ପଡ଼ିବେ। ଆନୁଷ୍ଠାନିକ କାମରେ ସହଯୋଗକରି ପ୍ରଶଂସିତ ହୋଇପାରନ୍ତି।

**କନ୍ୟା** ଶୁକ୍ର ଏକାଦଶ ସ୍ଥାନରେ ରହିଥିବାରୁ ଏକାଧାରରେ ଆର୍ଥିକ ଉନ୍ନତି ସହ ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ। କିନ୍ତୁ ଶନିଯୁକ୍ତ ଚନ୍ଦ୍ର ପ୍ରଭାବରୁ ହସ୍ତା ନକ୍ଷତ୍ର ମାନସିକ ସ୍ତରରେ ନିରୁତ୍ସାହିତ ରହିବେ। ଅଟକି ରହିଥିବା କାମକୁ ନିର୍ଦ୍ଦିଷ୍ଟ ସମୟରେ ସମ୍ପନ୍ନ କରିପାରିବେ ନାହିଁ। ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବା ସମ୍ଭାବନା ରହିଛି।

**ତୁଳା** ଦୀର୍ଘଦିନର ଅଭିଳାଷ ପୂରଣ ଦିଗରେ ଚେଷ୍ଟାକଲେ ସଫଳତା ପାଇବେ। ବୁଧ କ୍ଷେତ୍ରସ୍ଥ ଗୁରୁଙ୍କ ଯୋଗୁ ବନ୍ଧୁଙ୍କ ଆମନ୍ତ୍ରଣ ଆପଣଙ୍କ ବିଚାରକୁ ବିଗାଡ଼ି ଦେଇପାରେ। ଶାରୀରିକ ସୁସ୍ଥତା ରହିବା ହେତୁ ମନ ସାମୟିକ ହାଲୁକା ରହିବ। ବାରମ୍ବାର ସରକାରୀ କାମରେ ଭ୍ରମଣହେତୁକ କ୍ଲାନ୍ତି ଓ ଅବସାଦ ବୃଦ୍ଧିପାଇବ।

**ବିଛା** କୋଣଭାବରେ ଭାଗ୍ୟାଧିପ ଅବସ୍ଥାନ କରୁଥିବାରୁ ସନ୍ତାନହେତୁକ ଦୁଶ୍ଚିନ୍ତା ଦୂରହେବ। ନିଜ ପ୍ରତି ସମ୍ମାନ ଓ ଭକ୍ତି ପ୍ରଦର୍ଶନ କରୁଥିବା ବ୍ୟକ୍ତିଙ୍କ ବେଖାତିର କଥା କଷ୍ଟ ଦେଇପାରେ। ଆତ୍ମୀୟମାନେ ବିରୁଦ୍ଧାଚରଣ କରିବା ସମ୍ଭାବନା ରହିଛି। ତଥାପି ନିକଟ ଅତୀତରେ ଯାହା ଭାବୁଥିଲେ ତାହାର ସତ୍ୟତା ଆଜି ହିଁ ଅନୁଭବ କରିପାରନ୍ତି।

**ଧନୁ** ଅଷ୍ଟମାଧିପତି ଚତୁର୍ଥସ୍ଥ ଯୋଗୁ ଘରେ ଅଶାନ୍ତିର ବାତାବରଣ ଦେଖାଦେବ। କୌଣସି ବନ୍ଧୁଙ୍କ କଥା ରକ୍ଷା କରିବାକୁ ଯାଇ ନିଜ କାମକୁ ଅବହେଳା କରିପାରନ୍ତି। ଆନୁଷ୍ଠାନିକ କାମ, କଳା, ସାହିତ୍ୟ, ଚଳଚ୍ଚିତ୍ର ଓ ସଙ୍ଗୀତ କ୍ଷେତ୍ରରୁ ଉପଯୁକ୍ତ ଭାବେ ସମ୍ମାନିତ ହେବେ। କିନ୍ତୁ ମୂଳା ନକ୍ଷତ୍ରର ଅତି ଭଲ ସମ୍ପର୍କ ରହିଥିବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିପାରେ।

**ମକର** ମଙ୍ଗଳଙ୍କ ପ୍ରତ୍ୟକ୍ଷଦୃଷ୍ଟି ପ୍ରଭାବରେ ପାରିବାରିକ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ମତାନ୍ତରର ଆଶଙ୍କା ରହିଛି। ଆପଣ ଯେଉଁ କାମ କରିବାକୁ ମନସ୍ଥ କରିଛନ୍ତି, ତାହା ଶୀଘ୍ର ଆରମ୍ଭ କରିବା ଭଲ ହେବ। ବନ୍ଧୁଙ୍କ ସାହାଯ୍ୟରେ ପାରିବାରିକ ସମସ୍ୟା ସମାଧାନ କରିପାରିବେ। ସମ୍ପର୍କୀୟଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ଖୁସି ହେବେ।

**କୁମ୍ଭ** ପାପଗ୍ରହ ଯୁକ୍ତ ଚନ୍ଦ୍ରଜନିତ ଅନ୍ୟମନସ୍କ କିମ୍ବା ଅସାବଧାନତାବଶତଃ ଘରେ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ। ସାମାଜିକ ସ୍ତରରେ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କୌଣସି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବେ। ସାହିତ୍ୟ ସମସ୍ୟାର ସମାଧାନ କରିବେ ଏବଂ ଦୀର୍ଘଦିନର ଅଭିଳାଷ ପୂର୍ଣ୍ଣହେବାରୁ ଆନନ୍ଦିତ ହେବେ।

**ମୀନ** ଶନିଙ୍କ ପ୍ରଭାବରେ ଅଧିକାଂଶ ସମୟ ଡିପ୍ରେସନ ଲାଗି ରହିବାରୁ ମନ ଭଲ ରହିବ ନାହିଁ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ ନ କଲେ ଚିନ୍ତା ବଢ଼ିଯିବ। ସଙ୍ଗୀତ, ସାହିତ୍ୟଚର୍ଚ୍ଚା, ଶାସ୍ତ୍ରାଲୋଚନା, ସତ୍‌ସଙ୍ଗ, ଆଧ୍ୟାତ୍ମିକ ଚିନ୍ତନର ସୁଯୋଗ ପାଇବେ। ଅଭିଳଷିତ କାମ ହାସଲର ଚେଷ୍ଟା ଅବ୍ୟାହତ ରଖିଲେ ଉପକୃତ ହେବେ।

ଆଜି ଅକ୍ଟୋବର ୭ ତାରିଖ, ଦିବା ଘ.୦୩।୧୭ ମି. ଗତେ ପୂର୍ଣ୍ଣିମାଯୁକ୍ତ କାର୍ତ୍ତିକ କୃଷ୍ଣ ପ୍ରତିପଦା ମଙ୍ଗଳବାର, ଶ୍ରୀମନ୍ଦିରରେ କୁମାରପୂର୍ଣ୍ଣିମା, କାର୍ତ୍ତିକ ବ୍ରତାରମ୍ଭ, ଶ୍ରୀସୁଦର୍ଶନଙ୍କ ଚତୁରାଶ୍ରମ ପରିଭ୍ରମଣ, ମାଧବ ପରିବନ୍ଦନ, ମଙ୍ଗଳପୂର୍ଣ୍ଣିମା ବ୍ରତ, ଗଣକବି ବୈଷ୍ଣବ ପାଣି ଜୟନ୍ତୀ। ରାଶିନକ୍ଷତ୍ର-ରେବତୀ/ମୀନ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୫।୪୨ ଗତେ, ଘ. ୦୭।୨୯, ଘ.୦୮।୩୮ ଗତେ, ଘ.୧୧।୧୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୩୦ ଗତେ, ଘ.୦୩।୫୮ ମଧ୍ୟେ ରାହୁକାଳ।

# କ୍ରାଇମବ୍ରାଞ୍ଚ ପଞ୍ଝାରେ ଷଷ୍ଠ ମଧ୍ୟସ୍ଥ, ଆସିଲା ରାଜନୈତିକ ଲିଙ୍କ୍

ଭୁବନେଶ୍ୱର,(ସତ୍ୟଜିତ ରାଉତ)/ ବାଲେଶ୍ୱର, ୬।୧୦ (ବାଞ୍ଛାନିଧି ଦେ)

## ଏସ୍ଆଇ ପରୀକ୍ଷା ଜାଲିଆତି ଘଟଣା

ବହୁଚର୍ଚ୍ଚିତ ପୋଲିସ ଏସ୍ଆଇ ପରୀକ୍ଷା ନିଯୁକ୍ତି ଜାଲିଆତି ଘଟଣାକୁ ନେଇ କ୍ରାଇମବ୍ରାଞ୍ଚ ଛାନଭିନ୍ ଚଳାଇଛି। ଏଥିରେ ବହୁ ବଡ଼ ଅଧିକାରୀ, ନେତା ଓ ପ୍ରଭାବଶାଳୀଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ଉଠୁଥିବାରୁ କ୍ରାଇମ୍ବ୍ରାଞ୍ଚ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ତେବେ ଏହି ମାମଲାରେ ବାଲେଶ୍ୱରରୁ ଷଷ୍ଠ ମଧ୍ୟସ୍ଥଙ୍କୁ କ୍ରାଇମବ୍ରାଞ୍ଚ ଉଠାଇ ଆଣିଛି। ସେ ହେଲେ ଚନ୍ଦନ ମଲ୍ଲିକ। ବାଲେଶ୍ୱର ସଦର ବ୍ଲକ ଚାନ୍ଦିପୁର ଥାନା ରଣସାହି ପଞ୍ଚାୟତ ତପସ୍ୱୀ ଗ୍ରାମସ୍ଥିତ ଘରୁ ଚନ୍ଦନଙ୍କୁ ରବିବାର ରାତିରେ କ୍ରାଇମବ୍ରାଞ୍ଚ ଟିମ୍ କାବୁ କରିଥିଲା। ତେବେ ତାଙ୍କୁ ସୋମବାର କ୍ରାଇମବ୍ରାଞ୍ଚ ମାରାଥନ୍ ଜେରା କରି ପ୍ରମାଣ ସଂଗ୍ରହ କରିବାରେ ଲାଗିଛି। ଚନ୍ଦନଙ୍କୁ ପଚରାଉଚରାବେଳେ ଘଟଣା ସହ ରାଜନୈତିକ ଲିଙ୍କ୍ର ସୁରାକ ମିଳିଥିବା ସୂଚନା ମିଳିଛି।

ରବିବାର ବାଲେଶ୍ୱର ଜିଲା ସିଂଲା ଥାନା ଅନ୍ତର୍ଗତ ନାବରା ଗ୍ରାମର (ପଞ୍ଚମ ମଧ୍ୟସ୍ଥ) ଅରବିନ୍ଦ ଦାସଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ଗିରଫ କରିଥିବା ବେଳେ ତାଙ୍କଠାରୁ ଚନ୍ଦନଙ୍କ ଲିଙ୍କ୍ ମିଳିଥିଲା। ଚନ୍ଦନ ଜାଲିଆତିର ମାଷ୍ଟରମାଇଣ୍ଡ୍ କୁହାଯାଉଥିବା ପଞ୍ଚସଫ୍ଟ ସମେତ ବିଭିନ୍ନ ସଂସ୍ଥାର ମାଲିକ ଶଙ୍କର ପୃଷ୍ଟିଙ୍କର ଅନ୍ୟତମ ଘନିଷ୍ଠ ସହଯୋଗୀ ଥିଲେ ବୋଲି ସୂଚନା ମିଳିଛି। ଚନ୍ଦନ ହେଉଛନ୍ତି ଏକ ରାଜନୈତିକ



ଦଳର ଯୁବନେତା। ଏଥିସହ ସେ ନିଜକୁ ସମାଜସେବୀ ବୋଲି ପରିଚୟ ଦିଅନ୍ତି। ବାଲେଶ୍ୱର ରେମୁଣା ବିଧାନସଭା ନିର୍ବାଚନ ମଣ୍ଡଳୀରେ ତାଙ୍କର ରାଜନୈତିକ ପତିଆରା ରହିଛି। ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଆଗଧାଡିର ନେତାମାନଙ୍କ ସହ ଚନ୍ଦନଙ୍କ ଅନେକ ଫଟୋ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି, ଯାହାକୁ ନେଇ ଅଧିକ ଚର୍ଚ୍ଚା ଚାଲିଛି। ସେପଟେ ଶଙ୍କର ଏବଂ ତାଙ୍କ ସହଯୋଗୀ କଟକ ବାଙ୍କୀର ମୁନା ମହାନ୍ତି ଫେରାର ଥିବା ବେଳେ କ୍ରାଇମବ୍ରାଞ୍ଚ ଏଯାଏ ଉଭୟଙ୍କ ପତ୍ତା ପାଇପାରିନାହିଁ। ଭୁବନେଶ୍ୱର ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁରସ୍ଥିତ ପ୍ଲଟ୍ ନଂ.୩୨୦/୩୫୯୦ରେ ଥିବା ଅନ୍ଲାଇନ ପରୀକ୍ଷା କେନ୍ଦ୍ର (ଶ୍ରୀ ଲିଙ୍ଗରାଜ ଇନ୍ଫୋସୋଲ୍)ରେ କ୍ରାଇମବ୍ରାଞ୍ଚ ଟିମ୍ ରବିବାର ଚଢ଼ାଉ କରିଥିଲା। ଆଗକୁ ଅନ୍ଲାଇନ୍ ପରୀକ୍ଷା କେନ୍ଦ୍ରଗୁଡ଼ିକରେ କ୍ରାଇମବ୍ରାଞ୍ଚ ଚଢ଼ାଉ କରିବ ବୋଲି ତାଲିକା ପ୍ରସ୍ତୁତ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ଏହି ମାମଲାରେ ୧୧୪ ପରୀକ୍ଷାର୍ଥୀ ଓ ୫ଜଣ ମଧ୍ୟସ୍ଥଙ୍କ ସମେତ ୧୧୯ ଗିରଫ ହୋଇ ଜେଲ୍ରେ ଅଛନ୍ତି।

# ପୂର୍ବତନ ପଞ୍ଚାୟତ ସମ୍ପାଦକଙ୍କୁ ହତ୍ୟା

ଭଞ୍ଜନଗର,୬।୧୦(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ବୁଦୁଲି ଗ୍ରାମରେ ରବିବାର ରାତିରେ ସାମାନ୍ୟ କଥାରୁ ଏକ ହତ୍ୟାକାଣ୍ଡ ଘଟିଛି। ମୁଜାଗଡ଼ ପଞ୍ଚାୟତର ପୂର୍ବତନ ସମ୍ପାଦକ ପଞ୍ଚୁ ବେହେରା(୬୫)ଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲ ପଠାଇଛି। ଏନେଇ ନଂ. ୧୧୩୦/୨୫ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।

ରବିବାର ସନ୍ଧ୍ୟାରେ ପଞ୍ଚୁ ବେହେରାଙ୍କ ଦୋକାନ ସମ୍ମୁଖରେ ବୁଦୁଲି ଗ୍ରାମର କେତେଜଣ ଯୁବକଙ୍କ ସହ ଅନ୍ୟ ଜଣେ ଯୁବକଙ୍କ କୌଣସି କଥାକୁ କେନ୍ଦ୍ର କରି ବଚସା ହୋଇଥିଲା। ଏହି ସମୟରେ ଦୋକାନରେ ଥିବା ପଞ୍ଚୁଙ୍କ ଦୁଇ ପୁଅ ଏହାକୁ ପ୍ରତିବାଦ କରିବାରୁ ସେମାନଙ୍କ



ପୋଲିସ ଘଟଣାର ତଦନ୍ତ ଚଳାଇଛି।

ସହ ମଧ୍ୟ ଉକ୍ତ ଯୁବକମାନେ ଝଗଡ଼ା କରିଥିଲେ। ଏପରି କି ପରସ୍ପର ହାତାହାତି ହୋଇଥିଲେ। ପରେ ପଞ୍ଚୁ ଖବର ପାଇ ଘଟଣାସ୍ଥଳକୁ ଯିବାବେଳେ ତାଙ୍କୁ ସମ୍ପୃକ୍ତ ଯୁବକମାନେ ଆକ୍ରମଣ କରି ଆହତ କରିଥିଲେ। ଗଣ୍ଡଗୋଳ ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାଶୁଝା କରି ଫେରି ଯାଇଥିଲା। ଏହାର କିଛି ସମୟ ପରେ ପଞ୍ଚୁ ଘରେ ବାନ୍ତି କରିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପଞ୍ଚୁଙ୍କ ରାତି ୧୨ଟାରେ ମୃତ୍ୟୁ ଘଟିଥିଲା। ଏହି ଗଣ୍ଡଗୋଳ ଘଟଣାରେ ବିପକ୍ଷ ଗୋଷ୍ଠୀର ମଧ୍ୟ ଏକାଧିକ ଆହତ ହୋଇଥିବା ଜଣାପଡ଼ିଛି। ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଲାଗି ରହିଛି। ଏନେଇ ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କୁ ପଚାରିବାରେ,ଏହି ଘଟଣାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଛି। ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି କହିଛନ୍ତି।

# ପୂର୍ବ ଶତ୍ରୁତାରୁ ଖଣ୍ଡାରେ ଆକ୍ରମଣ: ଯୁବକ ମୃତ

ତିର୍ତ୍ତୋଲ, ୬।୧୦ (ଗୌରାଙ୍ଗ ଚରଣ ସ୍ୱାଇଁ)

## ଅଭିଯୁକ୍ତ ଗିରଫ

ତିର୍ତ୍ତୋଲ ଥାନା ବଣିତୋ ପଞ୍ଚାୟତ ଅନ୍ତର୍ଗତ ସରିଖି ଗ୍ରାମରେ ରବିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକଙ୍କ ଖଣ୍ଡା ଆକ୍ରମଣରେ ଅନ୍ୟ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ମନୋଜ ସ୍ୱାଇଁ। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ





ମୃତ ମନୋଜ ସ୍ୱାଇଁ। ଅଭିଯୁକ୍ତ ପରେଶ ସ୍ୱାଇଁ।

ଘଟିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ହତ୍ୟା ଅଭିଯୋଗରେ ଉକ୍ତ ଗ୍ରାମର ପରେଶ ସ୍ୱାଇଁଙ୍କୁ ପୋଲିସ ଗିରଫ କରି ଥାନାରେ ପଚରାଉଚରା କରୁଛି। ଏନେଇ ସ୍ତ୍ରୀ ସ୍ୱର୍ଣ୍ଣପ୍ରିୟା ସ୍ୱାଇଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୫୧୬/୨୫)ରୁଜୁ କରିଛି।

ଅଭିଯୋଗ ଅନୁଯାୟୀ, ମନୋଜ ଓ ଗ୍ରାମର ଅନ୍ୟ କେତେଜଣ ଯୁବକ ନିକଟସ୍ଥ ବୋଧେଇ ଗ୍ରାମକୁ ଡ୍ରାମା ଦେଖିବାକୁ ଯିବା ନିମନ୍ତେ ରାତି ପ୍ରାୟ ୧୦ଟାରେ ଗାଁ ମୁଣ୍ଡ ଚାନ୍ଦିନୀରେ ଏକତ୍ରିତ ହୋଇଥିଲେ। ଏହି ସମୟରେ ପରେଶ ସେଠାରେ ପହଞ୍ଚି ମନୋଜଙ୍କୁ ଏକ ଖଣ୍ଡାରେ ଆକ୍ରମଣ କରିଥିଲେ। ଫଳରେ ମନୋଜ ଗୁରୁତର ହେବା ସହ ଅନ୍ୟ ୩ ଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ମନୋଜଙ୍କୁ ଉଦ୍ଧାର କରି ପ୍ରଥମେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ପେଟ, ବେକ ଓ ହାତରେ ଗଭୀର ଆଘାତ ଲାଗିଥିଲା। ମନୋଜଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଏନେଇ ତଦନ୍ତ ଜାରି ରହିଛି ବୋଲି ତିର୍ତ୍ତୋଲ ଥାନା ଆଇଆଇସି ପ୍ରଦୀପ କୁମାର ସେଠୀ କହିଛନ୍ତି।

# ୫ ଲୁହାପଥର ବୋଝେଇ ଟ୍ରକ୍ ଜବତ



ଜବତ ଲୁହାପଥର ବୋଝେଇ ଟ୍ରକ୍।

ବଡ଼ବିଲ/ଯୋଡ଼ା,୬।୧୦ (ଜୟନ୍ତୀ ରଣା/ମାନସ ମହାନ୍ତି)

## ସୁରକ୍ଷାକର୍ମୀଙ୍କୁ ଧମକାଇ ଚୋରାଚାଲାଣ ହେଉଥିଲା

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳର ରୁଗୁଡି ଥାନା ଅନ୍ତର୍ଗତ ନୂଆଗାଁ ଖଣି ଲିଜ ଅଞ୍ଚଳ ଓଏମ୍ସି (ଓଡିଶା ମାଇନିଂ କର୍ପୋରେଶନ) ଷ୍ଟକ୍ ୟାର୍ଡରୁ ଲୁହାପଥର ଚୋରାଚାଲାଣ ବେଳେ ପୋଲିସ ୫ ଲୁହାପଥର ବୋଝେଇ ଟ୍ରକ୍ ଜବତ କରିଛି। ଘରୋଇ ସୁରକ୍ଷାକର୍ମୀଙ୍କୁ ଧମକାଇ ଲୁହାପଥର ଚୋରାଚାଲାଣ ହେଉଥିଲା। ଘଟଣାସ୍ଥଳରୁ ଚୋରା କାରବାରରେ ସମ୍ପୃକ୍ତ ଜଣେ ଡ୍ରାଇଭରଙ୍କୁ ପୋଲିସ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ୨୦୨୦ରୁ ଖଣି ନିଲାମ ପୂର୍ବରୁ ଏଠାରେ ବହୁ ପରିମାଣର ଗୁଣ୍ଡ ଲୁହାପଥର ଗଚ୍ଛିତ ହୋଇଛି। ତାହା ଓଡ଼ିଶା ଖଣି ନିଗମ ତତ୍ତ୍ୱାବଧାନରେ ଥିବା ବେଳେ ସୁରକ୍ଷା ପାଇଁ ଓଏମ୍ସି ଦ୍ୱାରା ସୁରକ୍ଷାକର୍ମୀ ନିୟୋଜିତ କରାଯାଇଥିଲା। ସୁରକ୍ଷାକର୍ମୀଙ୍କୁ ଧମକ ଦେଇ ରବିବାର ବିଳମ୍ବିତ ରାତିରେ ଲିଜ୍ ଅଞ୍ଚଳରେ ପୂର୍ବରୁ ଗଚ୍ଛିତ ଷ୍ଟକ୍ରୁ ଖଣିଜ ଚୋରା ବ୍ୟବସାୟୀମାନେ ଲୋଡର ମେଶିନ ଦ୍ୱାରା ଟ୍ରକ୍ରେ ଲୁହାପଥର ଲୋଡିଂ କରୁଥିଲେ। ଖବର ପାଇ ରୁଗୁଡ଼ି ପୋଲିସ ଅତର୍କିତ ଚଢ଼ାଉ କରିଥିଲା। ତେବେ ପୋଲିସ ଗାଡ଼ି ଆସୁଥିବାର ଦେଖି ଘଟଣାସ୍ଥଳରୁ ଖଣିଜ ଚୋରା ବ୍ୟବସାୟୀ ଖସିଯିବାକୁ ସକ୍ଷମ ହୋଇଥିଲେ। ପୋଲିସ ୫ ଟି ଟ୍ରକ୍ (ଓଡି ୦୯ ୱାଇ ୦୦୧୪, ଓଡି ୦୪ ଏମ ୪୨୪୨, ଡବ୍ଲୁବି ୧୫ ଏଚ୍ ୭୪୯୫, ଜେଏଚ୍ ୦୨ ବିପି ୪୦୯୪, ଓଡି ୧୪ ଏଏଫ ୫୪୮୯) ଜବତ କରିଛି। ଚୋରା କାରବାରରେ ଏକ ବଡ଼ ଧରଣର ର୍ୟାକେଟ କାମ କରୁଥିବା ପୋଲିସ ସନ୍ଦେହ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରିଛି। ପୋଲିସ ଏ ନେଇ ରୁଗୁଡି ଥାନାରେ ଏକ ମାମଲା(ନଂ. ୧୨୫/୨୦୨୫) ରୁଜୁ କରିବା ସହ ଅଟକ ଅଭିଯୁକ୍ତଙ୍କୁ ପଚରାଉଚରା କରୁଛି।

# ପୂର୍ବ ଶତ୍ରୁତା, ଜୁଆଖେଳ ଟଙ୍କାକୁ ନେଇ ଯୁବକଙ୍କୁ ହତ୍ୟା

ଧରାକୋଟ,୬।୧୦(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ରେଣ୍ଟୀ ଦାମୋଦରପଲ୍ଲୀ ଗ୍ରାମରେ ପୂର୍ବ ଶତ୍ରୁତା ଓ ଜୁଆଖେଳ ଟଙ୍କା ମାଗିବାକୁ ନେଇ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ଗ୍ରାମର ଡି.ଶଙ୍କର ରେଣ୍ଟୀ ଓରଫ କାଳିଆ (୩୩)। ଏ ସଂକ୍ରାନ୍ତରେ ମୃତକଙ୍କ ବଡ଼ଭାଇ ଡି.ସଞ୍ଜୀବ ରେଣ୍ଟୀ ଧରାକୋଟ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୩୮୩/୨୫ରେ ମାମଲା ରୁଜୁ କରି ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଖବରରୁ ଜଣାପଡିଛି, ରବିବାର ରାତି ୧୧ଟାରେ କେତେଜଣ ଡି. ଶଙ୍କରଙ୍କୁ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ନେଉଥିବାବେଳେ ହିଞ୍ଜିଳି ନିକଟରେ ଡି. ଶଙ୍କରଙ୍କ ମୃତ୍ୟୁ ହୋଇଥିଲା। ବ୍ରହ୍ମପୁର ବଡ଼ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଧାର ଟଙ୍କା ମାଗିବା ଓ ପୂର୍ବ ଶତ୍ରୁତାକୁ ନେଇ ତାଙ୍କ ଭାଇଙ୍କୁ ହତ୍ୟା କରାଯାଇଛି ବୋଲି ଡି.ସଞ୍ଜୀବ କହୁଥିବାବେଳେ ଜୁଆଖେଳରୁ ମିଳିଥିବା ଟଙ୍କା ଭାଗବଣ୍ଟାକୁ ନେଇ ଏପରି ଘଟଣା ଘଟିଥିବା ମଧ୍ୟ ଶୁଣିବାକୁ ମିଳୁଛି। ଗ୍ରାମର ଜଗନ୍ନାଥ ମନ୍ଦିରରେ ଜୁଆଖେଳ ଚାଲିଥିବା ସମ୍ପର୍କରେ ଗତ ୨୦ ତାରିଖରେ ଗ୍ରାମର ଜଣେ ଯୁବ ସାମାଜିକ କର୍ମୀ ଧରାକୋଟ ଥାନା, ଆସିକା ଏସ୍ଡିପିଓ, ଗଞ୍ଜାମ ଏସ୍ପିଙ୍କୁ ଏ ସଂକ୍ରାନ୍ତରେ ଅବଗତ କରାଇଥିଲେ। ଏ ଦିଗରେ କିଛି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଏପରି ହତ୍ୟାକାଣ୍ଡ ଘଟିଲା ବୋଲି ମଧ୍ୟ ଅଭିଯୋଗ ହେଉଛି। ତଦନ୍ତକାରୀ ଅଧିକାରୀ ଏସ୍ଆଇ ବାଲ୍ମୀକି ପ୍ରଧାନ ଘଟଣାର ତଦନ୍ତ କରୁଛନ୍ତି। ଏଥିରେ ସଂପୃକ୍ତ ଥିବା ଅନ୍ୟ ସମସ୍ତ ଅଭିଯୁକ୍ତଙ୍କୁ ଧରିବାକୁ ଜିଲାର ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି। ଖୁବଶୀଘ୍ର ସମସ୍ତଙ୍କୁ ଗିରଫ କରାଯିବ ବୋଲି ଏସ୍ଆଇ ପ୍ରଧାନ କହିଛନ୍ତି।

## ରାଜ୍ୟ ଖବର

# ଖରସ୍ରୋତା ନଦୀରେ ମହିଳାଙ୍କୁ ଟାଣିନେଲା କୁମ୍ଭୀର

ବିଞ୍ଝାରପୁର/ ବରୀ,୬।୧୦ (ରାମକୃଷ୍ଣ ଦାସ/ ମହେନ୍ଦ୍ର ସ୍ୱାଇଁ)

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ଖରସ୍ରୋତା ନଦୀରେ ସୋମବାର ଅପରାହ୍ନରେ ଜଣେ ମହିଳାଙ୍କୁ ଏକ କୁମ୍ଭୀର ଟାଣିନେଇଛି। ମହିଳା ଜଣଙ୍କ ହେଲେ ବରୀ ବ୍ଲକ ଅଧୀନ ବୋଦୁଅ ପଞ୍ଚାୟତ କନ୍ତିଆ ଗ୍ରାମର ଶୁକଦେବ ମହଲାଙ୍କ ସ୍ତ୍ରୀ ସୌଦାମିନୀ ମହଲା(୫୫)।

ସୌଦାମିନୀ ସବୁଦିନ ପରି ଗାଁ ନଦୀ ତୁଠକୁ ଶୌଚହେବାକୁ ଆସିଥିଲେ। ଶୌଚ ହେବା ସମୟରେ ତୁଠରେ ଛପି ରହିଥିବା କୁମ୍ଭୀର ତାଙ୍କୁ ଗଭୀର ଜଳକୁ ଟାଣି ନେଇଥିଲା। ସ୍ଥାନୀୟ ଲୋକେ ପହଞ୍ଚି ହୋହଲ୍ଲା କରିଥିଲେ। ଏହି ସମୟରେ କୁମ୍ଭୀର ମହିଳାଙ୍କୁ ନଦୀରେ ବୁଡ଼ାଇ ମାରିଦେଉଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ମହିଳାଙ୍କ ପତ୍ତା ପାଇ ନ ଥିଲେ। ଅନ୍ୟପକ୍ଷରେ ଏହି ଘଟଣାପରେ ସ୍ଥାନୀୟ ବିଞ୍ଝାରପୁର



ମହିଳାଙ୍କୁ କୁମ୍ଭୀର ଟାଣି ନେଉଥିବାର ଦୃଶ୍ୟ

ସୌଦାମିନୀ ମହଲା

ଓ ବରୀ ସଂଲଗ୍ନ ଖରସ୍ରୋତା ନଦୀର ଉଭୟ ପାର୍ଶ୍ୱ ନଦୀକୂଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଗତ ୧ ମାସ ପୂର୍ବରୁ ଏହି ତୁଠରୁ ଏକ ଗାଈକୁ କୁମ୍ଭୀର ଟାଣି ନେଇଥିଲା। ସେହି ସମୟରେ ଆତଙ୍କିତ ଜନସାଧାରଣ ଏଠାରୁ କୁମ୍ଭୀରକୁ ତଡ଼ିବା ପାଇଁ ବନ ବିଭାଗ ନିକଟରେ ଦାବି କରିଥିଲେ। ଯଦି ବନବିଭାଗ ଉଚିତ ପଦକ୍ଷେପ ନେଇଥାନ୍ତା ଆଜି ଏଭଳି ଘଟଣା ଘଟି ନ ଥାନ୍ତା ବୋଲି ଲୋକେ କହିଛନ୍ତି। ଖବର ଲେଖାହେବାବେଳକୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା। ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ଥିଲେ।

# ବିଷାକ୍ତ ଖାଦ୍ୟ ଖାଇ ଜଣେ ମୃତ, ୨ ଗୁରୁତର ସନ୍ଦେହ

କାମାକ୍ଷାନଗର, ୬।୧୦ (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବାଟଗାଁ ପଞ୍ଚାୟତ ଝାଞ୍ଜିରୀବେରଣା ଗ୍ରାମରେ ବିଷାକ୍ତ ଖାଦ୍ୟ ଖାଇ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଥିବା ସାଧାରଣରେ ସନ୍ଦେହ କରାଯାଉଛି। ମୃତକ ହେଉଛନ୍ତି ଝାଞ୍ଜିରୀବେରଣା ଗ୍ରାମର ଲକ୍ଷ୍ମଣ ମୁର୍ମୁ (୬୬)। ଗୁରୁତର ହେଲେ ଲକ୍ଷ୍ମଣଙ୍କ ସ୍ତ୍ରୀ ଫୁଲ ମୁର୍ମୁ (୫୯) ଓ ଝିଅ ସୁଲୋଚନା ମୁର୍ମୁ (୩୯)।

ସୂଚନା ଅନୁଯାୟୀ, ଲକ୍ଷ୍ମଣ, ତାଙ୍କ ସ୍ତ୍ରୀ ଓ ଝିଅ ସୋମବାର ସକାଳୁ ଘରୁ ବାହାରି ନ ଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଘର କବାଟ ବନ୍ଦ ଥିବାରୁ ପଡ଼ୋଶୀମାନେ କବାଟ ବାଡ଼େଇଥିଲେ। ହେଲେ ଭିତରୁ କେହି ଜବାବ ନ ଦେବାରୁ ପଡ଼ୋଶୀମାନେ କବାଟ ଭାଙ୍ଗି ଘରେ ପଶିଥିଲେ। ଲକ୍ଷ୍ମଣ, ସ୍ତ୍ରୀ ଓ ଝିଅ ଅଚେତ ଅବସ୍ଥାରେ ପଡ଼ିଥିବାରୁ ସେମାନଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଲକ୍ଷ୍ମଣଙ୍କ ମୃତ୍ୟୁ ହୋଇଥିବା ବେଳେ ଫୁଲ ଓ ସୁଲୋଚନାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ସ୍ଥାନୀୟ ସରପଞ୍ଚଙ୍କ ଉପସ୍ଥିତିରେ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। କଙ୍କଡ଼ାହାଡ଼ ଥାନା ଅଧିକାରୀ କଳ୍ପନା ବେହେରା କହିଛନ୍ତି, ସମ୍ପୃକ୍ତ ୩ ଜଣ ରବିବାର ରାତିରେ ବାସୀ ଖାଦ୍ୟ ଖାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଖବରପାଇ ଢେଙ୍କାନାଳ ଏମ୍ପି ରୁଦ୍ର ନାରାୟଣ ପାଣି ଉଦ୍ବେଗ ପ୍ରକାଶ କରିବା ସହ ସମବେଦନା ଜଣାଇଛନ୍ତି। ଘଟଣା ସମ୍ପର୍କରେ ଜିଲାପାଳ,ଏସ୍ପିଙ୍କ ସହିତ ଆଲୋଚନା କରିଥିବା ଏମ୍ପି ପାଣି କହିଛନ୍ତି।

# ସିବିଆଇ ତଦନ୍ତ ନ ହେଲେ ଆଗକୁ ଜୋରଦାର ଆନ୍ଦୋଳନ: ବିଜେଡି



ଭୁବନେଶ୍ୱର, ୬।୧୦ (ସୁନିତ୍ ମିଶ୍ର)

## ମାଷ୍ଟର କ୍ୟାଣ୍ଟିନଠାରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର ପ୍ରତିବାଦ

ପୋଲିସ ଏସ୍ଆଇ ନିଯୁକ୍ତି କେଲେଙ୍କାରୀ ଘଟଣାରେ ଆଶାୟୀଙ୍କୁ ନ୍ୟାୟ ଦାବି ସହ ଅନିୟମିତତା ବିରୋଧରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ସୋମବାର ମାଷ୍ଟର କ୍ୟାଣ୍ଟିନଠାରେ ଜୋରଦାର ପ୍ରତିବାଦ କରାଯାଇଛି। ଏହି ଘଟଣାରେ ଆରମ୍ଭରୁ ହିଁ ବିଜେଡି ସିବିଆଇ ତଦନ୍ତ ଦାବିକରି ଆସୁଛି। ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଆ ନ ଗଲେ ଆଗକୁ ଜୋରଦାର ଆନ୍ଦୋଳନ କରିବାକୁ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି।

ମାଷ୍ଟର କ୍ୟାଣ୍ଟିନ ଛକଠାରେ ବିକ୍ଷୋଭ ବେଳେ ବିଜେଡି କର୍ମୀ ଓ ପୋଲିସ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ବିଜେଡି ନେତାମାନେ ଅଭିଯୋଗ କରିଛନ୍ତି, ଭାଜପା ଶାସନରେ ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ ବୃଦ୍ଧି ପାଇ ଓଡ଼ିଶା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ, ଲଜ୍ଜିତ ହୋଇଥିବା ବେଳେ ଏବେ ସରକାରୀ ଚାକିରି ବିକ୍ରି ଭଳି ସାଙ୍ଘାତିକ ଅଭିଯୋଗ ସାମ୍ନାକୁ ଆସିଛି। ଗତ ୧୫ ମାସରେ ୧୬ଟି ନିଯୁକ୍ତି ପରୀକ୍ଷା ଶେଷ ମୁହୂର୍ତ୍ତରେ ବାତିଲ ହୋଇଛି। ଏଥିଯୋଗୁ ନିଯୁକ୍ତି ଆଶାୟୀମାନେ ହତାଶ ହୋଇଛନ୍ତି। ପୋଲିସ ଏସ୍ଆଇ ପଦବୀ ପାଇଁ ଚଳିତ ବର୍ଷ ମାର୍ଚ୍ଚ ୮ ଓ ୯ରେ ହେବାକୁ ଥିବା ଲିଖିତ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରାଯାଇଥିଲା। ଏହାକୁ ଅକ୍ଟୋବର ୭ ଓ ୮ରେ କରିବାକୁ ସ୍ଥିର କରାଯାଇଥିଲା। ହେଲେ ୩୦ ସେପ୍ଟେମ୍ବରରେ ଏହାକୁ ପୁନର୍ବାର ବାତିଲ କରାଗଲା। ଏହି ନିଯୁକ୍ତି ପ୍ରକ୍ରିୟାରେ ଜାଲିଆତିରେ ସମ୍ପୃକ୍ତ ଥିବା ୧୧୪ ଜଣ ପରୀକ୍ଷାର୍ଥୀ ଓ ୩ ଜଣ ଦଲାଲଙ୍କୁ ଗିରଫ କରାଯାଇଛି। ଗିରଫ ପରୀକ୍ଷାର୍ଥୀମାନେ ମୋଟା ଅଙ୍କର ଲାଞ୍ଚ ଦେଇ ଏହି ଚାକିରି ହାତେଇବା ପାଇଁ ଉଦ୍ୟମ କରୁଥିଲେ ବୋଲି କୁହାଯାଉଛି। ଯେଉଁ ପଞ୍ଚସଫ୍ଟ କମ୍ପାନୀ ଏହି ପରୀକ୍ଷା ପରିଚାଳନା ଦାୟିତ୍ୱ ପାଇଥିଲା ତା'ର ମୁଖ୍ୟ ଶଙ୍କର ପୃଷ୍ଟି ଭାଜପାର ଜଣେ ସଦସ୍ୟ ବୋଲି ବିଜେଡି ଅଭିଯୋଗ କରିଛି। କେଉଁ ପରିସ୍ଥିତିରେ ଓ କାହା ନିର୍ଦ୍ଦେଶରେ ପଞ୍ଚସଫ୍ଟ ଭଳି ଏକ ଅନଭିଜ୍ଞ କମ୍ପାନୀକୁ ଏଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା ବୋଲି ବିଜେଡି ପ୍ରଶ୍ନ କରିଛି। ଏବେ ଘଟଣାର ତଦନ୍ତ ପୋଲିସ କରୁଛି, ଯିଏ ନିଜେ ଏଥିରେ ସମ୍ପୃକ୍ତ ବୋଲି ବିଜେଡି କହିଛି।

# ସିବିଆଇ କ'ଣ, ଦରକାର ପଡ଼ିଲେ ଏନ୍ଆଇଏ ତଦନ୍ତ ହେବ: ଭାଜପା ଯୁବମୋର୍ଚ୍ଚା

ଭୁବନେଶ୍ୱର, ୬।୧୦ (ସୁନିତ୍ ମିଶ୍ର)

ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଦେଢ଼ ବର୍ଷ ହେବ ଭାଜପା ସରକାର ଚାଲିଛି। ମାତ୍ର ଏହି ସରକାରରେ ଏପର୍ଯ୍ୟନ୍ତ କୌଣସି ପ୍ରକାର ଦୁର୍ନୀତିର ଛାପ ପଡ଼ିନାହିଁ। ଯେଉଁଠି ବି ଦୁର୍ନୀତି ହୋଇଛି, ସେଠାରେ ବିହୀତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ତଦନ୍ତ ପରେ ସେମାନଙ୍କୁ ଗିରଫ କରି ଜେଲ ପଠାଇ ଦିଆଯାଇଛି। ଏବେ ପୋଲିସ ଏସ୍ଆଇ ଦୁର୍ନୀତି ଘଟଣାରେ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ୧୧୪ ଆଶାୟୀ ଓ ୩ ମଧ୍ୟସ୍ଥଙ୍କୁ ଗିରଫ କରାଯାଇଛି। ବିଜେଡି ସରକାରରେ ଅତୀତରେ ଦୁର୍ନୀତି ଉପରେ ଘଣ୍ଟ ଘୋଡ଼ାଯାଉଥିଲା। ହେଲେ ଏବେ ଭାଜପା ସରକାର ଆକ୍ସନ ନେଉଛନ୍ତି। ତେଣୁ ଦୋଷୀଙ୍କୁ ଧରିବା ପାଇଁ ସିବିଆଇ କ'ଣ, ଦରକାର ପଡ଼ିଲେ ଏନ୍ଆଇଏ ତଦନ୍ତ ହେବ ବୋଲି ଭାଜପା ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅଭିଲାଷ କହିଛନ୍ତି, ଗତ ସରକାରରେ ଦୁର୍ନୀତି ଚରମସୀମା ଛୁଇଁଥିଲା। ୨୦୨୩ରେ ସିଭିଲ୍ ଜେଇ ପ୍ରଶ୍ନପତ୍ର ଲିକ୍ ହୋଇଥିଲା। ସେତେବେଳେ ବାଲେଶ୍ୱର ପୋଲିସ ଗୋଟିଏ ର୍ୟାକେଟକୁ ଧରିଥିଲା। ସେହି ସମୟରେ ବିଜେଡି ସରକାରରେ ଥିଲା। ଏହି ମାମଲାରେ ସେତେବେଳେ ୮୬ଜଣ ପରୀକ୍ଷାର୍ଥୀଙ୍କୁ ପୋଲିସ ଅଟକ ରଖିଥିଲା। ସମ୍ପୃକ୍ତ ଅଭିଯୁକ୍ତମାନେ ଏହି ଚାକିରି ପାଇଁ ଟଙ୍କା ଦେଇଥିବା ଜଣାପଡ଼ିଥିଲା। ମାତ୍ର ସେମାନଙ୍କ ବିରୋଧରେ ବିଜେଡି ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଏପରିକି ଏଫ୍ଆଇଆର୍ ମଧ୍ୟ ହୋଇ ନ ଥିଲା। କାରଣ ଏଥିରେ ବିଜେଡି ନେତାମାନଙ୍କ ସିଧାସଳଖ ସମ୍ପୃକ୍ତି ଥିଲା। ଟଙ୍କା ନେଇ ଚାକିରି ଦେବା ଦୁର୍ନୀତି ବିଜେଡିର ଏକ ପ୍ରକ୍ରିୟା ପାଲଟିଯାଇଥିଲା। ମାତ୍ର ଭାଜପା ସରକାର ପୁରୁଣା ଢାଞ୍ଚାରେ ଚାଲୁଥିବା ଚାକିରି ବିକ୍ରି ସିଣ୍ଡିକେଟକୁ ଧରିଛନ୍ତି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ୧୩ ଜଣ ଗୋଟିଏ କୋଚିଂ ସେଣ୍ଟରର ନାମ କହିଛନ୍ତି। ତାହା ହେଲା ବଣିକ। ଦେଶର ଯେତେସବୁ ଭଲ କୋଚିଂ ସେଣ୍ଟର ରହିଛି ସଭିଏଁ ପିଲାଙ୍କୁ ପାଠ ପଢ଼ିବା ପାଇଁ ଭଲଭଲ ସ୍ଲୋଗାନ ଦେଉଥିବାବେଳେ ବଣିକର ସ୍ଲୋଗାନ ଥିଲା ସରକାରୀ ଚାକିରି ଥୁଆ ହୋଇଛି। ଅର୍ଥାତ୍ ସରକାରୀ ଚାକିରି କରିବାକୁ ଚାହିଁଲେ କେବଳ ବଣିକରେ ନାମ ଲେଖାନ୍ତୁ। ଏଥିରୁ ସ୍ପଷ୍ଟ ଯେ, ଏହି କେଲେଙ୍କାରୀରେ ବଣିକ ଅନୁଷ୍ଠାନର ମାଲିକ ତଥା ବିଜେଡିର ଟାଣୁଆ ନେତା ସୁବ୍ରତ ଛାଟୋଇଙ୍କ ସମ୍ପୃକ୍ତି ରହିଛି। ବିଜେଡି ସରକାର ଅମଳରୁ ଏହା ଚାଲିଆସୁଛି, ଏଣୁ ପିଲାମାନଙ୍କୁ ଏହି ସଂସ୍ଥା ଓ ଏହାର ମାଲିକ ନିର୍ଭର ପ୍ରତିଶ୍ରୁତି ଦେଇଚାଲିଥିଲେ। ଏବେ ପୋଲିସ ଏସ୍ଆଇ ନିଯୁକ୍ତି ଘଟଣାରେ ନୟାଗଡ଼ ଜିଲା ଖଣ୍ଡପଡ଼ା ଏନ୍ଏସି ଅନ୍ତର୍ଗତ ୪ ନମ୍ବର କାଉନସିଲର ତଥା ବିଜେଡି ନେତା ଯତୀନ କୁମାର ଦଳାଇଙ୍କୁ ଗିରଫ କରିଛି। ସେହିପରି ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଅନ୍ତର୍ଗତ ପତ୍ରାପାଲିର ମୁନକି ରାଜପଲିଆ ଓ ତାଙ୍କ ସ୍ୱାମୀ ପ୍ରହଲ୍ଲାଦ ନାଗ ମଧ୍ୟ ଗିରଫ ହୋଇଛନ୍ତି। ମୁନକି ହେଉଛନ୍ତି ବିଜେଡି ସମର୍ଥିତ ସମିତି ସଭ୍ୟ ଏବଂ ଉକ୍ତ ଦଳର ଜଣେ ନାରୀନେତ୍ରୀ। କେବଳ ଏମାନେ ନୁହନ୍ତି ଧରାପଡ଼ିଥିବା ଅଧିକାଂଶ ଅଭିଯୁକ୍ତ ହେଲେ ବିଜେଡିର କାର୍ଯ୍ୟକର୍ତ୍ତା। ମାତ୍ର ଚୋର ମଚାଏ ସୋର ଭଳି ବିଜେଡି ନେତାମାନେ ଏବେ ପ୍ରଳାପ କରିବାରେ ଲାଗିଛନ୍ତି ବୋଲି ଅଭିଲାଷ କହିଛନ୍ତି।

# ନୂଆପଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ପ୍ରଚାର ତାଙ୍କ ସମ୍ବେଦନହୀନତାକୁ ଦର୍ଶାଉଛି: ବିଜେଡି

ଭୁବନେଶ୍ୱର, ୬।୧୦(ସୁନିତ୍ ମିଶ୍ର)

କଟକରେ ଉଦ୍ବେଗଜନକ ସ୍ଥିତି, ଗଜପତି ଜିଲାରେ ଭୂସ୍ଖଳନଜନିତ ସମସ୍ୟା, ୨୦୦ କୋଟି ଟଙ୍କାର ଏସ୍ଆଇ ଚାକିରି କେଲେଙ୍କାରୀ, ୫ଟି ଜିଲାରେ ବର୍ଷାଜନିତ ବ୍ୟାପକ କ୍ଷୟକ୍ଷତି, ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିର ମୁକାବିଲା କରିବା ପରିବର୍ତ୍ତେ ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ାରେ ନିର୍ବାଚନୀ ପ୍ରଚାରକୁ ବିଜେଡି ପକ୍ଷରୁ ନିନ୍ଦା କରାଯାଇଛି। ଶଙ୍ଖ ଭବନଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦଳର ଉପସଭାପତି ସଞ୍ଜୟ ଦାସବର୍ମା କହିଛନ୍ତି, ନିର୍ବାଚନ ଆଚରଣ ବିଧି ଲାଗୁ ହେବାର ୨ ଘଣ୍ଟା ପୂର୍ବରୁ ମୁଖ୍ୟମନ୍ତ୍ରୀ ନୂଆପଡ଼ାରେ ୧୧୦୦ କୋଟିର ପ୍ରକଳ୍ପ ଘୋଷଣା କରିବା ଦୁର୍ଭାଗ୍ୟଜନକ। ଭାଇଚାରାର ସହର କଟକରେ କେବେ ନ ଦେଖିବା ସ୍ଥିତି ବର୍ତ୍ତମାନ ଡବଲ ଇଞ୍ଜିନ ସରକାରରେ ଦେଖିବାକୁ ମିଳିଛି। ନିଯୁକ୍ତି ଆଶାୟୀ ଯୁବ ସମାଜକୁ ପ୍ରତାରଣା କରି ସରକାରୀ ପ୍ରୋତ୍ସାହନରେ ପୋଲିସ ଏସ୍ଆଇ ଚାକିରି ବିକ୍ରି ହେବା ଘଟଣା ରାଜ୍ୟବାସୀଙ୍କ ମନକୁ ଆନ୍ଦୋଳିତ କରିଛି। ଏଭଳି ସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ାରେ ନିର୍ବାଚନୀ ପ୍ରଚାର ରାଜ୍ୟବାସୀଙ୍କ ପ୍ରତି ସମ୍ବେଦନହୀନତାକୁ ଦର୍ଶାଉଛି ବୋଲି ସେ କହିଛନ୍ତି। ଏହି ଅବସରରେ ବିଜୁ ମହିଳା ଜନତା ଦଳ ସଭାପତି ସ୍ନେହାଙ୍ଗିନୀ ଛୁରିଆ ଏବଂ ବିଧାୟକ ଅଶ୍ୱିନୀ ପାତ୍ର ଉପସ୍ଥିତ ଥିଲେ।

ବିଶ୍ୱସୃଷ୍ଟି ଆରମ୍ଭରେ ଥିଲା ପ୍ରେମ ଏବଂ ପ୍ରେମ ହିଁ ଭଗବାନ। ... ପ୍ରେମ ହିଁ କେବଳ ପୃଥିବୀର ଦୁଃଖ ଯନ୍ତ୍ରଣା ଉପଶମ କରିବା ପାଇଁ ସମର୍ଥ। ... ଏ ବିଶ୍ୱରେ ଯେତେ ପ୍ରକାର ଶକ୍ତି କାର୍ଯ୍ୟ କରୁଛନ୍ତି- ସେମାନଙ୍କ ଭିତରେ ପ୍ରେମ ହିଁ ସବୁଠାରୁ ଅପ୍ରତିରୋଧ ଓ ସବୁଠାରୁ କ୍ଷମତାଶାଳୀ। -ଶ୍ରୀମା

-କୁମାର ପୂର୍ଣ୍ଣିମା ଓ କାର୍ତ୍ତିକ ବ୍ରତାରମ୍ଭ



# ଚାକିରି ପାଇଁ ନିବେଶ

ସଭ୍ୟ ସମାଜରେ ପୋଲିସ ଆପରାଧିକ ନ୍ୟାୟ ବ୍ୟବସ୍ଥାର ମେରୁଦଣ୍ଡ ବୋଲି କୁହାଯାଇଥାଏ। ପ୍ରାରମ୍ଭିକ ପର୍ଯ୍ୟାୟରେ ଆଇନଶୃଙ୍ଖଳା ବଜାୟ ରଖିବା, ଅପରାଧ ଠାବ କରି ତାହାକୁ ଦୂର କରିବା ଏବଂ ଜନସାଧାରଣଙ୍କ ଜୀବନ ଓ ଧନର ସୁରକ୍ଷା କରିବା ହେଉଛି ପୋଲିସର ଦାୟିତ୍ୱ। ହେଲେ ଆଜି ଓଡ଼ିଶା ସମେତ ସବୁ ରାଜ୍ୟର ପୋଲିସ ଯେମିତି ବଡ଼ବଡ଼ିଆଙ୍କ ଜଗୁଆଳି ସାଜିଛନ୍ତି। ସେମାନେ ଭିଆଇପିଙ୍କ ସୁରକ୍ଷାରେ ରହୁଥିବା ଅଧିକାଂଶ ବେଳେ ଦେଖିବାକୁ ମିଳୁଛି। ଅପରାଧକୁ ନିୟନ୍ତ୍ରଣ କରିବା ଅପେକ୍ଷା 'ଭିଆଇପି ମୁଭ୍‌ମେଣ୍ଟ' ପାଇଁ ଟ୍ରାଫିକ୍ ଜଗିବାକୁ ବଡ଼ କାମ ବୋଲି ପୋଲିସ ଧରି ନେଉଛି। ପୋଲିସ ଷ୍ଟେଶନରେ ଥାନା ବଡ଼ ବାବୁ କାହାନ୍ତି ପ୍ରଶ୍ନ କଲେ, ଉତ୍ତର ମିଳିବ ସାର୍ ମନ୍ତ୍ରୀଙ୍କ ସୁରକ୍ଷାରେ ବ୍ୟସ୍ତ। ଲାଗିଲାଣି ଯେମିତି ପୋଲିସ ବଡିଗାର୍ଡ ୟୁନିଟ୍ ହୋଇଯାଇଛି। ଅପରାଧ ତା' ବାଟରେ ଦୌଡୁଛି। ସମସ୍ୟା ଅଣାୟତ୍ତ ହୋଇଗଲାଣି ବୋଲି କଟକ ଭଳି ଘଟଣା ପ୍ରମାଣ କରିଦେଉଛି। ସହର ଡିସିପି ଓ ତାଙ୍କ ସହ ୨୫ ଜଣ ପୋଲିସ କର୍ମଚାରୀ ଗୁରୁତର ଆହତ ହେବା ଖବର ସ୍ଥାନୀୟ ଗୁଣ୍ଡା ଓ ଅସାମାଜିକ ବ୍ୟକ୍ତିଙ୍କ ମନୋବଳ ବଢ଼ାଇବା ସୁନିଶ୍ଚିତ। ଯେତେବେଳେ ପୋଲିସ ନିଜକୁ ସୁରକ୍ଷା ଦେବାରେ ଅକ୍ଷମ ହୋଇପଡ଼େ ସେତେବେଳେ ସଭ୍ୟ ସମାଜରେ ମୂଳଦୁଆ ଭୁଶୁଡ଼ି ପଡ଼ିଲା ଭଳି ହୃଦ୍‌ବୋଧ ହେବା ସ୍ୱାଭାବିକ।

ଏଥିସହିତ ଅନ୍ୟ ଏକ ଦିଗକୁ ବି ଦେଖାଯାଉ। ବିଗତ କିଛି ବର୍ଷ ହେଲା ବାରମ୍ବାର ପ୍ରବେଶିକା ଓ ନିଯୁକ୍ତି ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ହେବା କିମ୍ବା ଅଶାୟୀଙ୍କୁ ଗଳାବାଟ ଦେଇ ଯୋଗ୍ୟ କରାଇବା ଭଳି ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ଏଭଳି କାର୍ଯ୍ୟକଳାପକୁ ପୋଲିସ ଠିକ୍ ଭାବେ ତଦନ୍ତ କରି ନିୟନ୍ତ୍ରଣ କରିପାରୁନାହିଁ। ଓଡ଼ିଶା ନ୍ୟାୟିକ ସେବା (ଓଜେଏସ୍), ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି), ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଓ ଅମିନ ପରୀକ୍ଷାକୁ ବାତିଲ କରାଯିବା ଏସବୁର ଦୃଷ୍ଟାନ୍ତ। ନିକଟରେ ଓଡ଼ିଶା ପୋଲିସର ସବ୍-ଇନ୍ସପେକ୍ଟର (ଏସ୍‌ଆଇ) ପରୀକ୍ଷା ଜାଲିଆତି ରାଜ୍ୟବ୍ୟାପୀ ଚହଳ ପକାଇବା ତା'ର ଦକ୍ଷତା ଉପରେ ପ୍ରଶ୍ନ ଉଠାଇଛି। ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ଦ୍ୱାରା ହେବାକୁ ଥିବା ଏହି ପରୀକ୍ଷାକୁ ଶେଷରେ ବାତିଲ କରିବାକୁ ପଡ଼ିଛି । ଘଟଣାକୁ ଦେଖିଲେ ଏହି ପରୀକ୍ଷାର ପରିଚାଳନା ଦାୟିତ୍ୱ ନେଇଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଆଇଟିଆଇ ଲିମିଟେଡ୍ ତାହାକୁ ସିଲିକନ ଟେକଲାବ୍ ପ୍ରାଇଭେଟ ଲିମିଟେଡ୍‌କୁ ଦେଇଥିଲା। ସିଲିକନ୍ ପୁଣି ପଞ୍ଚସଫ୍ଟ ଟେକ୍‌ନୋଲୋଜିସ୍ ପ୍ରାଇଭେଟ ଲିମିଟେଡ୍‌କୁ କାମ ଦେଇଥିଲା। ଅର୍ଥାତ୍ ୩ ସେଣାରେ ପରୀକ୍ଷା କରାଇବା ଦ୍ୱାରା ପ୍ରତ୍ୟେକ ସଂସ୍ଥା ନିଜ ଲାଭ ରଖି ପରବର୍ତ୍ତୀ ସଂସ୍ଥାକୁ କାମ ହସ୍ତାନ୍ତର କରିଛି। ଏଥିରୁ ବୁଝିବାକୁ ହେବ ଯେ କରଦାତାଙ୍କ ଅର୍ଥକୁ କେତେ ପରିମାଣରେ ନଷ୍ଟ କରାଯାଉଛି। ଏହାବ୍ୟତୀତ ଏହିସବୁ ପରୀକ୍ଷାରେ କେଉଁଠାରୁ ବଦ୍‌ମାସି ଆରମ୍ଭ ହେଲା ତାହା ଲୁଚିଯିବା ସହଜ ହୋଇଥାଏ ଯେତେବେଳେ ବିଭିନ୍ନ ପରସ୍ତରେ କାମ କରାଯାଇଥାଏ। ଦେଖିବାକୁ ଗଲେ ସେହିସବୁ ସଂସ୍ଥା ଲିଖିତ ପରୀକ୍ଷା କରିବା ପରେ ଶାରୀରିକ ଓ ମୌଖିକ ପରୀକ୍ଷା ଓପିଆର୍‌ବି କରିଥାଆନ୍ତା। ତେବେ ଘରୋଇ ସଂସ୍ଥା ପଞ୍ଚସଫ୍ଟର ମାଲିକ ଶଙ୍କର ପୃଷ୍ଟିଙ୍କ ଯୋଜନା ଅନୁଯାୟୀ ପରୀକ୍ଷା ପୂର୍ବରୁ ୧୧୪ ଜଣ ଆଶାୟୀଙ୍କୁ ହାଇଦ୍ରାବାଦ ଅଭିମୁଖେ ନିଆଯାଉଥିଲା। ଏ ବିଷୟ ଜଣାପଡ଼ିବା ପରେ ପୋଲିସ ସେମାନଙ୍କୁ ଗିରଫ କରି ଏସ୍‌ଆଇ ପରୀକ୍ଷାକୁ ବାତିଲ କରାଯାଇଛି। ଏଥିରେ ଜଣେ ପୂର୍ବତନ ଜେଲ୍ ଡିଆଇଜିଙ୍କ ପିଲା ରହିଥିବା ଖବର ପଦାକୁ ଆସିଛି। ଖୋଳତାଡ଼ ହେବା ପରେ ହୁଏତ ଅନ୍ୟ କେତେକଙ୍କ ନାମ ପଦାକୁ ଆସିପାରେ। ଜଣାପଡ଼ିଛି ଯେ, ଗୋଟେ ପଦବୀ ପାଇବା ପାଇଁ ଆଶାୟୀମାନେ ୨୫ ଲକ୍ଷ ଟଙ୍କା ଦେବା ଲାଗି ପ୍ରସ୍ତୁତ ହୋଇଥିଲେ। ପରୀକ୍ଷା ପୂର୍ବରୁ ୧୦ ଲକ୍ଷ ଦିଆଯାଇଥିଲା, ଚାକିରି ପାଇଥିଲେ ୧୫ ଲକ୍ଷ ଦେଇଥାଆନ୍ତେ ବୋଲି କଥା ସରିଥିଲା। ଇତିମଧ୍ୟରେ ଏହି ଜାଲିଆତିର ତଦନ୍ତ ଦାୟିତ୍ୱ କ୍ରାଇମ୍‌ବ୍ରାଞ୍ଚ ନେଇଥିବା କେବଳ ଧର୍ମକୁ ଆଖିଠାର ଭଳି।

ବାସ୍ତବରେ ଯେଉଁ ପ୍ରାର୍ଥୀମାନେ ପର୍ଯ୍ୟାପ୍ତ ଅର୍ଥ ବିନିଯୋଗ କରି ପୋଲିସ ଚାକିରିରେ ଭର୍ତ୍ତି ହେବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କର ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ କେତେ ଦୃଷ୍ଟି ପଡ଼ିବ ତାହା ଚିନ୍ତାର ବିଷୟ। ଏଥିସହିତ ନିରୀହଙ୍କୁ ନ୍ୟାୟ ଯୋଗାଇବା ପାଇଁ ଏହିଭଳି ପୋଲିସ ଅଫିସରଙ୍କର ଦାୟିତ୍ୱ ପଡ଼ିଲେ ସେମାନେ କେତେ ନିଷ୍ଠାରେ କାମ କରିବେ ତାହା ସମୟ କହୁଛି। ହୁଏତ ସେଥିପାଇଁ ଆଜି ମଧ୍ୟ ଭଦ୍ର ନାଗରିକମାନେ ଥାନାକୁ ଯିବାକୁ ଭୟ କରୁଛନ୍ତି। ଏହି ମାନସିକତା ଅନ୍ୟ ଗଣତାନ୍ତ୍ରିକ ଦେଶଗୁଡ଼ିକରେ ଦେଖିବାକୁ ମିଳେନାହିଁ। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ମାତ୍ରକେ ସାଧାରଣ ଲୋକ ଶାନ୍ତିରେ ପ୍ରଶ୍ୱାସ ନେଇପାରନ୍ତି। କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତରେ ସେହିଭଳି ପରିସ୍ଥିତି ଦେଖିବାକୁ ମିଳେ ନାହିଁ। ପୂର୍ବରୁ ଚିନ୍ତା କରାଯାଉଥିଲା ମହିଳାମାନଙ୍କୁ ଆୟତ୍ତ କରିବା ପାଇଁ ମହିଳା ପୋଲିସ ମୁତୟନ ହେବା ଉଚିତ। ପରବର୍ତ୍ତୀ ସମୟରେ ଏବଂ ବିଶେଷକରି ସୋସିଆଲ ମିଡିଆରେ ପୋଲିସର ଅସଦ୍ ବ୍ୟବହାର ଦେଶବାସୀ ଦେଖିବାକୁ ପାଉଛନ୍ତି। ଏଥିରୁ ବୁଝିବାକୁ ହେବ ଯେ ମହିଳା ହୁଅନ୍ତୁ ବା ପୁରୁଷ, ପୋଲିସ ବଳର କ୍ଷମତାକୁ ଅପବ୍ୟବହାର କରିବା ପାଇଁ ସବୁ କର୍ମଚାରୀ ନ ହେଲେ ମଧ୍ୟ ଅଧିକାଂଶ ପ୍ରବଳ ମାତ୍ରାରେ ଇଚ୍ଛୁକ ରହୁଛନ୍ତି। ସେଥିପାଇଁ ୨୫ ଲକ୍ଷ ବିନିଯୋଗ କରି ଚାକିରି ପାଇବା ପରେ ସେହି ପୋଲିସ କର୍ମଚାରୀର ଲୋଭ ଅସରନ୍ତି ହୋଇଯାଉଛି। ଏହା ଏକ ସାମାଜିକ ରୋଗ, ଯାହାର ନିରାକରଣ ରାତାରାତି ହୋଇପାରିବ ନାହିଁ। କାରଣ ଉଚ୍ଚପଦସ୍ଥ ଅଫିସର ମଧ୍ୟ କୌଣସି ଭାବେ ଜନତା ସପକ୍ଷବାଦୀ ଚରିତ୍ର ପ୍ରଦର୍ଶନ କରିବାକୁ ଚେଷ୍ଟା କରୁନାହାନ୍ତି। ସେଥିପାଇଁକି ସକାରାତ୍ମକ ଅନୁକରଣ କରିବା ସୁଯୋଗ ଉପୁଜୁ ନାହିଁ।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | | | 3 | | |
| 8 | 9 | | | | | | 1 | 4 |
| | | 1 | | | | 8 | 6 | |
| | | 8 | | | 5 | | | 7 |
| | | | 7 | 8 | | | | |
| | 2 | | | 4 | | | | |
| | 7 | | | | 9 | 6 | | 1 |
| | | | | | 7 | | 4 | |
| | | | 6 | 2 | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 2 | 8 | 5 | 7 | 3 | 9 | 4 |
| 3 | 9 | 5 | 4 | 6 | 1 | 2 | 8 | 7 |
| 7 | 4 | 8 | 2 | 3 | 9 | 1 | 6 | 5 |
| 9 | 3 | 1 | 5 | 8 | 2 | 4 | 7 | 6 |
| 8 | 5 | 7 | 1 | 4 | 6 | 9 | 2 | 3 |
| 6 | 2 | 4 | 7 | 9 | 3 | 8 | 5 | 1 |
| 2 | 7 | 3 | 6 | 1 | 8 | 5 | 4 | 9 |
| 5 | 8 | 9 | 3 | 7 | 4 | 6 | 1 | 2 |
| 4 | 1 | 6 | 9 | 2 | 5 | 7 | 3 | 8 |

ଗତକାଲିର ଉତ୍ତର

# ମନ୍ଦିର ଆଉ ପ୍ରାର୍ଥନା




ସହଦେବ ସାହୁ

ଜଗନ୍ନାଥ ଚାହିଁଲେ ବୋଲି ଆପଣ ଆସିଲେ - ନ ଚାହିଁଥିଲେ କ'ଣ ଆପଣ ଆସିଥାନ୍ତେ? ଶ୍ରୀମନ୍ଦିରରେ ପଣ୍ଡାମାନେ ଏମିତି କହୁଥିବାର ମୁଁ ଶୁଣିଛି, ଆପଣମାନେ ବି ଶୁଣିଥିବେ। କିଏ କାହାକୁ ଡାକୁଛି? ଯଦି ଠାକୁରେ ଡାକୁଛନ୍ତି ତେବେ କେତେଜଣ ଶ୍ରଦ୍ଧାଳୁ ବାଟଘାଟରେ ବା ଭିଡ଼ତୋଡ଼ରେ ମୃତ୍ୟୁ ଲଭୁଛନ୍ତି କାହିଁକି? ଠାକୁରଙ୍କୁ ଆମେ ଡାକିଲେ ପ୍ରାର୍ଥନା, ଠାକୁରେ ଆମକୁ ଡାକିଲେ ପୂଜା। ଆମେ ଠାକୁରଙ୍କୁ ଡାକିଲେ ବଞ୍ଚିଯିବା ନିଶ୍ଚିତ, କିନ୍ତୁ ଠାକୁରେ ଆମକୁ ଡାକିଲେ ଆମ ଭିତରୁ କେତେକେ ମରିବା ନିଶ୍ଚିତ। ଏ କଥା ସର୍ବବିଦିତ, ତଥାପି ଲୋକେ ମନ୍ଦିର, ମସ୍‌ଜିଦ, ଗୁରୁଦ୍ୱାର, ଗିର୍ଜାକୁ ଯାଆନ୍ତି। ତଥାପି ମଣିଷ ଭୁଲିଯାଏ ଯେ ପ୍ରାର୍ଥନା ପ୍ରଥମେ, ଠାକୁର ପରେ। ସ୍କୁଲ ଆରମ୍ଭରେ ଛାତ୍ରୀଛାତ୍ରମାନଙ୍କ ମୁହଁରେ, ପଲିଟିକାଲ ସ୍ୱିଚ୍ ପରେ ନେତା ଓ ଦେଖଣାହାରୀମାନଙ୍କ ମୁହଁରେ, ଅପରେଶନ ଥିଏଟର ସାମ୍ନାରେ ଠିଆହୋଇଥିବା ଲୋକଙ୍କ ମୁହଁରେ ତ ୱାର୍ଲଡ କପ୍ ଫାଇନାଲରେ ଲକ୍ଷ ଲକ୍ଷ ଲୋକଙ୍କ ମୁହଁରେ ପ୍ରାର୍ଥନା। ମିଟିଂରେ ପହଞ୍ଚିବାକୁ ଡେରି ହେଉଛି ସେତିକି ବେଳେ ଟ୍ରାଫିକ୍ ଲାଇଟ୍ ଲାଲ ଦିଶିଲା ତ ପ୍ରାର୍ଥନା। ପରୀକ୍ଷା ହଲ୍‌କୁ ଯିବା ରାସ୍ତାରେ, ବିମାନ ଉଡ଼ାଣ ଆରମ୍ଭ ହେଲା କ୍ଷଣି, ପରୀକ୍ଷାଫଳ ଖାତା ଖୋଲିବା ବେଳେ ପ୍ରାର୍ଥନା। ସବୁଠି ପ୍ରାର୍ଥନା। ସବୁ ଧର୍ମରେ। ଠାକୁର ତ ଅସଂଖ୍ୟ। ତା'ଛଡ଼ା ଗୁରୁ, ଯୋଗୀ, ଫକିର, ସନ୍ଥମାନେ ପ୍ରାର୍ଥନାରୁ ଆରମ୍ଭ ଓ ପ୍ରାର୍ଥନାରେ ଶେଷ। ପ୍ରାର୍ଥନା ଧର୍ମ ଭିତରେ ଲୁଚି ରହିଛି ବୋଲି ଆମେ ଭାବୁ, କିନ୍ତୁ ଜଣେ ଧର୍ମାଳୁ ନ ହୋଇ ବି ପ୍ରାର୍ଥନା କରେ। ଏ ଗୋଟିଏ ରୀତି ହୋଇଗଲାଣି।

ରାଜନୀତିରେ ଅଧର୍ମ କାମ କରୁଥିବା ଲୋକ ବି ପ୍ରାର୍ଥନା କରେ - ଧର୍ମାଳୁ ନ ହୋଇ ବି ପ୍ରାର୍ଥନା। ଆମେ ପ୍ରାର୍ଥନା କରିବା ଆବଶ୍ୟକ ବୋଲି ଠାକୁର ରହିବା ଦରକାର। କେହି ତ ଆମ ପ୍ରାର୍ଥନା ଶୁଣିବା ଦରକାର। ପ୍ରାର୍ଥନା କରୁଛୁ ବୋଲି ଆସ୍ଥା ଅଛି, ଆସ୍ଥା ଅଛି ବୋଲି ପ୍ରାର୍ଥନା ନୁହେଁ। ଠାକୁର ଅଛନ୍ତି ବୋଲି ଆମେ ପ୍ରାର୍ଥନା କରୁନା, ପ୍ରାର୍ଥନା କରୁଛୁ ବୋଲି ଠାକୁର ରହିବା ଦରକାର। ଆମ ଶବ୍ଦଗୁଡ଼ାକ କେଉଁଠି ତ ପହଞ୍ଚିବା ଦରକାର! ବିଶ୍ୱାସ (ଭକ୍ତି)ରୁ ପ୍ରାର୍ଥନା ଜନ୍ମେ ନାହିଁ, ପ୍ରାର୍ଥନାରୁ ବିଶ୍ୱାସ/ଆସ୍ଥା/ଧର୍ମ ଆସେ।

ଟିକେ ଭିତରେଇ ଦେଖିଲେ ଜାଣିବା ଯେ ପ୍ରାର୍ଥନା କାହାକୁ କହୁଛୁ ତା' ବିଷୟରେ ଯେତେ ନୁହେଁ ତା'ଠାରୁ ବେଶି ପ୍ରାର୍ଥନାକାରୀର ପରିସ୍ଥିତି ସମ୍ପର୍କରେ, ଯେଉଁ ପରିସ୍ଥିତିରୁ ଆମେ ଦୁଃଖରେ ଅଛୁ ବା ଅସଫଳ ହେବାର ଆଶଙ୍କା ଅଛି ତହିଁରୁ ଉଦ୍ଧାର ପାଇଁ। କ୍ଷୁଦ୍ର ବା ନଗଣ୍ୟ ଅନୁଭବ କରୁଥିବାରୁ ପ୍ରାର୍ଥନା ଆସେ, ଆମେ କ'ଣ ଚାହୁଁଛୁ ସେହି ଭାବନାରୁ ଆସେ। ଏ ଯେପରି ଏକ ମୂଳଚାଲ କାରବାର। ମୁଁ ମୋର ନିମ୍ନ ଭାବ ପ୍ରକାଶ କରୁଛି, ଶରଣ ପଶୁଛି, ତା' ବଦଳରେ



କିଛି ଚାହୁଁଛି। ନିଜର ଅକ୍ଷମତା ପ୍ରକାଶକରି ବିଶ୍ୱରୁ କିଛି ସୁବିଧା ବା ଅନୁଗ୍ରହ (କନ୍‌ସେସନ୍) ଚାହୁଁଛି। ଆମେ କ'ଣ ଚାହୁଁଛୁ ଓ କେତେଦୂର ତାହା ପାଇପାରିବୁ - ଏ ଦୁଇଟା ଭିତରେ ଥିବା ବ୍ୟବଧାନକୁ ପୂରଣ କରିବାର ଇଚ୍ଛାକୁ ପୂରଣ ପାଇଁ ଆମେ ପ୍ରାର୍ଥନା କରୁ। ଆମେ ସମର୍ପଣ ଭାବ ଦେଖାଉ, ସମର୍ପଣ ଭାବ ଭିତରେ ଅଛି ଆମର ଉଚ୍ଚାକାଙ୍କ୍ଷା। ପ୍ରାର୍ଥନାରେ ଆମେ ନିଜକୁ କ୍ଷୁଦ୍ର ମନେକରୁ ଏବଂ ଏମିତି ମନେକରିବା ହେତୁ ନିଜକୁ ମହାନ୍ ଭାବୁ। ପ୍ରାର୍ଥନା ଆମର ତୁଚ୍ଛ ଶରୀରକୁ ବିଶ୍ୱସ୍ତରୀୟ କରିଦିଏ। ପ୍ରାର୍ଥନା ଆମକୁ ଅଭାବୀ ଦର୍ଶାଏ ଏବଂ ଏ ପ୍ରକାର ଅନୁଭବ ଭିତରେ ଆମର ବଡ଼ପଣିଆ, ଅଧିକ ପାଇବାର ଯୋଗ୍ୟତା ଅନୁଭବ କରାଏ। ପ୍ରାର୍ଥନା କାନ୍ଦଣା ନୁହେଁ, ପ୍ରାର୍ଥନା କାନ୍ଦଣାକୁ ତାଳ ଦିଏ, ଦିଗ ଦିଏ, ମର୍ଯ୍ୟାଦା ଦିଏ। ଭିନ୍ନ ଭିନ୍ନ ରୀତିର ପ୍ରାର୍ଥନା ସେଇ ଗୋଟିଏ ପ୍ରବୃତ୍ତିକୁ ପ୍ରମାଣକରେ। ଶବ୍ଦଗୁଡ଼ାକ ବର୍ଣ୍ଣନା ନୁହେଁ, ସେଗୁଡ଼ିକ ଆକାଙ୍କ୍ଷାର ଟେକ୍ନୋଲୋଜି।

ନୂଆ ନୂଆ ଧର୍ମ ଆସୁଛି, ପୁରୁଣା ଉଭେଇଯାଉଛି, ସେମିତି ନୂଆ ନୂଆ ଠାକୁର ଆସୁଛନ୍ତି ପୁରୁଣା ଠାକୁର ଉଭେଇଯାଉଛନ୍ତି। କିନ୍ତୁ ପ୍ରାର୍ଥନା ରହିଛି। କାରଣ ଏ ଆସ୍ଥାର ଉତ୍ତର ନୁହେଁ, ପରିସ୍ଥିତିର ଉତ୍ତର। ଆଣ୍ଠେଇ ପଡ଼ି ପ୍ରାର୍ଥନାକରି ମଣିଷ ନିଜକୁ ଯେତିକି ଛୋଟ କରିଦିଏ ପ୍ରାର୍ଥନା ଶେଷରେ ସେତିକି ବଡ଼ ଅନୁଭବକରେ। ତେଣୁ ପ୍ରାର୍ଥନା ଆଗେ, ଠାକୁର ପରେ।

ମଣିଷର ଭଲପଣିଆ ହରାଇ ଆମେ ଧାର୍ମିକ ବୋଲାଉଛୁ। ଚାଶିସ୍ ଉପରେ ଗାଡ଼ି ରହିଲା ପରି ଧର୍ମ ଉପରେ ନୈତିକତା ଯୋଖିହୋଇ ରହିଗଲାଣି; ତାହା ଦରକାର ନାହିଁ। ସମାଜରେ ନୈତିକତା ଥିଲା ଓ ଅଛି - ସାଧୁ ସନ୍ଥ ବା ଧର୍ମପ୍ରଚାରକମାନେ ଧର୍ମର ରଥ (ଚାଶିସ୍) ଉପରେ ନୈତିକତାକୁ ରଖିଦେଉଛନ୍ତି। ପଡ଼ୋଶୀକୁ ଆହତ କରନାହିଁ, ଯାହା ଖାଦ୍ୟ ପାଉଛ ତାକୁ ବାଣ୍ଟିବୁଣ୍ଟି ଖାଅ, ଝୁଣ୍ଟି ପଡୁଥିବା ଲୋକକୁ ଉଠାଇ ନିଅ -ଏମିତି ନୈତିକତାକୁ ଆପଣାଅ- ମନ୍ଦ ବା ଖରାପ କରିବାରୁ ଦୂରରେ ରୁହ - ଏସବୁ ଗୁଣର ନାମକରଣ (ବ୍ରାଣ୍ଡିଂ) ଦରକାର ହେଲା। ତାହା ହିଁ ଧର୍ମ। ସବୁ ଧର୍ମର ଜନ୍ମ ତାରିଖ ଅଛି, ନାମକରଣ ହୋଇଛି। ଯେକୌଣସି ଧର୍ମକୁ ଦେଖ, ତାହା ଆଗରୁ ନ ଥିଲା କି ସବୁଆଡ଼େ ନ ଥିଲା, ମଝିରେ କେବେ କେବେ ବଦଳିଛି, କେତେକ ଅଂଶ ହଜିଯାଇଛି। ନୂଆ ଧର୍ମ ବା ପନ୍ଥା ବାହାରିପାରେ - ଏସବୁର ନାମ ଦିଆ ଉତ୍ସବ ପିଲାଟିଏର ନାମକରଣ ହୁଏ, ନାମକରଣ ଉତ୍ସବ ଲାଗି ସରକାରଙ୍କ ପିଆର୍ ବିଭାଗ ଭଳି ଜଣେ ଜନସମ୍ପର୍କ ଅଧିକାରୀ ଦରକାର, ସେ ହେଲେ ଧର୍ମ ପ୍ରବର୍ତ୍ତକ। କେତେଟା ମୌଳିକ ଭଦ୍ରାମି ବା ସତ୍ ଚରିତ୍ରର ନାମକରଣ ଦରକାର ହେଲା ତା' ନାଁ ହେଲା ଧର୍ମ। ଏକ ପ୍ରକାର ଜିନିଷକୁ ଭିନ୍ନ ଭିନ୍ନ କମ୍ପାନୀ ନୂଆ ନୂଆ ନାଁ ଦେଇ ପ୍ୟାକିଂ କଲା ଭଳି। କୁହାହେଲା ଧର୍ମ ହେଉଛି ସ୍ୱର୍ଗକୁ ଯିବାର ଟିକେଟ। ଆଉ ଥରେ ମଣିଷ ଜନ୍ମ ନ ହେବା ପାଇଁ ଆଚରଣ। ନର୍କର ନିଆଁରେ ଜଳିପୋଡ଼ି ହେବାରୁ ରକ୍ଷାପାଇବା ପାଇଁ ଏ ଭୂଇଁରେ ଆଚରଣ। ଏ ସବୁ ନୈତିକତା - ଧର୍ମ ନୈତିକତାର ଜନକ ହୋଇଗଲା। ସହାନୁଭୂତି ବା ବନ୍ଧୁପଣିଆ ସ୍ୱର୍ଗକୁ ଯିବାର ଟିକେଟ ହୋଇଗଲା। ସବୁ ଭଲ ଗୁଣର ବାଃ ବାଃ ନେଇଗଲା ଧର୍ମ। ସମାଜରେ ଭଲ ଭାବେ ଚଳିବାର ଗୁଣର ଜନନୀ ହୋଇଗଲା ଧର୍ମ, ଏକ ଜିପିଏସ୍ (ଜିଓଗ୍ରାଫିକାଲ୍ ପୋଜିସନିଂ ସିଷ୍ଟମ୍ - ବାଟ କଢ଼ାଳି ବ୍ୟବସ୍ଥା) ହୋଇଗଲା ଧର୍ମ। ଧର୍ମ ସଭା ବା ମନ୍ଦିରକୁ ରାସ୍ତା ଦେଖାଇଲା, ଅମୁକ ମନ୍ଦିର, ମସ୍‌ଜିଦ୍, ଗୁରୁଦ୍ୱାର ବା ଚର୍ଚ୍ଚକୁ ଗଲେ ସ୍ୱର୍ଗକୁ ବାଟ ମିଳିଯିବ? ଧର୍ମଗ୍ରନ୍ଥକାରକମାନେ କଥା/ଲେଖାଚୋର - ପ୍ଲାଗିଆରିଷ୍ଟ - ପୂର୍ବ ଧର୍ମର ନୈତିକ ବଚନକୁ ନିଜର ବୋଲି କହୁଥିବା ଲୋକ। ତେଣୁ ନିଜକୁ ସାଧୁ ବା ଋଷି ବୋଲାଉଥିବା ଲୋକ ପ୍ରତି ସାବଧାନ ହେବା ଉଚିତ। ଭଲ ମଣିଷ ହେବା ପାଇଁ ତାଙ୍କ ଉପରେ ନିର୍ଭର କରିବାକୁ ସେମାନେ କହନ୍ତି, ତାଙ୍କର ଅଧୀନ ହେବାକୁ କହନ୍ତି। ସେମାନେ ଆମର ସ୍ୱାଧୀନତା ହରଣ କରନ୍ତି, ଆମର ଧନ ଜନ ଅପହରଣ କରନ୍ତି। ଆମ ଜୀବନରୁ ବାଲୁଙ୍ଗା ଅନାବନା ଗୁଣ ଉପାଡ଼ିଦେବା ଆଳରେ ସେମାନେ ନୂଆ ବାଲୁଙ୍ଗା ନୂଆ ଅନାବନା ଗୁଣ ଦିଅନ୍ତି। କାହାକୁ ଗୁରୁ କଲେ ତୁମ ଧର୍ମ ବଢ଼ିବ, ମିଛ କଥା। ନିଜେ ଭଲ ନ ହେଲେ ଆଉ ଜଣେ ତୁମକୁ ଭଲ କରିପାରିବ ନାହିଁ। ଗୋଟିଏ ବିଶ୍ୱାସ ପ୍ରତି ବନ୍ଧାହୋଇଗଲେ ସତ୍ୟର ଅନୁସନ୍ଧାନ ବନ୍ଦ ହୋଇଯାଏ, ସତ୍ୟ ଓ ନୈତିକ ମାର୍ଗରେ ବାଡ଼ ପକାଇଦିଏ। ମନ୍ଦିରକୁ ଯାଇ ପୂଜକ ଜରିଆରେ ଠାକୁରଙ୍କୁ ଦରାଣ୍ଡିଲେ ସେ ମିଳିବେ ନାହିଁ, ସେ ତ ତୁମ ଅନ୍ତରରେ ଅଛନ୍ତି। ନିଜ ବାସସ୍ଥାନ ହିଁ ଦେବାଳୟ।

-sahadevas@yahoo.com

# ସ୍ତ୍ରୀ ଲୋକର ଦୁଃଖ



ଅନୁଲିପ୍ତା ମିଶ୍ର

ଆପଣମାନେ ଏହି ଶୀର୍ଷକ ଦେଖି ଭାବୁଥିବେ ସ୍ତ୍ରୀ ଲୋକର ଦୁଃଖ ପୁଣି କ'ଣ! ଦୁଃଖ କାହାର ନାହିଁ ଯେ! ସେ ପୁରୁଷ ହେଉ ବା ସ୍ତ୍ରୀ ସମସ୍ତଙ୍କର କିଛି ନା କିଛି ଦୁଃଖ ଅଛି। ସତକଥା, ସମସ୍ତଙ୍କ ଜୀବନରେ ଅଳ୍ପ, ବହୁତ ଦୁଃଖ ଅଛି, କଷ୍ଟ ଅଛି। ଦୁଃଖ ନ ଥିଲେ ସୁଖକୁ କ'ଣ ଭୋଗି ହୁଅନ୍ତା! କିନ୍ତୁ ସ୍ତ୍ରୀ ଲୋକର ଦୁଃଖ ଟିକେ ଅଲଗା ପ୍ରକାର। ପ୍ରଥମ ଦୁଃଖ ହେଲା, ଯୋଉ ଘରେ ସିଏ ଜନ୍ମ ହୁଏ, ଯୋଉ ମା' ବାପା, ପରିବାରର ସ୍ନେହ ପାଇଁ ସେ ବଡ ହୁଏ କିଛି ବର୍ଷ ପରେ ତାକୁ ସେ ଘର ଛାଡ଼ି ପର ଘରକୁ ଆସିବାକୁ ପଡେ। ସେହି ଘରେ ସେ କାହାକୁ ଚିହ୍ନି ନ ଥାଏ,ଜାଣି ନ ଥାଏ, ସେମାନଙ୍କ ସହ ତା'ର କୌଣସି ରକ୍ତ ସମ୍ପର୍କ ନ ଥାଏ। କିନ୍ତୁ ସେଇ ପରଲୋକମାନଙ୍କୁ ତାକୁ ନିଜର କରିବାକୁ ପଡେ। ତାକୁ କ'ଣ ଖାଇବାକୁ ଭଲ ଲାଗେ, କ'ଣ କରିବାକୁ ଭଲ ଲାଗେ, ତା'ର ଇଚ୍ଛା, ଅନିଚ୍ଛା ଉପରେ କାହାର ଗୁରୁତ୍ୱ ନ ଥାଏ। ତାକୁ କିନ୍ତୁ ସେ ଘରର ସମସ୍ତଙ୍କର ଭଲ ମନ୍ଦ ବୁଝି ଘରକୁ ଚଳେଇ ନେବାକୁ ପଡେ। ବାପଘରେ ଯେତେ ଅଲିଅଳରେ ବଢ଼ିଥିଲେ ବି ଶାଶୁଘରେ ତା'ର ସେ ଅଲିଅଳ ସରିଯାଏ। ସେଇ ଘର ଯେଉଁ ଘରେ ସିଏ ଜନ୍ମ ହୋଇଥାଏ, ଯେଉଁ ଘରେ ସେ ଛୋଟରୁ ବଡ ହୋଇଥାଏ ସେଇ ଘରକୁ ଯିବାକୁ ତାକୁ ପୁଣି ଅନ୍ୟର ମତାମତ ଓ ଅନୁମତି ନେବାକୁ ହୁଏ।

ଦେହ ଖରାପ ସମସ୍ତଙ୍କର ହୁଏ, କିନ୍ତୁ ସ୍ତ୍ରୀ ଲୋକର ଦେହ ଖରାପ ହେଲେ ଆହୁରି ଦୁଃଖ। ସେଇ ଅସୁସ୍ଥତା ଭିତରେ ବି ତାକୁ ଘରକଥା ବୁଝିବାକୁ ପଡ଼େ, ରୋଷେଇ କରିବାକୁ ପଡ଼େ, ଛୁଆପିଲାଙ୍କ କଥା ବୁଝିବାକୁ ପଡେ। ତା' ଦେହରେ ମୁଣ୍ଡରେ ହାତ ମାରିବାକୁ କିନ୍ତୁ କେହି ନ ଥାନ୍ତି। ଘରେ ସ୍ତ୍ରୀ ଲୋକଟିର ଦେହ ଖରାପ ହେଲେ ଘର ଯେମିତି ଅଚଳ ହେଲାପରି ଲାଗେ। ପରିବା କାଟୁ କାଟୁ ପନିକିରେ କେତେଥର ତା' ହାତ କଟେ, ରୋଷେଇ କଲାବେଳେ କେତେଥର ତା' ହାତରେ ଚିଆଁ ଲାଗେ ତା'ର ହିସାବ ନ ଥାଏ।ସେଇ କଟା ହାତର ଦରଜରେ ବି ସେ ବାସନ ମାଜେ, ପୁଣି ପରିବା କାଟେ। ଚିଆଁ ଲାଗିଗଲା ତ ପେଷ୍ଟ ଟିକେ ମାରି ପୁଣି କାମ କରିଯାଏ। ଏସବୁ ତ ଅତି ସାମାନ୍ୟ କଥା ତା' ପାଇଁ।

ଘରର ସବୁକାମ ସାରି ଶେଷରେ ବିଛଣାକୁ ଯାଏ, କିନ୍ତୁ ସମସ୍ତଙ୍କ ଆଗରୁ ବିଛଣା ଛାଡ଼ି ପୁଣି ତା' କାମରେ ଲାଗି ପଡେ। ବେଳେବେଳେ ତା' ଶରୀର ବି ଚାହେଁ ଟିକେ ବିଶ୍ରାମ! କିନ୍ତୁ ତା'ର ଦାୟିତ୍ୱ ଓ କର୍ତ୍ତବ୍ୟ ଆଗରେ ବିଶ୍ରାମ ପାଇଁ ତା' ପାଖରେ ସମୟ ନ ଥାଏ। ଯଦି ସ୍ତ୍ରୀଲୋକଟି କର୍ମଜୀବୀ ହୋଇଥାଏ ତା' ଦୁଃଖ କଥା ନ କହିବା



ଭଲ। କେତେ ପ୍ରକାର ପ୍ରତିକୂଳ ପରିସ୍ଥିତି ଦେଇ ସେ ଗତି କରେ ତାହା କେବଳ ଜଣେ ଅନୁଭବୀ ହିଁ ବୁଝିପାରିବ। ସ୍ୱାମୀ, ସ୍ତ୍ରୀ ଉଭୟେ କର୍ମଜୀବୀ ହୋଇଥିଲେ ବେଶି ତ୍ୟାଗ ସ୍ତ୍ରୀକୁ ହିଁ କରିବାକୁ ପଡିଥାଏ। ଘର କାମ, ପିଲାଙ୍କ କାମ, ବାହାର କାମ ଭିତରେ ସେ ପେଷି ହୋଇଯାଏ। କର୍ମକ୍ଷେତ୍ରରେ ମଧ୍ୟ ତା' ପାଇଁ କେତେପ୍ରକାର ପ୍ରତିବନ୍ଧକ ଥାଏ।

ଆଉ ଜାଣିଛନ୍ତି, ଘର ହେଉ କି ପରିବାର ହେଉ ଯେଉଁଠି କିଛି ଖରାପ ହେଲା, କିଛି ଅସୁବିଧା ହେଲା ସବୁ ଦୋଷ ସ୍ତ୍ରୀ ଲୋକର ହୋଇଥାଏ। ଏଇ ଯେମିତି ଯଦି ପିଲାଟିଏ କିଛି ଭୁଲ କାମ କରିଦେଇଛି ତେବେ ସବୁ ଦୋଷ ତା ମା'ର, ଯଦି କିଛି ଭଲ କାମ କରିଛି ତେବେ ସବୁ ଶ୍ରେୟ ବାପାର। ଘରେ ଆଜି ଭଲ ଭଲ ଖାଇବା ଜିନିଷ ହୋଇଛି। ସମସ୍ତେ ପେଟ ପୂରେଇ ଖାଇସାରିବା ପରେ ଯଦି ବଳିବ ତେବେ ସ୍ତ୍ରୀ ଲୋକଟି ଖାଇବ। ଅବଶ୍ୟ ଏଥିରେ ସ୍ତ୍ରୀ ଲୋକର ଖୁସିଥାଏ। ଘରର ସମସ୍ତେ ଭଲରେ ଖାଇଲେ କୁଆଡ଼େ ତା' ପେଟ ପୂରିଯାଏ। କିନ୍ତୁ ସେଇ ଘର ଲୋକମାନଙ୍କର ବି ତା' ପ୍ରତି କିଛି କର୍ତ୍ତବ୍ୟ ଅଛି ସେଇଟା ସମସ୍ତେ ଭୁଲି ଯାଆନ୍ତି।

ସମସ୍ତଙ୍କୁ ଖୁସି କରିବାକୁ ଯାଇ ସ୍ତ୍ରୀ ଲୋକଟି ନିଜ ଖୁସି ଟିକକ ଭୁଲିଯାଏ। ସ୍ୱାମୀ, ପିଲାଙ୍କ ଖୁସିରେ ସେ ଖୁସି ହୁଏ। କିନ୍ତୁ କେବେ ଯଦି ସେ ନିଜ ଖୁସି ପାଇଁ କିଛି କରେ ତାକୁ ସେତିକି ସହଯୋଗ ମିଳେନାହିଁ। ତା'ର ବି ଗୋଟେ ମନ ଅଛି, ହୃଦୟ ଅଛି,ସେ ବି ଟିକେ କାହାଠାରୁ ସ୍ନେହ,ଆଦର ଚାହେଁ ଏକଥା ସମସ୍ତେ ଭୁଲିଯାଆନ୍ତି। ସ୍ତ୍ରୀ ଲୋକଟିଏ ସବୁ ସହିଯାଏ, କିନ୍ତୁ ତାକୁ ବି କଷ୍ଟ ହୁଏ, ତା' ଆଖିରୁ ବି ଲୁହ ଝରେ,ତା' ସ୍ୱାଭିମାନକୁ ବି ବାଧା ହୁଏ,ଏକଥା ବୋଧହୁଏ କେହି ବୁଝନ୍ତିନି। ହୃଦୟ ଭିତରେ ପାହାଡ଼ ପାହାଡ଼ ଦୁଃଖକୁ ଚାପିରଖି ସମସ୍ତଙ୍କୁ ଖୁସି କରିବାକୁ ତାକୁ ଉପରେ ହସିବାକୁ ପଡେ,ଏଇଟା କ'ଣ କମ୍ ଦୁଃଖର କଥା। ଜନ୍ମରୁ ତା'ପ୍ରତି ପାତରଅନ୍ତର। ଝିଅ ହୋଇ ଜନ୍ମ ହେଲେ ଦୁଃଖ, ଝିଅ ଜନ୍ମ କଲେ ଦୁଃଖ। ସବୁଠାରୁ ବଡ଼ ଦୁଃଖ ହେଲା ତା'ର ଦୁଃଖକୁ ସେ କାହା ଆଗରେ ପ୍ରକାଶ କରିପାରେନି। ଶାଶୁଘରର ଦୁଃଖ, କଷ୍ଟ, ଅସୁବିଧା ବୋଉ, ବାପାଙ୍କ ଆଗରେ କହିପାରେନି, କାଳେ ସେମାନେ ମନଦୁଃଖ କରିବେ। ସବୁ ଦୁଃଖକୁ ସହିଯିବା ବି ଆଉ ଗୋଟେ ଦୁଃଖ ନୁହେଁ କି।

ଆମେ ନାରୀ ସଶକ୍ତୀକରଣର କଥା କହୁ, କିନ୍ତୁ ପରିବାର ଭିତରେ ଯେକୌଣସି ନିଷ୍ପତ୍ତି ନେବାର ଥିଲେ ସ୍ତ୍ରୀ ଲୋକଙ୍କ ମତକୁ ଗୁରୁତ୍ୱ ଦିଆଯାଏନି। ଜନ୍ମରୁ ମୃତ୍ୟୁ ଯାଏ କେତେପ୍ରକାର ଦୁଃଖ ଝିଅଟିର, କେତେ ପ୍ରକାର ଦୁଃଖ ସ୍ତ୍ରୀ ଲୋକଟିର। କିନ୍ତୁ ସେଇ ଦୁଃଖର ଦରିଆ ଭିତରୁ ସୁଖର ମଣି ମୁକ୍ତା ଖୋଜିବାର ଶକ୍ତି ଈଶ୍ୱର ଦେଇଛନ୍ତି ତାକୁ। ନିଜର ଅପର୍ଯ୍ୟାପ୍ତ ସହନଶୀଳତା ଓ ତ୍ୟାଗ ମନୋବୃତ୍ତି ଯୋଗୁ ସବୁ ଦୁଃଖକୁ ସହିଯାଇ ସେ ହସିପାରେ।

**ସହକାରୀ ଶିକ୍ଷୟିତ୍ରୀ,**
**ମହିଳା ଉଚ୍ଚବିଦ୍ୟାଳୟ, ଜଗତ୍‌ସିଂହପୁର**
**ମୋ:୯୯୩୮୪୦୦୨୦୫**

## ଏଇ ଭାରତରେ

ମହାରାଷ୍ଟ୍ର ବିଦର୍ଭର ଅନେକ ଅଞ୍ଚଳରେ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକରୁ ନିର୍ଗତ ବିଷାକ୍ତ ପାଉଁଶ ଯୋଗୁ ସେଠାକାର ଉର୍ବର ମାଟି ଫସଲ ପାଇଁ ଅଯୋଗ୍ୟ ହୋଇଯାଇଥିଲା। ଏପରି କି ସେହି ଅଞ୍ଚଳରେ ଫସଲ ଉପରେ ପାଉଁଶ ଜମି ରହୁଥିଲା। ଫଳରେ କୃଷକମାନେ କ୍ଷତି ସହୁଥିଲେ। କିନ୍ତୁ ବୈଜ୍ଞାନିକ ଡ. ଲାଲ ସିଂଙ୍କ ଉଦ୍ୟମରେ ଅନୁର୍ବର ମାଟି ଏବେ ପୁନର୍ବାର ଉତ୍ପାଦନକ୍ଷମ ହୋଇପାରିଛି। ଡ. ସିଂ କାଉନ୍‌ସିଲ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ(ସିଏସ୍‌ଆଇଆର୍)-ନ୍ୟାଶନାଲ ଏନ୍‌ଭାଇରନ୍‌ମେଣ୍ଟ ଇଞ୍ଜିନିୟରିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ(ଏନ୍‌ଇଇଆର୍)ରେ ପ୍ରମୁଖ ବୈଜ୍ଞାନିକ ଓ ପ୍ରୋଜେକ୍ଟ ଲିଡର ରହିଛନ୍ତି। ସେ ବାଉଁଶ ଗଛ ଲଗାଇ ବିଦର୍ଭର ମାଟିକୁ ଉର୍ବର କରିବାରେ ସକ୍ଷମ ହୋଇଛନ୍ତି। ତାଙ୍କ ନେତୃତ୍ୱରେ ବୈଜ୍ଞାନିକମାନେ ଇକୋ-ରେଜୁଭେନେଶନ ଟେକ୍‌ନୋଲୋଜି(ଇଆର୍‌ଟି) ନାମକ ଏକ ସ୍ୱତନ୍ତ୍ର ପଦ୍ଧତି ବିକାଶ କରିଛନ୍ତି। ଏହି ପଦ୍ଧତିରେ ପ୍ରଦୂଷିତ ତଥା ଉର୍ବରତା ହରାଇଥିବା ମାଟିକୁ ତା' ପୂର୍ବାବସ୍ଥାକୁ ଫେରାଇ ଅଣାଯାଇପାରୁଛି। ବାଉଁଶଗଛ ଏବେ ତାପଜ ବିଦ୍ୟୁତ କେନ୍ଦ୍ରରୁ ନିର୍ଗତ ପାଉଁଶକୁ ଧରି ରଖୁଛି। ଫଳରେ ପରିବେଶ ସ୍ୱଚ୍ଛ ରହିବା ସହ ମାଟି ମଧ୍ୟ ପାଉଁଶର କୁପ୍ରଭାବରୁ ମୁକ୍ତ ହୋଇପାରିଛି। ବାଉଁଶ ଗଛ ଲଗାଇବାରେ ମୁଖ୍ୟତଃ ମହିଳାମାନଙ୍କୁ ନିଯୁକ୍ତ କରାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

୭ ଅକ୍ଟୋବର ୧୯୭୬

- ଉତ୍ତର ପ୍ରଦେଶ ବ୍ରିଜ କର୍ପୋରେଶନ ନେପାଳରେ ୧୨ଟି ପୋଲ ତିଆରି କରିବା ନିମନ୍ତେ ଚୁକ୍ତିବଦ୍ଧ ହୋଇଛି।
- ବିହାରରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟାରେ ୧୧୮ ଜଣଙ୍କ ମୃତ୍ୟୁ ଘଟିଥିବା ନେଇ ବିହାରର ରିଲିଫ କମିଶନର ଭେଙ୍କଟେଶରମଣ ପ୍ରକାଶ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ମେଗା ପାନୀୟଜଳ ପ୍ରକଳ୍ପ ପୂର୍ଣ୍ଣ ରୂପ ନେଇପାରିଲାନି

ମହାଶୟ,

ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକର ୨୪ ଗୋଟି ପଞ୍ଚାୟତରେ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ପାରୁନଥିବାରୁ ଲୋକେ ବର୍ଷାଦିନରେ ବିଶୁଦ୍ଧ ପାନୀୟ ଜଳ ପାଇପାରୁ ନାହାନ୍ତି। ତେବେ ୨୦୨୫ ମସିହା ଆରମ୍ଭ ହେଲାଣି, କିନ୍ତୁ ପ୍ରକଳ୍ପ କାମ ଏବେ ବି ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। କେବଳ ପାଇପ୍ ବିଛାରେ ସୀମିତ ରହିଛି କାର୍ଯ୍ୟ। ମେଗା ପାନୀୟ ଜଳ ପ୍ରକଳ୍ପ ଜରିଆରେ ପ୍ରତି ଗାଁକୁ ପିଇବା ପାଣି ଯୋଗାଇ ଦିଆଯିବ, ୭ ବର୍ଷ ତଳେ ଏଭଳି ସ୍ୱପ୍ନ ଦେଖାଇଥିଲେ ରାଜ୍ୟ ସରକାର। କିନ୍ତୁ ଦୁର୍ଭାଗ୍ୟ, ସମୟ ଅବଧି ପୂରି ବର୍ଷ ପରେ ବର୍ଷ ଗଡ଼ି ଚାଲିଥିଲେ ବି ସତ୍ୟବାଦୀ ବ୍ଲକରେ ଏହି ପ୍ରକଳ୍ପ ଆଜି ପର୍ଯ୍ୟନ୍ତ ପୂର୍ଣ୍ଣ ରୂପ ନେଇପାରିନି। ଲକ୍ଷ୍ୟ ଥିଲା ସତ୍ୟବାଦୀ, କଣାସ ଓ ବ୍ରହ୍ମଗିରି ବ୍ଲକରେ ୧୨୬ଟି ଗାଁକୁ ଭାର୍ଗବୀ ନଦୀରୁ ପାନୀୟ ଜଳ ଯୋଗାଣ କରିବାକୁ ସତ୍ୟବାଦୀ ବ୍ଲକରେ ପ୍ରକଳ୍ପ ଆରମ୍ଭ ହେଲା। ବିଭିନ୍ନ ଠିକା ସଂସ୍ଥା ଏହାର ଟେଣ୍ଡର ନେଲେ। କାର୍ଯ୍ୟାଦେଶ ଅନୁଯାୟୀ ଦୁଇବର୍ଷ ଭିତରେ କାମ ସାରିବାର ଥିଲା। କିନ୍ତୁ ସମନ୍ୱୟ ଅଭାବ ଯୋଗୁ ପ୍ରକଳ୍ପ କାର୍ଯ୍ୟ ଏବେ ମଧ୍ୟ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ସ୍ଥାନୀୟ ଶାସନ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତରେ ଦୂଷିତ ଜଳ ପାନ କରି ଜନସାଧାରଣ ପେଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପରିଣାମ ସ୍ୱରୂପ ଅଧିକ କଷ୍ଟ ଭୋଗୁଛନ୍ତି ସତ୍ୟବାଦୀ, କଣାସ ଓ କୃଷ୍ଣପ୍ରସାଦ ଅଞ୍ଚଳବାସୀ।

**-ଦେବଟିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପାଷାଣ ସମାନ ଜଡ଼ ପାଲଟିଛି
ଯେତେ ଶତ ଅନୁଭବ
ନବ ନବ ରସେ ଗାଇ ଉଠୁ ତାହା
ତୁମରି ରୂପର ସ୍ତବ ।
-(ରୂପର ସ୍ତବ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ରୀତିନୀତିରେ ଆରମ୍ଭ ହେଲା ମା'ଗଜଲକ୍ଷ୍ମୀଙ୍କ ପୂଜା



ନଦୀରୁ ଜଳ ସଂଗ୍ରହ ପରେ କଳସ ଶୋଭାଯାତ୍ରା କରାଯାଉଛି।

କୋରୁକୋଣ୍ଡା,୬।୧୦(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ନୀଳାକାମ୍ବେରୁ ପଞ୍ଚାୟତ ଅଧୀନ ନୀଳାଦ୍ରିନଗର ଗ୍ରାମ ଛକ ପୂଜାମଣ୍ଡପରେ ପୂଜା କମିଟି ପକ୍ଷରୁ ଗଜଲକ୍ଷ୍ମୀଙ୍କ ପୂଜା ସୋମବାର ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟିର ସଭାପତି ପ୍ରମୋଦ କୁମାର ପ୍ରଧାନ, ଉପସଭାପତି ସୁରଥ କୁଣ୍ଡ, ସାଧାରଣ ସମ୍ପାଦକ ନିରଞ୍ଜନ ବିଷୋୟୀ, କୋଷାଧକ୍ଷ କାହ୍ନୁଚରଣ ସାହୁ, ଉପଦେଷ୍ଟା ଭାବେ ଦୁର୍ଯ୍ୟୋଧନ ବିଶୋଇ, ଭାସ୍କର ପାଢ଼ୀ, ବ୍ରଜବନ୍ଧୁ ଚୌଧୁରୀ, ଜଗନ୍ନାଥ ସାହୁ, ପ୍ରମୋଦ କୁମାର ଗୌଡ଼ ଏବଂ ଅନ୍ୟ କର୍ମକର୍ତ୍ତା ପୂଜା ପରିଚାଳନା କରୁଛନ୍ତି। ସୋର୍ଲକୋଣ୍ଡା ବ୍ୟାରେଜର ନଦୀରେ ମୁଖ୍ୟ ପୂଜକ ଶୁଭାଶିଷ କର ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ। ନଦୀ ନିକଟରୁ ସଂକୀର୍ତ୍ତନ ସହ ଗ୍ରାମର ଶତାଧିକ ମହିଳା ଏକ କଳସ ଶୋଭାଯାତ୍ରାକରି ଗ୍ରାମ ପରିକ୍ରମା ପରେ ପୂଜାମଣ୍ଡପରେ କଳସ ସ୍ଥାପନ କରିଥିଲେ। ସନ୍ଧ୍ୟାଠାରୁ ମା' ଗଜଲକ୍ଷ୍ମୀଙ୍କ ବିଧିବଦ୍ଧ ଭାବେ ପୂଜା ଆରମ୍ଭ ହୋଇ ସାରା ରାତି ଚାଲିବ ବୋଲି ପୂଜକ କର କହିଛନ୍ତି। ପୂଜା ମଣ୍ଡପରେ ଆଲୋକମାଳା ସାଙ୍ଗକୁ ବଡ଼ ତୋରଣ ମୁଖ୍ୟ ଆକର୍ଷଣ ହୋଇଛି। ପୂଜା ଦେଖିବାକୁ ନୀଳାଦ୍ରୀନଗର, ବାଲିମେଳା ସହର ସମେତ ବିଭିନ୍ନ ଅଞ୍ଚଳରୁ ବହୁ ଭକ୍ତଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଛି। ଆସନ୍ତା ୧୦ ତାରିଖ ଯାଏ ପୂଜା ଚାଲିବ। ବିଭିନ୍ନ ସାଂସ୍କୃତିକ କର୍ଯ୍ୟକ୍ରମ ହେବା ନେଇ ନିଷ୍ପତ୍ତି ହୋଇଥିବା ପୂଜା କମିଟି ସଭାପତି ପ୍ରଧାନ କହିଛନ୍ତି।

# କାଳୀପୂଜା ନେଇ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ।

କୋରୁକୋଣ୍ଡା,୬।୧୦(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ସହରର କାଳୀ ଛକସ୍ଥିତ ପୂଜାମଣ୍ଡପରେ ଚଳିତ ବର୍ଷ ଅକ୍ଟୋବର ୨୦ ତାରିଖରେ ହେବାକୁ ଥିବା ଶ୍ୟାମାକାଳୀ ପୂଜା ପାଇଁ ପୂଜା କମିଟି ପକ୍ଷରୁ ପୂଜାମଣ୍ଡପରେ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂଜା କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରିବା ନେଇ କାଳୀ ଛକ ପୂଜା କମିଟି ସଦସ୍ୟମାନଙ୍କ ସହମତିରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ପୂଜା କମିଟିର ସଭାପତି ଭାବେ ଅଭିଷେକ ନାୟକ, ଉପସଭାପତି ଅଭୟ ପ୍ରସାଦ ନାୟକ, ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ସ୍ୱାଇଁ, ଯୁଗ୍ମ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଖରା,ପ୍ରଶାନ୍ତ ମୁଦୁଲି ଏବଂ କୋଷାଧକ୍ଷ ଭାବେ ସତ୍ୟଜିତ ମୁଦୁଲିଙ୍କୁ ଚୟନକରି ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ପୂଜାରେ ଉପଦେଷ୍ଟା ଭାବେ ବାଲିମେଳା ଏନ୍ଏସିର ନଗରପାଳ ପ୍ରଦୀପ କୁମାର ନାୟକ,ବିଜୟ କୁମାର ଦାସ, ସୁରେନ୍ଦ୍ର ପାତ୍ର, ପୂର୍ଣ୍ଣଚନ୍ଦ୍ର ମୁଦୁଲି,ଦୀପକ କୁମାର ସାହୁ ଓ ଟୁକୁନା ପ୍ରଧାନଙ୍କୁ ମନୋନୀତ କରାଯାଇଛି। ପୂଜାରେ ମନୋଜ କୁମାର ନାୟକ ଏବଂ ତାଙ୍କ ଧର୍ମପତ୍ନୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିବାକୁ ନିଷ୍ପତ୍ତି ହୋଇଛି। ସୋମବାର ସକାଳୁ ରୀତିନୀତି ଅନୁଯାୟୀ ପୂଜକ ରଙ୍କନିଧି ରଥ ଏବଂ କମିଟିର ଅନ୍ୟ ସଦସ୍ୟମାନେ ମା'ଶ୍ୟାମାକାଳୀଙ୍କ ମୂର୍ତ୍ତି ନିର୍ମାଣ ପାଇଁ ଚିତ୍ରକୋଣ୍ଡା ଛକ ନିକଟ ଅଞ୍ଚଳରେ ପୂଜାର୍ଚ୍ଚନାକରି ସଂକୀର୍ତ୍ତନ ମଣ୍ଡଳୀଙ୍କ ସହ ଶୁଭମାଟି ଆଣି ମଣ୍ଡପରେ ରଖିଥିଲେ। ଚଳିତ ବର୍ଷ ତୋରଣ ସହ ରଙ୍ଗବେରଙ୍ଗ ଆଲୋକମାଳାରେ ମଣ୍ଡପ ସଜାଇବାକୁ କମିଟି ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ସଂଗ୍ରାମୀ ସହଦେବ ଅନୁଗୁଳିଆଙ୍କ ବିୟୋଗ

ମାଥିଲି,୬।୧୦
(ସୁବାସ ଚନ୍ଦ୍ର ଖୁଣ୍ଟୁପିଆ)



ମାଲକାନଗିରି ଜିଲା ମାଥିଲି ବ୍ଲକ୍ ଅଧୀନ ମେଙ୍କା ପଞ୍ଚାୟତ ମହକୁମାଠାରେ ସଂଗ୍ରାମୀ ସହଦେବ ଅନୁଗୁଳିଆଙ୍କ ୯୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସୋମବାର ତାଙ୍କ ଗାଁରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେ ଜଣେ ସଂଗ୍ରାମୀ ଥିଲେ। ଶହୀଦ ଲକ୍ଷ୍ମଣ ନାୟକଙ୍କ ନେତୃତ୍ୱରେ ହୋଇଥିବା ଭାରତ ଛାଡ଼ ଆନ୍ଦୋଳନରେ ସାମିଲହୋଇ ମାଥିଲି ଅଗଷ୍ଟ ୨୧ ଗୁଳିକାଣ୍ଡ ଦିବସରେ ସହଦେବ ଅନୁଗୁଳିଆଙ୍କ ମଧ୍ୟ ଅବଦାନ ରହିଥିଲା। ମାଲକାନଗିରି ଜିଲାର ସାମାଜିକ କର୍ମୀ, ବୁଦ୍ଧିଜୀବୀ, ରାଜନୈତିକ ବ୍ୟକ୍ତିବିଶେଷ, ସମ୍ପର୍କୀୟ ଏବଂ ଗ୍ରାମବାସୀ ପ୍ରମୁଖ ତାଙ୍କର ଶେଷ ଦର୍ଶନ କରିଥିଲେ। ସେ ମାଲକାନଗିରି ଜିଲା ନରସିଂହ ଡମ୍ ସମାଜର ସଭାପତି ବଳରାମ ଅନୁଗୁଳିଆଙ୍କ ବାପା। ମୃତଦେହ ସତ୍କାର ସମୟରେ ଜିଲାର ବିଭିନ୍ନ ଗ୍ରାମର ଗ୍ରାମବାସୀ ସାମିଲ ହୋଇଥିଲେ।

### ଟାୟାର ଦୋକାନରୁ ଚୋରି

ଜୟପୁର,୬।୧୦(ପବନ ପାଣିଗ୍ରାହୀ)

ଜୟପୁର ସହରର ହାଟପଦାସ୍ଥିତ ଏକ ଟାୟାର ଦୋକାନରୁ ଚୋରି ହୋଇଥିବା ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଦୋକାନରେ ପଶି ଲ୍ୟାପଟପ, ୧୫ ହଜାର ଟଙ୍କା ସହ ୫ ଟାୟାର ଓ ଗୋଦାମର ୬୦ ଟାୟାର ଚୋରି କରିଥିଲେ। ରବିବାର ରାତିରେ ଦୁର୍ବୃତ୍ତମାନେ ସିସି କ୍ୟାମେରା ଭାଙ୍ଗି ଦେଇଥିଲେ। ଦୋକାନ ମାଲିକ ଏ.ଶ୍ରିନୁ ଦେଖି ଟାଉନ ଥାନାରେ ଅଭିଯୋଗ କରିଥିଲେ। ଟାୟାରର ମୂଲ୍ୟ ପାଖାପାଖି ୫ ଲକ୍ଷ ଟଙ୍କା ହେବା ସୂଚନା ରହିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

# ଅବିଭକ୍ତ କୋରାପୁଟ ଜିଲା ତନ୍ତୀ ସମାଜର ସାଧାରଣ ବୈଠକ

କୋରାପୁଟ, ୬।୧୦(ଅମିତାଭ ବେହେରା)

ଅବିଭକ୍ତ କୋରାପୁଟ ଜିଲାର ତନ୍ତୀ ସମାଜ ପକ୍ଷରୁ ସ୍ଥାନୀୟ ଆମ୍ବେଡକର ଷ୍ମୃତି ସେଣ୍ଟରରେ ଏକ ସାଧାରଣ ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲାର ଶତାଧିକ ସଦସ୍ୟ ତନ୍ତୀ ସମାଜର ଶିକ୍ଷା, ସାମାଜିକ ଓ ଆର୍ଥିକ ଉନ୍ନତିକୁ ଗୁରୁତ୍ୱ ଦେଇଥିଲେ। ବୈଠକରେ ମୁଖ୍ୟ ଅତିଥି କୋରାପୁଟ ବିଧାୟକ ରଘୁରାମ ମାଛ ତନ୍ତୀ ସମାଜର ଦାବିକୁ ସମ୍ପୂର୍ଣ୍ଣ ସମର୍ଥନ ଦେଇଥିଲେ। ରାଜ୍ୟ ସରକାର ଏହି ମାମଲାକୁ ଗୁରୁତ୍ୱ ଦେଇ ଶୀଘ୍ର ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ସେ ଅନୁରୋଧ କରିବେ ଓ ଏହି ସମାଜକୁ ସାମାଜିକ ନ୍ୟାୟ ଦେବେ ବୋଲି କହିଥିଲେ। ବିଧାୟକ ମାଛ ତନ୍ତୀ ସମାଜ ପାଇଁ ଏକ କମ୍ୟୁନିଟି ଭବନ





ବୈଠକରେ ଉପସ୍ଥିତ ତନ୍ତୀ ସମାଜର ସଦସ୍ୟମାନେ।

ନିର୍ମାଣ କରିବା ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଏକ ନୂତନ କାର୍ଯ୍ୟ ନିର୍ବାହୀ ସମିତି ଗଠନ ହୋଇଥିଲା। ହଳଧର ତନ୍ତୀଙ୍କୁ କାର୍ଯ୍ୟକାରୀ ଅଧ୍ୟକ୍ଷ, ସୁରେନ୍ଦ୍ର ତନ୍ତୀଙ୍କୁ ସଚିବ ଏବଂ ଦୁର୍ଯ୍ୟୋଧନ ଖେମୁଣ୍ଡୁଙ୍କୁ କୋଷଧକ୍ଷ ଭାବେ ମନୋନୀତ କରାଯାଇଥିଲା। ତନ୍ତୀ ସମାଜ ଏହି ଆନ୍ଦୋଳନକୁ ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ଭାବେ ଅଗ୍ରସର କରିବ ବୋଲି ନିଷ୍ପତ୍ତି ହୋଇଛି। ସମାଜର ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ସହ ଆଲୋଚନା କରି ଦାବିପତ୍ର ପ୍ରଦାନ କରିବା ନେଇ ନିଷ୍ପତି ହୋଇଛି।

# ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା



ମା'ଙ୍କ ପୂଜା ଚାଲିଛି ।

ମାଲକାନଗିରି,୬।୧୦
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମାର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ସୋମବାର ପାଳିତ ହୋଇଛି। ସଦର ମହକୁମା ପୁରୁଣା ପୋଷ୍ଟ ଅଫିସ ସାହି, କୁମ୍ଭାର ସାହି, ଡିଏନ୍‌କେ ଖେଳ ପଡିଆ ପରିସର, ଆର୍‌ଓ କଲୋନୀ ସହ ଅନ୍ୟ ସ୍ଥାନରେ ମା'ଗଜଲକ୍ଷ୍ମୀଙ୍କ ପୂଜା କରାଯାଇଛି। ଏହି ଉପଲକ୍ଷେ ଆଲୋକ ସାଜସଜ୍ଜା, ବାଦ୍ୟ ବାଜଣାରେ ସହର ପ୍ରକମ୍ପିତ ହୋଇଛି। ପୂଜା ଦେଖିବାକୁ ବିଭିନ୍ନ ଅଞ୍ଚଳରୁ ଭକ୍ତଙ୍କ ଶୁଅ ଛୁଟୁଥିଲା। ଏହି ପୂଜା ୫ ଦିନ ଧରି ଚାଲିବ। ସମସ୍ତ ମଣ୍ଡପରେ ଲୋକଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

# ଟ୍ରାକ୍ଟରକୁ ରକ୍ଷା କରିବାକୁ ଯାଇ କାର ଦୁର୍ଘଟଣାଗ୍ରସ୍ତ

ଚନ୍ଦାହାଣ୍ଡି, ୬।୧୦ (ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଥାନା ଅଧିନସ୍ଥ ଦଣ୍ଡାମୁଣ୍ଡା ଭଣ୍ଡାର ନଦୀ ନୂତନ ସେତୁ ଉପରେ ଗୋଟିଏ ଟ୍ରାକ୍ଟରକୁ ବଞ୍ଚେଇବାକୁ ଯାଇ ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ କାର ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନାରୁ ପ୍ରକାଶ ଚନ୍ଦାହାଣ୍ଡି ସଦର ଗ୍ରାମର ବିସିକେଶନ ପାଢ଼ୀଙ୍କ କାର (ସିଜି୦୪ଏନ୍‌ଜି୪୭୯୬) ଦଣ୍ଡମୁଣ୍ଡାରୁ ଚନ୍ଦାହାଣ୍ଡି ଫେରୁଥିବା ସମୟରେ ଭଣ୍ଡାର ନଦୀ ସେତୁ ଉପରେ ହଠାତ ଏକ ଟ୍ରାକ୍ଟର ଆସିଯିବାରୁ କାର ଭାରସାମ୍ୟ ହରେଇ ସେତୁ ଉପରେ ପିଟି ହୋଇଥିଲା। ଫଳରେ କାରର ଉଭୟ ପାର୍ଶ୍ୱର ବେଲୁନ ଫାଟି ବାହାରିବା ଫଳରେ ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଥିଲେ। ଏ ନେଇ ଚନ୍ଦାହାଣ୍ଡି ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ ହୋଇଥିବା ବେଳେ ଏଏସ୍‌ଆଇ ଲାବଣ୍ୟ ବେମାଲ ଘଟଣାର ତଦନ୍ତ କରୁଥିବା ପ୍ରକାଶ କରିଛନ୍ତି।

**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, GANJAM, BERHAMPUR**

E-Mail : eerw_gm1@yahoo.co.in
Government of Odisha e-Procurement Notice
**Bid Identification No. Online Tender//05//SERWDG-I//2025-26**
Letter No. 4352//RWDG-I//BAM//Date : 23.09.2025
No.O-886

| | | | |
|---|---|---|---|
| 1 | Name of the Work | : | Road Work |
| 2 | Estimated Cost | : | Rs.94.37 Lakhs |
| 3 | Period of Completion | : | 06 (Six) Calendar Months as shown in Column No.06 of Annexure |
| 4 | Date & Time of Availability of Bid Documents in the Portal | : | From 08.10.2025 at 11.00 AM to 22.10.2025 upto 6.00 PM |
| 5 | Last Date / Time for Receipt of Bids in the Portal | : | 22.10.2025 up to 6.00 PM |
| 6 | Name and Address of the Officer Inviting Bid | : | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website **https://www.tendersodisha.gov.in.**

Sd./- Executive Engineer
R.W. Division-I, Ganjam, Berhampur
OIPR-25085/11/0031/2526

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/25-26/E-Tender/77,ତା.26.09.2025ରିଖ

ଟେଣ୍ଡର ସଂ.e-tenderNorthKUR-253-2025,ତା.25.09.2025ରିଖ

**ବିବରଣୀ :** ସିନିୟର ସେକ୍ସନ ଇଂଜିନିୟର(କାର୍ଯ୍ୟ)/ଯାଜପୁର କେନ୍ଦୁଝର ରୋଡ୍ ଅଧୀନସ୍ଥ ଯାଜପୁର କେନ୍ଦୁଝର ରୋଡ୍ (In) ଠାରୁ ଜେନାପୁର (In) ଏବଂ ଢଖପୁରା ଠାରୁ ଦୈତାରୀ ପର୍ଯ୍ୟନ୍ତ ସେକ୍ସନରେ 30.06.2026 ପର୍ଯ୍ୟନ୍ତ ଅବଧି ନିମନ୍ତେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକ୍‌ଚର ଗୁଡ଼ିକର ସଂଯୋଜନା ଏବଂ ପରିବର୍ତ୍ତନ (Additions & Alterations), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 55.93 ଲକ୍ଷ, EMD (ଟଙ୍କାରେ) : 1,11,900/-, ଶେଷ ହେବା ଅବଧି : 08 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.17.10.2025 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍
PR-658/Q/25-26

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BANSPAL**
E-mail : eerwbansapal@gmail.com
No.O-902

**"e" Procurement Notice for Road Works**
**Identification No. Online NCB - 03/2025-26**

1. Name of the Work : Road Work in the District of Keonjhar for the Year 2025-26, 2. Total Number of Work : 1 No., 3. Estimated Cost : Rs.41.29 lakhs, 4. Class of Contractor : "B", 5. Period of Completion : As per annexure of e-Procurement Notice No.03 of 2025-26, 6. Other Details :

| Procurement Officer | Bid Identification No. | Availability of Tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division, Banspal |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Banspal | Road Online NCB No. 03 | Dt.08.10.2025 at 11.00 A.M. | Dt.17.10.2025 up to 5.00 P.M. | Dt.16.10.2025 up to 5.00 P.M. | Dt.18.10.2025 at 11.00 A.M. |

Further details can be seen from the website www.tendersorissa.gov.in

Sd./- Superintending Engineer
R.W. Division, Banspal
OIPR-25198/11/0003/2526

**उपायुक्त-सह-जिला दण्डाधिकारी का कार्यालय, लोहरदगा**
**(खनन शाखा)**

**शुद्धि पत्र**

एतद् द्वारा सर्वसाधारण को सूचित किया जाता है कि The Jharkhand Sand Mining Rules, 2025 में उल्लेखित प्रावधानों के तहत Category-2 के बालूघाट/बालूघाटों की ई–नीलामी कार्यक्रम की सूचना PR. No. 363264 Lohardaga (25-26):D द्वारा प्रकाशित की गई थी। जिसमें तकनीकि त्रुटि के कारण बालूघाट/बालूघाटों के समूह की ई–नीलामी कार्यक्रम की तिथि में परिवर्तन किया गया है, जो निम्न प्रकार है :–

**Department of Mines and Geology**
**[अल्पकालीन पुनर्निविदा] 3rd Call**
**District- Lohardaga.**
**Notice Inviting E-Auction for Allocation of Sand ghats**
**(Through E-Procurement mode over https://www.jharkhandtenders.gov.in)**

ई–नीलामी कार्यक्रम :–

| NIT No. MINES/ LOHARDAGA/ SAND | बालूघाट या बालूघाटों के समूह जिसे एक इकाई बालू घाट मानते हुए नीलामी किया जाना है, की विवरणी। | निविदा दस्तावेज बिक्री शुल्क (5,000/–रू0+GST in RCM Mode) जमाकर निविदा दस्तावेज डाउनलोड प्रारंभ करने की तिथि | ई–नीलामी से पूर्व प्री– बीड बैठक एवं प्रशिक्षण का समय एवं स्थान | अग्रधन राशि जमा तथा निविदा दस्तावेज अपलोड करने की अंतिम तिथि एवं समय | तकनीकी निविदा की जिला स्तरीय समिति द्वारा जाँच/मूल्यांकन कर सफल निविदादाताओं की सूची सिस्टम में अपलोड करने तथा प्रारम्भिक वित्तीय प्रस्ताव के मूल्यांकन की तिथि | ई–नीलामी की तिथि एवं समय |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 5/2025 | GROUP-A 1. गितिलगढ–खरता 2. डोबा 3. कोलसिमरी–डोबा 4. लावागाई–नदीनगडा 5. हरमू–भक्सो 6. कैमो–भक्सो 7. बरगांव–कैमो 8. जुरिया–तिगरा | 06.10.2025 | – | 07.10.2025 03:00 PM एवं 13.10. 2025 03:00 PM | 16.10.2025 5:00 PM | 17.10.2025 को 10:00 बजे पूर्वाहन से 5:00 बजे अपराहन तक |
| 6/2025 | GROUP-B 1. डांडू–मेढो 2. एकागुडी–मेढो 3. सेन्हा–मेढो 4. जोगना–मेढो 5. उगरा–भड़गांव | | | | | |

नोट :– ई–निविदा की अन्य नियम एवं शर्तें यथावत रहेगें।
PR 363302 Lohardaga (25-26)_D
उपायुक्त, लोहरदगा

# ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନରେ ଦୁର୍ନୀତି ଅଭିଯୋଗ

ବୈପାରୀଗୁଡା,୬।୧୦(କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରୀଗୁଡ଼ା ବ୍ଲକ୍ ମାଝିଗୁଡ଼ା ପଞ୍ଚାୟତ କତ୍ରାଗୁଡା ଗ୍ରାମରେ ଶ୍ରମିକମାନଙ୍କୁ ଆଇଡେଣ୍ଟି କାର୍ଡ ପ୍ରଦାନରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। କୋଠାବାଡ଼ି ଶ୍ରମିକ କଲ୍ୟାଣ ଯୋଜନା ଦିଗହରା ହୋଇଥିବା ମତପ୍ରକାଶ ପାଇଛି। ଶ୍ରମ ବିଭାଗ ପକ୍ଷରୁ କୋଠା ବାଡି ନିର୍ମାଣ ଶ୍ରମିକମାନଙ୍କ ପାଇଁ ବିଭିନ୍ନ ବିକାଶମୂଳକ ଯୋଜନା ରହିଛି। ଏଥିପାଇଁ ଶ୍ରମିକମାନଙ୍କୁ ଆଇଡେଣ୍ଟି କାର୍ଡ ପ୍ରଦାନରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏହି ଯୋଜନାରେ ପଞ୍ଜୀକୃତ ଶ୍ରମିକମାନଙ୍କୁ ସରକାରଙ୍କ ପକ୍ଷରୁ ସହାୟତା ରାଶି ପ୍ରଦାନ କରିବା ବ୍ୟବସ୍ଥା ରହିଛି। ପିଲାଙ୍କ ପାଠ ପଢ଼ା, ବିବାହ ଓ ମୃତ୍ୟୁକାଳୀନ ଆର୍ଥିକ ସହାୟତା ସହ ବିଭିନ ଉପକରଣ କିଣିବାକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ। ଏଥିପାଇଁ ଶ୍ରମିକମାନଙ୍କୁ ଅନ୍‌ଲାଇନ୍‌ରେ ଆବେଦନ କରିବାକୁ ପଡ଼ିଥାଏ। ଅନ୍‌ଲାଇନ୍‌ରେ ପଞ୍ଜୀକୃତ ଆବେଦନ ଫର୍ମର ତଦନ୍ତ ପରେ ସେମାନଙ୍କୁ ଚିହ୍ନଟ କରାଯାଇ ଆଇଡେଣ୍ଟି କାର୍ଡ ଦିଆଯାଇଥାଏ। ଆବେଦନ ବେଳେ ପଞ୍ଜୀକରଣ ଫିସ୍ ବାବଦକୁ ୨୦ ଟଙ୍କା ଓ ପ୍ରତିବର୍ଷ ନବୀକରଣ ବେଳେ ୫୦ ଟଙ୍କା ଦେବାକୁ ପଡୁଥିବା ଶ୍ରମିକମାନେ କହିଛନ୍ତି। ପଞ୍ଜୀକରଣ ତଥା ନବୀକରଣ ବେଳେ ବର୍ଷରେ ଅନ୍ୟୁନ ୯୦ ଦିନରେ ନିୟୋଜିତ ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିଥାଏ। ଏହି ପ୍ରମାଣପତ୍ର ଶ୍ରମ ନିରୀକ୍ଷକ,ଶ୍ରମିକ ସଙ୍ଗଠନ,ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଥବା ବ୍ୟକ୍ତିଗତ ଭାବେ ଦେବା ବ୍ୟବସ୍ଥା ଥିବା ସତ୍ତ୍ୱେ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତାଙ୍କ ମାଧ୍ୟମରେ ଯାଇ ଆବେଦନକାରୀଙ୍କୁ ପଞ୍ଜୀକୃତ କରାଯାଉଥିବା ଜଣାପଡ଼ିଛି। କିଛି ଦଲାଲ ଏହାର ଫାଇଦା ନେଉଥିବା ଅଭିଯୋଗ ହୋଇଛି। କାଗଜ କଲମରେ ସଙ୍ଗଠନ ଗଢି ଶ୍ରମିକମାନଙ୍କୁ ଶୋଷଣ କରୁଥିବା କୁହାଯାଇଛି। ଶ୍ରମିକ ମାନଙ୍କ ସହ ଶ୍ରମ ବିଭାଗର ପ୍ରତ୍ୟକ୍ଷ ସମ୍ପର୍କ ନ ଥିବା ବେଳେ ଦଲାଲମାନେ ମଧ୍ୟସ୍ଥି ଭାବେ କାମ କରୁଛନ୍ତି। ପ୍ରମାଣପତ୍ର ଦେବା ବଦଳରେ ଶ୍ରମିକମାନଙ୍କର ପଞ୍ଜୀକରଣ ଆବେଦନଠାରୁ

### କୋଠାବାଡି ଶ୍ରମିକ କଲ୍ୟାଣ ଯୋଜନା ଦିଗହରା

ଆଇଡେଣ୍ଟି କାର୍ଡ ମିଳିବା ଯାଏ ସମସ୍ତ ପ୍ରକ୍ରିୟା ନିଜେ କରି ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ କରୁଥିବା ଜଣାପଡ଼ିଛି। ଅଣ ଶ୍ରମିକମାନଙ୍କୁ ମଧ୍ୟ ଏଥିରେ ସାମିଲ କରାଯାଉଛି। ସହାୟତା ରାଶି ପାଇବା ବେଳେ ମଧ୍ୟ ସେମାନଙ୍କ ଦ୍ୱାରା ବ୍ୟାପକ ବାଟମାରଣା ହେଉଥିବା ଅଭିଯୋଗ ହୋଇଛି। କତ୍ରାଗୁଡା ଗ୍ରାମର ଇନ୍ଦ୍ରଖିଲ ସ୍ଥାନୀୟ ଅଞ୍ଚଳରେ କୋଠା ଘର ନିର୍ମାଣରେ ଜଣେ ଶ୍ରମିକ ଭାବେ କାମ କରନ୍ତି। ୨୦୨୨ରେ ସ୍ଥାନୀୟ ଅଞ୍ଚଳର ଜଣେ ଶ୍ରମିକ ସଙ୍ଗଠନର ନେତା ତାଙ୍କଠାରୁ ଆବଶ୍ୟକୀୟ କାଗଜ ପତ୍ର ସହ ୫ ଶହ ଟଙ୍କା ନେଇ ନିଜେ ଆପ୍ଲାଏ କରିଥିଲେ। ୨୦୨୨ରେ ତାଙ୍କର ପଞ୍ଜୀକରଣ ହୋଇଥିବା ବେଳେ ଗତ ଫେବୃଆରୀ ୧ରେ ଜିଲା ଶ୍ରମ ଅଧିକାରୀ ଆଇଡେଣ୍ଟି କାର୍ଡରେ ସ୍ୱାକ୍ଷର କରିଛନ୍ତି। କିନ୍ତୁ ଉକ୍ତ ସଙ୍ଗଠନର କର୍ମକର୍ତ୍ତାଙ୍କଠାରୁ ଚଳିତ ମାସ ୪ ତାରିଖରେ ସେ ଉକ୍ତ କାର୍ଡ ପାଇଛନ୍ତି। ପୁନଶ୍ଚ ୩ ବର୍ଷର ନବୀକରଣ ବାବଦକୁ ୫୦ ଟଙ୍କା ହିସାବରେ ୧୫୦ ଟଙ୍କାର ରସିଦ୍ ଦିଆଯାଇଥିଲେ ସୁଦ୍ଧା ତାଙ୍କଠାରୁ ୭୫୦ ଟଙ୍କା ଆଦାୟ କରାଯାଇଥିବା ଜଣାପଡ଼ିଛି। ବ୍ଲକ୍‌ରେ ଜଣେ ଶ୍ରମ ଅଧିକାରୀ ନିଯୁକ୍ତି ହେବାର ନିୟମ ଥିବା ବେଳେ ଏଠାରେ କୌଣସି ଶ୍ରମ ଅଧିକାରୀ ନାହାଁନ୍ତି। ୨୨ କି.ମି ଦୂର ଜୟପୁରସ୍ଥିତ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସହ ଶ୍ରମିକମାନଙ୍କ ଯୋଗାଯୋଗ ନ ଥିବା ସୂଚନା ମିଳିଛି। ଏହାଦ୍ୱାରା ଶ୍ରମ ଆଇନ୍ ବ୍ୟାପକ ଉଲ୍ଲଂଘନ ହେଉଥିବା ବେଳେ ଅନେକ ସମୟରେ ମଜୁରୀ ଟଙ୍କା ହଡପ୍,ନାବାଳକମାନଙ୍କୁ କାମରେ ନିୟୋଜନ ଓ ବେଆଇନ ଭାବେ ରାଜ୍ୟ ବାହାରକୁ ଶ୍ରମିକ ଚାଲାଣ ଆଦି ଘଟଣା ବିଭାଗୀୟ ଅଧିକାରୀଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ସବିତା ନାୟକଙ୍କୁ ଯୋଗାଯୋଗ କରିବାରୁ ଏ ନେଇ ଲିଖିତ ଅଭିଯୋଗ ପାଇଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସେ କହିଛନ୍ତି।

# ତୁରନ୍ତ ଫଇସଲା ପାଇଁ ନିର୍ଦ୍ଦେଶ ଦେଲେ ଜିଲାପାଳ

ରାୟଗଡ଼ା,୬।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ପ୍ରଶାସନ ତରଫରୁ ସ୍ଥାନୀୟ ଜିଲା ପରିଷଦ ସଦ୍‌ଭାବନା ସଭାଗୃହରେ ସୋମବାର ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ରାୟଗଡ଼ା ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ ଏସ୍‌ପି ସ୍ୱାଥୀ ଏସ୍ କୁମାର, ଖଣ୍ଡୀୟ ବନ ଅଧିକାରୀ ସଚିନ ଅହ୍ମାସାହେବ ଓହଲେ, ଜିଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ,ଉପଜିଲାପାଳ ରମେଶ କୁମାର ଜେନା, ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଭି. ସରୋଜିନୀ ଦେବୀ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝୀ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ । ମୋଟ ୫୫ଟି


ଜିଲାପାଳ, ଏସ୍‌ପି ଏବଂ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

### ୫୫ ଅଭିଯୋଗର ଶୁଣାଣି

ଅଭିଯୋଗପତ୍ର ଜିଲାପାଳ ଗ୍ରହଣ କରିଥିଲେ । ସେଥିମଧ୍ୟରୁ ୪୭ଟି ବ୍ୟକ୍ତିଗତ ଅଭିଯୋଗ ଥିଲାବେଳେ ୮ଟି ଗ୍ରାମର ଲୋକଙ୍କ ସାମୂହିକ ଅଭିଯୋଗ ଥିଲା । ୭ ଜଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ଅଭିଯୋଗ ଥିଲା । ସେମାନଙ୍କୁ ଜିଲାପାଳ ୬୫ ହଜାର ଟଙ୍କା ଜିଲା ରେଡ୍‌କ୍ରସ୍ ଫଣ୍ଡରୁ ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ। ଜିଲାପାଳ ଆଜିର ଅଭିଯୋଗଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନଙ୍କ ସମେତ ବିଭିନ୍ନ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଯୋଗଦାନ କରିଥିଲେ ।

# ବାଇକ୍‌ରୁ ଖସି ଗୁରୁତର ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ଟିକିରି,୬।୧୦(ପ୍ରଫୁଲ୍ଲ କୁମାର ବେହେରା)


ମୃତ ହରିଶ୍ଚନ୍ଦ୍ର ମାଝୀ।

ବାଇକ୍‌ରୁ ଖସି ପଡି ଗୁରୁତର ଅବସ୍ଥାରେ କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଚିକିତ୍ସା ହେଉଥିବା ଯୁବକଙ୍କ ରବିବାର ରାତିରେ ମୃତ୍ୟୁ ଘଟିଛି। ମୃତକ ହେଲେ ରାୟଗଡା ଜିଲା କାଶୀପୁର ବ୍ଲକ ଡୁଡୁକାବାହାଲ ପଞ୍ଚାୟତ ଟିକିରି ଥାନା ଅନ୍ତର୍ଗତ ସର୍ଗୀଗୁଡା ଗ୍ରାମର ହରିଶ୍ଚନ୍ଦ୍ର ମାଝୀ। ୧ ତାରିଖରେ ହରିଶ୍ଚନ୍ଦ୍ର ବାଇକ୍ ପୂଜା କରି ବୁଲିବାକୁ ଯିବାବେଳେ ବାଇକ୍‌ରୁ ଖସି ପଡି ଗୁରୁତର ହୋଇ ପ୍ରଥମେ ଉଷାପଡା ମେଡିକାଲରେ ଭର୍ତ୍ତି ହୋଇଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରିଥିଲେ। ହରିଶ୍ଚନ୍ଦ୍ର ପେସାରେ ଜଣେ ଡ୍ରାଇଭର ତାଙ୍କ ପରିବାର ରେ ସେ ଜଣେ ମାତ୍ର ରୋଜଗାରିଆ ପୁଅ ଥିଲେ। ଏ ନେଇ ଟିକିରି ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ ହୋଇଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ହେବାପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# ସମୁଦୀଙ୍କୁ ହତ୍ୟା ଉଦ୍ୟମ: ଜେଲ ଗଲେ ସ୍ତ୍ରୀ-ସ୍ୱାମୀ

ଦିଗପହଣ୍ଡି,୬।୧୦(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ପଞ୍ଚାୟତ ପୀତାମ୍ବରପୁର ଗ୍ରାମର ଦିଲ୍ଲୀପ ଶତପଥୀ ଏବଂ ତାଙ୍କ ସ୍ତ୍ରୀ ନଳିନୀ ଶତପଥୀଙ୍କୁ ସୋମବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ଜାମିନ ଖାରଜ ହେବାରୁ ଅଭିଯୁକ୍ତ ଦମ୍ପତିଙ୍କୁ ଦିଗପହଣ୍ଡି ସବ ଜେଲ୍‌ହାଜତକୁ ପଠାଯାଇଛି। ସୋମବାର ସକାଳ ପ୍ରାୟ ୬ଟାରେ ପାରିବାରିକ ଶତ୍ରୁତାକୁ ନେଇ ସମୁଦି କାହ୍ନୁ ଶତପଥୀଙ୍କ ମୁଣ୍ଡକୁ ଦିଲ୍ଲୀପ ଏବଂ ନଳିନୀ ଠେଙ୍ଗାରେ ପିଟି ଆକ୍ରମଣ କରିଥିଲେ। କାହ୍ନୁଙ୍କୁ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏନେଇ କାହ୍ନୁଙ୍କ ପୁଅ ନୀଳକଣ୍ଠ ଶତପଥୀ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ ପାତ୍ର ଅଭିଯୁକ୍ତ ଦମ୍ପତିଙ୍କ ବିରୋଧରେ ହତ୍ୟା ଉଦ୍ୟମ ଦଫାରେ ମାମଲା ରୁଜୁ କରିଥିଲେ।

# ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇଲେ ମହିଳା


ମହିଳାମାନେ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇ ଦେଇଛନ୍ତି।

ଗୁଡାରି, ୬।୧୦ (ପ୍ରମୋଦ କୁମାର ପତି)

ରାୟଗଡା ଜିଲା ଗୁଡାରି ବ୍ଲକର କଦମା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଲେମ୍ବୁରୁଗୁଡା ଅଙ୍ଗନୱାଡି କେନ୍ଦ୍ରରେ ସୋମବାର ସ୍ଥାନୀୟ ମହିଳା ତାଲା ପକାଇ ଦେଇଛନ୍ତି। ସମ୍ପୃକ୍ତ ଅଙ୍ଗନୱାଡି କର୍ମୀ ତାଙ୍କ ଦାୟିତ୍ୱ ଠିକ ଭାବେ ତୁଲାଉ ନ ଥିବାରୁ ସେମାନେ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇ ଦେଇଥିବା ନେଇ ସୂଚନା ଦେଇଛନ୍ତି। ଏ ନେଇ ସିଡିପିଓ ଅନୀତା ପାଣିଗ୍ରାହୀଙ୍କୁ ପଚାରିବାରୁ ସେହି କେନ୍ଦ୍ରକୁ ଯାଇ ଘଟଣାର ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଛନ୍ତି।

# ପୀଡ଼ିତ ପରିବାରକୁ ହତ୍ୟା ଧମକ ଦେଲେ ଅଭିଯୁକ୍ତ

### ଗୁଣିଆ ସନ୍ଦେହରେ ହତ୍ୟା ମାମଲା

ରାୟଗଡ଼ା,୬।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ପଦ୍ମପୁର ସହର ତଳସାହିର ଭୈରବ ସାହୁଙ୍କୁ ସେହି ଅଞ୍ଚଳର କେତେଜଣ ବ୍ୟକ୍ତି ଗତ ଏପ୍ରିଲ ୨୧ ତାରିଖରେ ଗୁଣିଆ ସନ୍ଦେହରେ ହତ୍ୟା କରିଥିଲେ। ହତ୍ୟା ମାମଲାରେ ସମ୍ପୃକ୍ତ ବ୍ୟକ୍ତିମାନେ ଗିରଫହୋଇ ଜେଲ ଯାଇଥିଲେ। ଜେଲରୁ ଫେରିବା ପରେ ସେମାନେ ପରିବାର ଲୋକଙ୍କୁ ହତ୍ୟା ଧମକ ଦେଉଥିବା ସୋମବାର ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ଭୈରବ ସାହୁଙ୍କ ପରିବାର ଲୋକେ। ସ୍ୱର୍ଗତ ଭୈରବ ସାହୁଙ୍କ ସ୍ତ୍ରୀ ସଞ୍ଜୁ ସାହୁ, ପୁଅ ଜିତୁ ସାହୁ, ଝିଅ ରଶ୍ମି ସାହୁ ଓ ଜ୍ୱାଇଁ ଗୌରାଙ୍ଗ ସାହୁ ଏହି ଅଭିଯୋଗପତ୍ର ଦାଖଲ କରିଛନ୍ତି।

ସେମାନେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ଗୁଣି କରୁଥିବା ଅଭିଯୋଗକରି ଗତ ଏପ୍ରିଲ ୨୧ରେ ଭୈରବ ସାହୁଙ୍କୁ ଘରୁ ଟାଣିନେଇ ଉଲଗ୍ନକରି ସାହି ବୁଲାଇବା ପରେ ହତ୍ୟା କରାଯାଇଥିଲା। ପ୍ରାୟ ୪ ମାସ ପରେ ଗିରଫ ବ୍ୟକ୍ତିମାନେ ଜେଲରୁ ମୁକୁଳିବା ପରେ ଘରକୁ ପଥର ମାଡ଼ କରିବା ସହିତ ତୁମ ପରିବାରର ସମସ୍ତ ସଦସ୍ୟଙ୍କୁ ହତ୍ୟା କରାଯିବ ବୋଲି ଧମକ ଦେଉଥିବା ଲିଖିତ ଅଭିଯୋଗ କରିଛନ୍ତି। ପୂର୍ବ ମାମଲା ଫେରାଇ ଆଣିବାକୁ କହି ଏଭଳି ଧମକ ଦେଉଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଏଭଳିକି ଜିଅନ୍ତା ଜାଳିଦେବାର ଧମକ ମଧ୍ୟ ଦେଉଥିବା ଜଣାଇଛନ୍ତି ସଞ୍ଜୁ। ଅଭିଯୋଗ ପାଇବା ପରେ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ଏବଂ ଏସ୍‌ପି ସ୍ୱାଥି ଏସ୍ କୁମାର ପରିବାର ଲୋକଙ୍କୁ ସୁରକ୍ଷା ଦେବା ସହ ଧମକ ଦେଉଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।


ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ପୀଡ଼ିତଙ୍କ ପରିବାର ଲୋକେ।

# କରାଟେ ବିଶ୍ୱ ରେକର୍ଡ ପ୍ରୟାସ କାର୍ଯ୍ୟକ୍ରମରେ ଭାଗନେଇ ଫେରିଲେ ଦିବ୍ୟାଙ୍ଗ ରମେଶ



ଏଲ. ରମେଶ କୁମାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାୟଗଡା, ୬।୧୦(ଆଶିଷ ରଞ୍ଜନ ପଣ୍ଡା)

### ରାୟଗଡାରେ ଭବ୍ୟ ସମ୍ବର୍ଦ୍ଧନା

ବିଶ୍ୱ କରାଟେ ମାଷ୍ଟର ଆସୋସିଏଶନ ପକ୍ଷରୁ ଚେନ୍ନାଇସ୍ଥିତ ଏସ୍‌ଆଇଭିଆଇଟିରେ ଚଳିତ ଅକ୍ଟୋବର ୫ତାରିଖରେ ଆୟୋଜିତ କରାଟେ ବିଶ୍ୱ ରେକର୍ଡ ପ୍ରୟାସ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ରାୟଗଡାର ଦିବ୍ୟାଙ୍ଗ ଏଲ. ରମେଶ କୁମାର। ସେ ସୋମବାର ଅପରାହ୍ନରେ ରାୟଗଡା ଫେରିଥିବା ବେଳେ ରେଳ ଷ୍ଟେଶନଠାରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ରାୟଗଡା ଘରୋଇ ଟ୍ରକ ମାଲିକ ଆସୋସିଏଶନ ସଭାପତି ୟାଲ୍ଲା ଭେଙ୍କେଟେଶ୍ୱର ରାଓ, ଜିଲା କ୍ରୀଡା ଅଧିକାରୀ ଶେଖ୍ ଅଲିନୁର, କାଉନସିଲର ମଞ୍ଜୁଳା ମିଣିୟାକା, ଯୁବ ଖେଳାଳି ଚାଣ୍ଡି, ଓଡିଶା ବିକଳାଙ୍ଗ ମଞ୍ଚ ରାୟଗଡା ଶାଖା ସମ୍ପାଦକ ଜଳନ୍ଧର ବାଡେଲିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ମାର୍ଶାଲ ଆର୍ଟ ବିଷୟରେ ସଚେତନତା ସୃଷ୍ଟି କରିବା, ଏହାକୁ ଏକ ମହାନ ସଫଳତା ଦେବା ଏବଂ କରାଟେ ବିଶ୍ୱ ରେକର୍ଡ ପ୍ରୟାସରେ ଅଂଶଗ୍ରହଣ କରି ବିଶ୍ୱ କରାଟେ ମାଷ୍ଟର ଆସୋସିଏଶନଙ୍କୁ ପ୍ରକାଶ କରିବା ପାଇଁ ଏଲ. ରମେଶଙ୍କୁ ପ୍ରମାଣପତ୍ର ଏବଂ ମେଡାଲ ପ୍ରଦାନ କରାଯାଇଛି । ଏହି ବିଶ୍ୱ ରେକର୍ଡ କରାଟେ ଚାମ୍ପିୟନ ପ୍ରତିଯୋଗିତାରେ ଦିବ୍ୟାଙ୍ଗ ରମେଶ ୩୦ ସେକେଣ୍ଡରୁ କମ୍ ସମୟରେ ଆମେରିକା, ଜିମ୍ବାୱେ ଓ ମାଲେସିଆ ଭଳି ଦେଶର ପ୍ରତିଯୋଗୀଙ୍କୁ ପରାସ୍ତ କରିଥିବାରୁ ତାଙ୍କ ନାମ ବିଶ୍ୱ ଗିନିଜ ବୁକ୍ ଅଫ ରେକର୍ଡରେ ସ୍ଥାନ ପାଇବା ନିମନ୍ତେ ପ୍ରେରଣ କରାଯାଇଥିବା ଖେଳାଳି ରମେଶ ପ୍ରକାଶ କରିଛନ୍ତି ।

# କୋଇଲା ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ


ଦୁର୍ଘଟଣାଗ୍ରସ୍ତ ଟ୍ରକ୍।

ରାୟଗଡ଼ା,୬।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ାସ୍ଥିତ ମଝିଘରିଆଣି ମନ୍ଦିର ନିକଟସ୍ଥ ରାୟଗଡ଼ା - ବିଶାଖାପାଟଣା ରାସ୍ତାରେ ଥିବା ପୋଲର ବୁଲାଣିଠାରେ ରବିବାର ବିଳମ୍ବିତ ରାତିରେ ଏକ କୋଇଲା ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ଟ୍ରକ ଚାଳକ ଆହତ ହୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍‌କୁ ବାହାର କରିବାକୁ ଚେଷ୍ଟା କରୁଛି।

### ରାୟଗଡ଼ାରୁ ଆନ୍ଧ୍ରପ୍ରଦେଶକୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ

ଦୁର୍ଘଟଣା ଯୋଗୁ ରାୟଗଡ଼ାରୁ ପଡୋଶୀ ଆନ୍ଧ୍ରପ୍ରଦେଶକୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। ସୂଚନା ମୁତାବକ ଟ୍ରକ ପଡୋଶୀ ଆନ୍ଧ୍ରପ୍ରଦେଶରୁ ଛତିଶଗଡ ଅଭିମୁଖେ ଯାଉଥିବାବେଳେ ପୋଲର ବୁଲାଣିରେ ବ୍ରେକ ଫେଲ ହୋଇ ସେଠାରେ ଥିବା ପଥରରେ ପିଟି ହୋଇଯାଇଛି।


କୁମାରୀଙ୍କ ପର୍ବ କୁମାର ପୂର୍ଣ୍ଣମୀ: ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଟିକିରିରେ କୁମାରୀମାନେ ପୂଜାର୍ଚ୍ଚନା କରୁଛନ୍ତି। (ଫଟୋ-ପ୍ରଫୁଲ୍ଲ କୁମାର ବେହେରା)

# ଜିଲାପାଳଙ୍କୁ ଭେଟିଲେ ଦୃଷ୍ଟିହୀନ ଦମ୍ପତି

ରାୟଗଡ଼ା, ୬।୧୦(ଆଶିଷ ରଞ୍ଜନ ପଣ୍ଡା)

### ବର୍ଦ୍ଧିତ ଭତ୍ତା ଦାବି

ଦିନ ମଜୁରିଆ ବାପାଙ୍କ ରୋଜଗାରରେ ବଢ଼ି ଆସିଥିଲେ ଦୃଷ୍ଟିହୀନ ଦିବ୍ୟାଙ୍ଗ ପୁଅ। ଆଉ ଏବେ ବାହାଘର ପରେ ଦିବ୍ୟାଙ୍ଗ ଦୃଷ୍ଟିହୀନ ସ୍ତ୍ରୀର ଭରଣପୋଷଣ ଏବଂ ଦାମ୍ପତ୍ୟ ଜୀବନକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଦମ୍ପତି। ସରକାରୀ ସହାୟତା ରୂପେ ସେମାନଙ୍କୁ ମିଳୁଥିବା ୨ହଜାର ଟଙ୍କା ଭତ୍ତାରେ ଚଳିବା କଷ୍ଟକର ହୋଇପଡ଼ିଛି। ଶହେ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ମିଳିଥିଲେ ମଧ୍ୟ ବର୍ଦ୍ଧିତ ଦିବ୍ୟାଙ୍ଗ ଭତ୍ତା ମିଳୁ ନ ଥିବାରୁ କିଛି ଆର୍ଥିକ ସହାୟତା ପ୍ରଦାନ କରିବାକୁ ସୋମବାର ଅଭିଯୋଗ ଶୁଣାଣିରେ ଦ୍ୱାରସ୍ଥ ହୋଇ ଜିଲାପାଳଙ୍କୁ ନିବେଦନ କରିଛନ୍ତି ଦିବ୍ୟାଙ୍ଗ ଦୃଷ୍ଟିହୀନ ଦମ୍ପତି। ତେବେ ବର୍ଦ୍ଧିତ ଭତ୍ତା ମିଳିବାକୁ ଉଦ୍ୟମ କରାଯାଉଥିବା ଏବଂ ଖୁବ୍‌ଶୀଘ୍ର ମିଳିବ ବୋଲି ପ୍ରତିଶ୍ରୁତି ଦେଇ ପ୍ରଶାସନ ସେମାନଙ୍କୁ ପଠାଇଦେଇଥିବା ରାୟଗଡ଼ା ଜିଲା ସଦର ବ୍ଲକ୍ ପିପଲିଗୁଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଉହାପାକା ଗ୍ରାମର ଦିବ୍ୟାଙ୍ଗ ଦୃଷ୍ଟିହୀନ ବିଶ୍ୱ ମଣ୍ଡାଙ୍ଗୀ ଓ ତାଙ୍କ ଦିବ୍ୟାଙ୍ଗ ସ୍ତ୍ରୀ କହିଛନ୍ତି।


ଦିବ୍ୟାଙ୍ଗ ଦମ୍ପତି।

ପ୍ରକାଶ ଥାଉକି, ବିଶ୍ୱ ଜନ୍ମରୁ ଦୃଷ୍ଟିହୀନ ଥିବା ବେଳେ ବାପା ସେଲେୟା ମଣ୍ଡାଙ୍ଗୀ ଜଣେ ଦିନ ମଜୁରିଆ। ପୁଅର ଉନ୍ନତ ଚିକିତ୍ସା ନିମନ୍ତେ ସେ ଯଥାସମ୍ଭବ ଚିକିତ୍ସା ସେବା ଯୋଗାଇବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ। ବିଶ୍ୱ ଦୃଷ୍ଟିହୀନ ଏବଂ ବଧିର ହୋଇଥିବାରୁ ପୂର୍ବରୁ ସେ ମାସିକ ୧ହଜାର ଟଙ୍କା ବିକଳାଙ୍ଗ ଭତ୍ତା ପାଇ ଆସୁଛନ୍ତି। ଗତ ୩ ମାସ ତଳେ ବିଶ୍ୱ ଡୁକୁଲଗୁଡା ଗ୍ରାମର ଦିବ୍ୟାଙ୍ଗ ଦୃଷ୍ଟିହୀନ ଝିଅ ସୁଶୀ ରେଖାଙ୍କୁ ବାହାହୋଇଥିଲେ। ତେବେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କୁ ୩ ହଜାର ଟଙ୍କା ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯିବା ନେଇ ରାଜ୍ୟ ସରକାରଙ୍କ ନୂତନ ଘୋଷଣା ହୋଇଥିବାବେଳେ ଏହି ଭତ୍ତା ନିମନ୍ତେ ବିଶ୍ୱ ଓ ତାଙ୍କ ସ୍ତ୍ରୀ ଆବେଦନ କରିଥିବାବେଳେ ଆଜିଯାଏଁ ସେମାନଙ୍କୁ ଏଥିରୁ ବଞ୍ଚିତ କରାଯାଇଛି ବୋଲି ପିପଲଗୁଡ଼ା ଅଞ୍ଚଳର ସାମାଜିକ କର୍ମୀ ସତ୍ୟବାନ ମଣ୍ଡାଙ୍ଗୀ କହିଛନ୍ତି। ବିଶ୍ୱ ଓ ତାଙ୍କ ପରିବାର ବହୁ ଗରିବ ଶ୍ରେଣୀର ଏବଂ ସେମାନେ ଜୀବନ ଜୀବିକା ପାଇଁ ସଂଘର୍ଷ କରୁଥିବାବେଳେ ପ୍ରଶାସନ ଯଦି ସାହାଯ୍ୟ ନ କରେ ତେବେ ସେମାନଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେବ ଏଥିରେ ସନ୍ଦେହ ନାହିଁ ବୋଲି ସେ କହିଛନ୍ତି।

# ଗଜଲକ୍ଷ୍ମୀ ପୂଜା ପାଇଁ ଗୁଣପୁର ଉତ୍ସବମୁଖର

### ୩ ମଣ୍ଡପରେ ପୂଜା ଆରମ୍ଭ

ଗୁଣପୁର,୬।୧୦( ପ୍ରଦୀପ କୁମାର ପାଢୀ)

ମା’ ଗଜଲକ୍ଷ୍ମୀ ପୂଜା ପାଇଁ ରାୟଗଡ଼ା ଜିଲା ଗୁଣପୁର ସହର ଉତ୍ସବମୁଖର ହୋଇଉଠିଛି। ଚଳିତ ବର୍ଷ ୩ଟି ମଣ୍ଡପରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ସ୍ଥାନୀୟ ବ୍ଲକ ଅଫିସ ସମ୍ମୁଖରେ ଜାଗୃତି ସାଂସ୍କୃତିକ ସଂଗଠନ ପକ୍ଷରୁ ମା’ଙ୍କ ପୂଜା ଗତ ୨୮ ବର୍ଷ ଧରି ଅୟୋଜନ ହେଉଛି । ବିବିଏନ ପୂଜା କମିଟି ପକ୍ଷରୁ ୮ ବର୍ଷ ଧରି ମା’ଙ୍କ ପୂଜା କରାଯାଉଛି। ଚଳିତ ବର୍ଷ ସେଠାରେ ଅଞ୍ଚଳରେ କଳାକାରଙ୍କୁ ନେଇ ଅପେରା ଅୟୋଜନ ହେଉଛି । ସେହିପରି ଷ୍ଟେଶନ ଛକ ଠାରେ ମଧ୍ୟ ମା’ ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହେଉଛି। ପୂଜା କମିଟି ପକ୍ଷରୁ ସୁନ୍ଦର ଆଲୋକ ମାଳାରେ ପୂଜା ସ୍ଥାନକୁ ସାଜସଜ୍ଜା କରାଯାଇଛି । ଜାଗୃତି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ୯ ଦିନ ବ୍ୟାପି ପୂଜା କରାଯିବାକୁ ଯୋଜନା ରହିଛି। ଏଠାରେ ଆକର୍ଷଣୀୟ ତୋରଣ କରାଯାଇଛି । ପ୍ରତି ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ମଧ୍ୟ ହୋଇଛି। ସବୁ ପୂଜା କମିଟି ପକ୍ଷରୁ ସୋମବାର ଗଙ୍ଗା ଆବାହନ କରାଯାଇଛି। ବିବିଏନ ପୂଜା କମିଟି ପକ୍ଷରୁ ମଧ୍ୟ ୭ ଦିନ ବ୍ୟାପି ପୂଜା ହେବାକୁ ଥିବାବେଳେ ପ୍ରତେକ ସନ୍ଧ୍ୟାରେ ମେଲୋଡି, ସ୍ଥାନୀୟ ନୃତ୍ୟଶିଳ୍ପୀଙ୍କ ଦ୍ୱାରା ନୃତ୍ୟ ଓ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଅପେରା ଭଳି ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଷ୍ଟେଶନ ଛକଠାରେ ୭ ଦିନ ପାଇଁ ମା’ଙ୍କ ପୂଜା ହେବ। ଜାଗୃତି ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ସଭାପତି ରାଜେନ୍ଦ୍ର ପ୍ରସାଦ ସାହୁକାର, କାର୍ଯ୍ୟକାରୀ ସଭାପତି ସମେଶର ସାମଲ, ଉପ ସଭାପତି ମୀନକେତନ ପଣ୍ଡା, ସମ୍ପାଦକ ଶିବ ମହାପାତ୍ର, ଯୁଗ୍ମ ସମ୍ପାଦକ କମଳାକାନ୍ତ ଖୁଣ୍ଟିଆ, କୋଷାଧ୍ୟକ୍ଷ ବଳରାମ ପାଣିଗ୍ରାହୀ ପରିଚାଳନା ଦାୟିତ୍ୱରେ ଥିବାବେଳେ ପୂଜାର କର୍ତ୍ତା ଭାବେ ରାଧାକୃଷ୍ଣ ପଣ୍ଡା ଦାୟିତ୍ୱ ତୁଲାଉଛନ୍ତି। ପୂଜକ ଭାବେ ନବୀନ ରଥ, ଜଗନ୍ନାଥ ମହାପାତ୍ର ପୂଜା କାର୍ଯ୍ୟ ପରିଚାଳନା କରୁଥିଲେ । ବିବିଏନ ପୂଜା ମଣ୍ଡପରେ ପ୍ରକାଶ ରଥ, କାଶୀ ମିଶ୍ର ପ୍ରମୁଖ ପୂଜାର୍ଚ୍ଚନା କରୁଛନ୍ତି। ଷ୍ଟେଶନ ରୋଡ ଛକରେ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ, ଅକ୍ଷୟ ଶତପଥି, ପୂର୍ଣ୍ଣ ବାଉରୀ, ପ୍ରବିଣ ପଟ୍ଟନାୟକ, ସନ୍ତୋଷ ସାହୁ, ସୁମନ ପାଣିଗ୍ରାହୀ, ପି ରବି କୁମାର ପ୍ରମୁଖ ପରିଚାଳନା କରୁଥିବାବେଳେ ପୂଜକ ଭାବେ ଲୋକନାଥ ଷଡଙ୍ଗୀ ପୂଜା କାର୍ଯ୍ୟ ତୁଲାଉଛନ୍ତି।


ଜାଗୃତି ସାଂସ୍କୃତିକ ସଂଗଠନ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ପାଇଁ ଗଙ୍ଗା ଆବାହନ କରି କଳସଯାତ୍ରା କରାଯାଉଛି।



ନବରଙ୍ଗପୁର ତେଲି ସାହି ପୂଜା ମଣ୍ଡପରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀ ।






ଡାବୁଗାଁ ରେଲି ସାହି ଓ ମେଦନା ପଞ୍ଚାୟତର ଚଲଣାଗୁଡା ପୂଜା ମଣ୍ଡପ ।

# ଘର ଘର ବୁଲି ଏକ୍ସପାଏରି ମେଡିସିନ ବିତରଣ

ନବରଙ୍ଗପୁର/ନନ୍ଦାହାଣ୍ଡି, ୬।୧୦
(ସଦାଶିବ ପ୍ରହରାଜ/ ପ୍ରତିପ କୁମାର ଦାଶ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ୍ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଖାମଖିଆଲ ଭାବେ ଘର ଘର ବୁଲି ଏକ୍ସପାଏରି ସିରପ ଓ ଅଏଣ୍ଟମେଣ୍ଟ ବଣ୍ଟନ କରିଥିବା ଅଭିଯୋଗ ହୋଇଛି। ନନ୍ଦାହାଣ୍ଡି ବ୍ଲକ୍‌ର ବରାଗାଁ, ହିର୍ଲିଆଗୁଡ଼ା ଓ ବାଦିଗୁଡ଼ା ଗାଁକୁ ଗତ ଶନିବାର ସ୍ୱାସ୍ଥ୍ୟ କର୍ମଚାରୀ ପରିଦର୍ଶନକରି ଘର ଘର ବୁଲି ଶିଶୁଙ୍କୁ ଥଣ୍ଡା, କାଶ ଓ ଜ୍ୱର, କାଛୁ କୁଣ୍ଡିଆ ପାଇଁ ଔଷଧ ବାଣ୍ଟିଥିଲେ । କିନ୍ତୁ ସେଥିରେ ପାରାସିଟାମଲ ପେଡିଆଟ୍ରିକ୍ ଓରାଲ ସସ୍ପେନ୍ସନ ଔଷଧର ଏକ୍ସପାଏରି ଡେଟ୍ ସରିଯାଇଥିବା ଦେଖିବାକୁ ମିଳିଛି। ଉକ୍ତ ସିରପ୍ (୧୨୫ ଗ୍ରାମ) କାଚରେ ଅଗଷ୍ଟ ୨୦୨୫ ଏକ୍ସପାଏରି ତାରିଖ ଉଲ୍ଲେଖ ରହିଛି । ସେହିଭଳି ଟେରବିନାଫାଇନ ହାଇଡ୍ରୋକ୍ଲୋରାଇଡ୍ କାଛୁକୁଣ୍ଡିଆର ଅଏଣ୍ଟମେଣ୍ଟରେ ଅଗଷ୍ଟ ୨୦୨୫ ତାରିଖ ଏକ୍ସପାଏରି ତାରିଖ ଉଲ୍ଲେଖ ରହିଛି। ଏଭଳି ଔଷଧଗୁଡ଼ିକୁ ଭ୍ରାମ୍ୟମାଣ ଗାଡ଼ିରେ ଏକ ସ୍ୱାସ୍ଥ୍ୟ ଟିମ୍ ଗାଁ ଗାଁ ବୁଲି ବାଣ୍ଟିଦେଇଛନ୍ତି।

ମେଣ୍ଡି ପଞ୍ଚାୟତ ବରାଗାଁର ମୀନକେତନ ସୌରାଙ୍କ ୩ ମାସର ଶିଶୁକୁ ଥଣ୍ଡାକାଶ, ଜ୍ୱର ହୋଇଥିବାରୁ ଶନିବାର ସେ ତାଙ୍କ ଶିଶୁଙ୍କୁ ଏହି ସିରପ ଖୁଆଇଥିଲେ । ରବିବାର ସ୍ୱାସ୍ଥ୍ୟକର୍ମୀ ପହଞ୍ଚି ତାଙ୍କଠାରୁ ସେହି ସିରପ ଫେରାଇ ନେଇଥିଲେ। ସେହିପରି ହିର୍ଲିଆଗୁଡାର ଲକ୍ଷ୍ମୀ ବିଷୋୟୀ, ବାଦିଗୁଡ଼ା ଗାଁର ରେବତୀ ଜାନୀ ପ୍ରମୁଖ ଏକ୍ସପାଏରି ଔଷଧ ବଣ୍ଟନ କରାଯାଇଥିବା ଅଭିଯୋଗ କରିଛନ୍ତି। କେବଳ ଏହି ୩ଟି ଗାଁରେ ଏକ୍ସପାଏରି ଔଷଧ ବଣ୍ଟନ ହୋଇଥିବା ନେଇ ଘଟଣା ପଦାକୁ ଆସିଛି । ତେବେ ବିଭାଗ ପକ୍ଷରୁ ଆଉ କେତୋଟି ଗାଁରେ କେତେଜଣ ଶିଶୁଙ୍କୁ ଏଭଳି ଏକ୍ସପାଏରି ଔଷଧ ବଣ୍ଟନ କରାଯାଇଛି ତାହ ବର୍ତ୍ତମାନ ପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ବିଭାଗ ପକ୍ଷରୁ କେତୋଟି ଗାଁର କେତେକ ପରିବାରର ଶିଶୁଙ୍କୁ ଏଭଳି ଏକ୍ସପାଏରି ଔଷଧ ଦିଆଯାଇଛି ଏହାର ତଥ୍ୟ ଆଉ ମାଗିଲେ ମିଳୁନାହିଁ। ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଭଞ୍ଜନ ପରିଜାଙ୍କୁ ଯୋଗାଯୋଗ କଲେ ମଧ୍ୟ କୌଣସି ସୂଚନା ଦେଉ ନ ଥିବା ଅଭିଯୋଗ ହୋଇଛି। ତେବେ ଏକ୍ସପାଏରି ଔଷଧ ବଣ୍ଟନକୁ ନେଇ ଗତ ଜିଲା ପରିଷଦ ବୈଠକରେ ନନ୍ଦାହାଣ୍ଡି ବ୍ଲକ୍‌ର ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର ଓ ତେନ୍ତୁଲିଖୁଣ୍ଟି ବ୍ଲକ୍‌ର ଜିଲା ପରିଷଦ ସଭ୍ୟ ଗତିକାନ୍ତ ପଣ୍ଡା ପ୍ରମୁଖ ହୋହାଲ୍ଲା କରିଥିଲେ । ଜିଲା ପରିଷଦରେ ଅଭିଯୋଗ ଉଠିବା ପରେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗର ଚେତିଲା ନାହିଁ। ପୁଣି ଗାଁ ଗାଁରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ୍ସପାଏରି ଔଷଧ ବଣ୍ଟନକରି ଶିଶୁଙ୍କ ଜୀବନ ସହ ଖେଳ ଖେଳୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଭଳି ଏକ୍ସପାଏରି ଔଷଧ ବଣ୍ଟନ ପରେ କୌଣସି ଅଘଟଣ ହେଲେ କିଏ ଦାୟୀ ରହିବ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ସିଡିଏମ୍‌ଓ ସନ୍ତୋଷ ପଣ୍ଡାଙ୍କୁ ଯୋଗାଯୋଗ କରିବାରୁ ଏହି ଘଟଣାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। କାରଣ ଏକ୍ସପାଏରିର ଔଷଧଗୁଡ଼ିକୁ ୩ ମାସ ପୂର୍ବରୁ ତାଲିକା ପ୍ରସ୍ତୁତକରି ଅଲଗା ରଖାଯାଇ ଫେରାଇବାର ବ୍ୟବସ୍ଥା ରହିଛି ବୋଲି ସେ କହିଛନ୍ତି ।





ବଣ୍ଟନ ହୋଇଥିବା ଏକ୍ସପାଏରି ଔଷଧ।

### ଶିଶୁଙ୍କ ଜୀବନ ସହ ଖେଳ

# କୁମାରୀଙ୍କ ପୂଜାରେ ଯୋଗଦେଲେ ରମେଶ ମାଝି

ଚନ୍ଦାହାଣ୍ଡି,୬।୧୦
(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ପାନାବେଡ଼ା ଅଞ୍ଚଳର ପ୍ରତ୍ୟେକ ଗ୍ରାମର କୁମାରୀ କନ୍ୟାମାନେ ଭାଇମାନଙ୍କ ଶୁଭମନାସି ଭାଇଜିଉଁନ୍ତିଆ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଥିଲା । କୁମାରୀମାନଙ୍କ ଭାଇଜିଉଁତିଆ ପୂଜାରେ ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝୀ ଓ ତାଙ୍କ ଭାଇ ପୂର୍ବତନ ବିଧାୟକ ପ୍ରକାଶ ମାଝୀ ସାମିଲହୋଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ଅଞ୍ଚଳବାସୀଙ୍କ ପାଇଁ ଶୁଭମନାସିଥିଲେ। ରମେଶ ଏବଂ ପ୍ରକାଶ ଦୁଇ ଭାଇ ପାନାବେଡ଼ା ଅଞ୍ଚଳ ସହ ଝରିଗାଁ ଏବଂ ଉମରକୋଟ ପର୍ଯ୍ୟନ୍ତ ସମସ୍ତ ଦୁର୍ଗାପୂଜା, ଦଶହରା ଏବଂ ଭାଇଜିଉଁନ୍ତିଆ କାର୍ଯ୍ୟକ୍ରମରେ ଯୋଗଦେବା ସହ ଅନୁଷ୍ଠିତ ରାତ୍ରିକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ ଘୁମୁରା, ନାଟକ ଏବଂ ନୃତ୍ୟ ପ୍ରତିଯୋଗିତା ବୁଲି ଦେଖିଥିଲେ।



ଜଣେ ବାଳିକା ପୂର୍ବତନ ଏମ୍‌ପି ରମେଶ ମାଝିଙ୍କ ମୁଣ୍ଡରେ ତିଳକ ଲଗାଉଛନ୍ତି।

# ଅସୁସ୍ଥ ଦିଲୀପ ଦାସଙ୍କୁ ଭେଟିଲେ ପୂର୍ବତନ ବିଧାୟକ

ନବରଙ୍ଗପୁର,୬।୧୦
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍‌ର 'ଧରିତ୍ରୀ' ଖବରଦାତା ତଥା ପ୍ରେସ୍ କ୍ଲବ ସଭାପତି ଦିଲୀପ କୁମାର ଦାସ ଯକୃତଜନିତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଦୀର୍ଘଦିନ ହେବ ଚିକିତ୍ସିତ ହେଉଛନ୍ତି । ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ ସୋମବାର ମେଡିକାଲକୁ ଯାଇ ଚିକିତ୍ସିତ ହେଉଥିବା ଦିଲୀପଙ୍କୁ ସାକ୍ଷାତକରିବା ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏଥିସହ ନିଜର ଯତ୍ନ ନେବାକୁ କହିଥିଲେ। ଆଶୁ ଆରୋଗ୍ୟ କାମନା ସହ ଶୀଘ୍ର ଯକୃତ ପ୍ରତିରୋପଣ କରିବାକୁ ପରାମର୍ଶ ଦେଇଥିଲେ ।



ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ ଖବରଦାତା ଦିଲୀପ ଦାସଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।

# ୩୫ ଅଭିଯୋଗ ଶୁଣିଲେ ଜିଲାପାଳ, ଏସ୍‌ପି



ଜିଲାପାଳ, ଏସ୍‌ପି ଏବଂ ଅନ୍ୟ ଅଧିକାରୀ ଅଭିଯୋଗର ଶୁଣାଣି କରୁଛନ୍ତି।

ନବରଙ୍ଗପୁର,୬।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ପରିଷଦ ସମ୍ମିଳନୀ ଗୃହରେ ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ ଓ ଆରକ୍ଷୀ ଅଧୀକ୍ଷକ ମଡକର ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ସୋମବାର ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲାପାଳ ପ୍ରକାଶ କୁମାର ମିଶ୍ର, ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଯଦୁମଣି ନାଏକଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନଶୁଣାଣି ଶିବିରରେ ମୋଟ ୩୫ ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୩୨ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୩ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ୪ଟି ସମସ୍ୟାର ସମାଧାନ ତତ୍କ୍ଷଣାତ କରାଯାଇଥିଲା ।

# ରାସ୍ତା ପାର୍ଶ୍ୱ ସଫାକଲେ ଯୁବଗୋଷ୍ଠୀ

ଚନ୍ଦାହାଣ୍ଡ,୬।୧୦(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ଗମ୍ଭାରୀଗୁଡ଼ା ପଞ୍ଚାୟତର ଯୁବଗୋଷ୍ଠୀ ମୋତିଗାଁ-ଫୁଣ୍ଡେଲପଡ଼ା ସମେତ ପଞ୍ଚାୟତର ଅନ୍ୟ ସବୁ ରାସ୍ତା ପାର୍ଶ୍ୱରେ ଲଟାବୁଦା ହାଣି ସଫାକରିଥିଲେ। ପ୍ରତ୍ୟେକ ଗ୍ରାମ ରାସ୍ତାକଡ଼ ସଫାକରିବା ଦ୍ୱାରା କିଛି ପରିମାଣରେ ସଡ଼କ ଦୁର୍ଘଟଣା ରୋକାଯାଇପାରିବ ବୋଲି କୁହାଯାଇଛି। ଗାଁ ସହ ଆଖପାଖରେ ଥିବା ଅନ୍ୟ ଗାଁର ଲୋକ ମଧ୍ୟ ଏହି ରାସ୍ତା ସଫା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଯୁବଗୋଷ୍ଠୀଙ୍କ କହିବା ଅନୁଯାୟୀ, ଲଟାବୁଦା ମାଡ଼ିଯାଇଥିବାରୁ ରାସ୍ତା ଅଣଓସାରିଆ ହେବା ସହ ଦୂରରୁ ଦୁଇଚକିଆ କିମ୍ବା ଚାରିଚକିଆ ଯାନ ଯିବାଆସିବା କରୁଥିବା ଦେଖା ନ ଯିବା କାରଣରୁ ବିଭିନ୍ନ ସମୟରେ ସଡ଼କ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଉପରୋକ୍ତ ସମସ୍ୟାର ସମାଧାନ ଦିଗରେ ପ୍ରଶାସନକୁ ଜଣାଇଥିଲେ ହେଁ ଏଯାବତ୍ କୌଣସି ପଦକ୍ଷେପ ନ ନେବାରୁ ପଞ୍ଚାୟତର ଯୁବଗୋଷ୍ଠୀ ସମୂହ ଏକତ୍ରିତ ହୋଇ ବିଭିନ୍ନ ଲଟାବୁଦା ଦ୍ୱାରା ଆବଦ୍ଧ ରାସ୍ତାର ଉଭୟ ପାର୍ଶରେ ଥିବା ତୁଲୁସା ଏବଂ ଅନ୍ୟାନ୍ୟ ଲଟାବୁଦା ସଫା କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗେନ୍ଦ୍ର ବେଶ୍ରା, ମୁକେଶ ନାୟକ, ଦିବାକର ନାୟକ, ସୌରିରଞ୍ଜନ ସାହୁ, ମୋତିଲାଲ ସାହୁ, ଟେକଧର ନାୟକ, ନେପାଳ ଗୌଡ଼, ମହେଶ୍ୱର ତୋଲଟିଆ, ତପେଶ୍ୱର ଗୌଡ଼, ଲମ୍ବୁଧର ନାୟକ, ଭାଗୀରଥି ଗୌଡ଼, ସୁଦର୍ଶନ ଗୌଡ଼, ଶ୍ରୀଧର ଗୌଡ଼ଙ୍କ ସମେତ ଗମ୍ଭାରିଗୁଡ଼ା ପଞ୍ଚାୟତର ଯୁବଗୋଷ୍ଠୀ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହିପରି ବ୍ଲକ୍‌ର ସମସ୍ତ ଗ୍ରାମରେ ଯଦି ବିଭିନ୍ନ ସଂଗଠନ, ଯୁବଗୋଷ୍ଠୀଙ୍କ ଦ୍ୱାରା କରାଯିବ ତେବେ ଗ୍ରାମର ରାସ୍ତାଗୁଡ଼ିକ ସଫା ରହିବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

# ୩ ବର୍ଷର ଶିଶୁ ଶଯ୍ୟାଶାୟୀ, ଚିନ୍ତାରେ ପରିବାର

ଧୋଡ୍ରା,୬।୧୦ (ଗଣେଶ ଚନ୍ଦ୍ର ଛତ୍ର)

ଜନ୍ମ ସମୟରେ ସୁସ୍ଥ ଥିଲା ଶିଶୁପୁତ୍ର। ପରିବାରକୁ ନୂଆ ସଦସ୍ୟ ଆସିଥିବାରୁ ବେଶ୍ ଖୁସି ଥିଲେ ପରିବାର ଲୋକେ। ସବୁ ପିଲାଙ୍କ ଭଳି ତାଙ୍କ ପୁଅ କେବେ ଚାଲିବ, ବୁଲିବ ଓ ଖେଳିବ ସେ ନେଇ ପରିବାର ଲୋକେ ଅପେକ୍ଷା କରିଥିଲେ। ମାସ ମାସ ବିତୁଛି, ବର୍ଷ ବର୍ଷ ବିତୁଛି ହେଲେ ପୁଅ ନିଜେ ବସିପାରୁଛି ନା ନିଜେ ଚାଲିପାରୁଛି। ଶଯ୍ୟାଶାୟୀ ହୋଇ ମା'ବାପାଙ୍କ କୋଳରେ କଟୁଛି ଜୀବନ। ଏଭଳି ଦୁଃଖ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ ବକଡ଼ାବେଡ଼ା ପଞ୍ଚାୟତ ମାଣ୍ଡିଆଗୁଡ଼ା ଗାଁରେ। ମାଣ୍ଡିଆଗୁଡ଼ାର ଶଙ୍କର ଭତ୍ରାଙ୍କ ପୁଅ ସାଗର ଭତ୍ରାଙ୍କ ବୟସ ବର୍ତ୍ତମାନ ୩ ବର୍ଷରୁ ଅଧିକ ହୋଇଥିଲେ ମଧ୍ୟ ଶାରୀରିକ ଦକ୍ଷତାର ବିକାଶ ଏ ପର୍ଯ୍ୟନ୍ତ ହୋଇପାରି ନ ଥିବାରୁ ସେ ଶଯ୍ୟାଶାୟୀ ଅବସ୍ଥାରେ ରହିଛନ୍ତି। ପିଲାଟି ନିଜେ ବସିପାରୁନାହିଁ କି ଚାଲିପାରୁନାହିଁ। ମା' ବାପା ଧରିକି ବସାଇଲେ ବସୁଛି, ଖୁଆଇଲେ ଖାଉଛି। ସେହିପରି ପିଲାଟି କଥା କହିପାରୁ ନ ଥିବାରୁ ଭୋକ ଲାଗିଲେ ପାଟି ଖୋଲି ଖାଇବାକୁ ମଧ୍ୟ ମାଗି ପାରୁନାହିଁ। ପରିବାର ଲୋକଙ୍କ କହିବା ଅନୁଯାୟୀ, ଜନ୍ମ ସମୟରେ ପିଲାର ସ୍ୱାସ୍ଥ୍ୟ ଅବସ୍ଥା ସବୁ ଠିକ୍ ଥିଲା। ୩ ମାସ ପରେ ଛୁଆର ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ିବା ସହ ସେ ସବୁବେଳେ ଅସୁସ୍ଥ ହୋଇ ରହୁଥିବା କହିଛନ୍ତି। ତା' ସାଙ୍ଗର ପିଲାମାନେ ଅଙ୍ଗନୱାଡି କେନ୍ଦ୍ରକୁ ଯାଉଛନ୍ତି, କିନ୍ତୁ ଆମ ପିଲା ଜନ୍ମହୋଇ ସାଢ଼େ ୩ ବର୍ଷ ହେଲାଣି ବସିପାରୁନାହିଁ କି କଥା କହିପାରୁନାହିଁ। ପିଲାର ଏପରି ଅବସ୍ଥା ଯୋଗୁ ପରିବାର ଲୋକେ ଚିନ୍ତାରେ ଥିବା କହିଛନ୍ତି। ପିଲାର ଚିକିତ୍ସା ପାଇଁ ଉମରକୋଟ ମେଡିକାଲ, ନବରଙ୍ଗପୁର ମେଡିକାଲ ନିଆଯାଇଥିଲେ ମଧ୍ୟ ସେ ଠିକ୍ ହୋଇପାରିନାହିଁ। ଶଙ୍କରଙ୍କ ପରିବାରରେ ଶିଶୁ ସମେତ ୫ ଜଣ ସଦସ୍ୟ । ସେମାନେ ଗରିବ ଶ୍ରେଣୀର ହୋଇଥିବାରୁ ପିଲାକୁ ବଡ଼ ମେଡିକାଲକୁ ନେଇ ଉନ୍ନତମାନର ଚିକିତ୍ସା କରିବା ପାଇଁ ହାତରେ ସମ୍ବଳ ନାହିଁ। ତେଣୁ ଶିଶୁର ଚିକିତ୍ସା ପାଇଁ ସରକାର ସହାୟତା ଯୋଗାଇଦେବାକୁ ପରିବାର ଲୋକେ ନିବେଦନ କରିଛନ୍ତି।



ମା'ବାପାଙ୍କ ସହ ୩ ବର୍ଷର ଶିଶୁ ସାଗର ଭତ୍ରା।

# ଜିଲା ମୁଖ୍ୟ ଚିକିତ୍ସାଳୟରେ ଅସ୍ୱାସ୍ଥ୍ୟକର ପରିବେଶ

- ଜମା ହୋଇ ରହିଛି ବର୍ଜ୍ୟବସ୍ତୁ
- ଠିକା ସଂସ୍ଥା ପ୍ରତି ନିୟନ୍ତ୍ରଣ ନାହିଁ

ନବରଙ୍ଗପୁର,୬।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ସଫେଇ ନାଁରେ ବ୍ୟାପକ ଅନୁଦାନ ଖର୍ଚ୍ଚ ହେଉଥିଲେ ମଧ୍ୟ ସଫାସୁତୁରା ହୋଇପାରୁନାହିଁ। ଫଳରେ ଚିକିତ୍ସାଳୟର ବିଭିନ୍ନ ସ୍ଥାନରେ କୁଢ଼କୁଢ଼ ଅଳିଆ ଜମା ହୋଇରହିଛି। ସେଥିରୁ ଦୁର୍ଗନ୍ଧ ବାହାରିବା ସହ ଚିକିତ୍ସାଳୟ ପରିସରରେ ଏକପ୍ରକାର ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି।

ଡାକ୍ତରଖାନା ଭିତରେ ଓ ପଛ ଅଞ୍ଚଳରେ ଆବର୍ଜନା ଗଦା ହୋଇଥିବାବେଳେ ସେଥିରେ ଅପରିଷ୍କାର ପାଣି ମିଶି ଦୁର୍ଗନ୍ଧ ବାହାରୁଛି। ରୋଗୀଙ୍କ ଶଯ୍ୟା ନିକଟରେ ମଧ୍ୟ ବ୍ୟାଣ୍ଡେଜ, ସିରିଞ୍ଜ ଓ ଚିକିତ୍ସା ସାମଗ୍ରୀ ପଡ଼ିଥିବା ଦେଖିବାକୁ ମିଳେ। ଏପରିକି ପାଇଖାନା ଓ ୱାର୍ଡଗୁଡ଼ିକ ନିୟମିତ ସଫେଇ ହେଉ ନ ଥିବାରୁ ରୋଗୀ ଓ ତାଙ୍କ ସମ୍ପର୍କୀୟ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଏହା ଡାକ୍ତରଖାନା ନା ରୋଗ ପ୍ରସାର କେନ୍ଦ୍ର ବୋଲି ପ୍ରଶ୍ନ ଉଠୁଛି । ଗତ ଦିନରେ ଡାଏଲିସିସ୍ କେନ୍ଦ୍ରର ପାଇଖାନା ଓ ପରିସ୍ରାଗାର ଗତ ୮ ମାସ ଧରି ସଫା କରାଯାଇ ନ ଥିଲା । ଫଳରେ ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ ଓ ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ ଡାଏଲିସିସ୍ କେନ୍ଦ୍ର ସଫା କରିଥିଲେ। ତଥାପି ସ୍ୱାସ୍ଥ୍ୟ ବିଭାଗର ଚେତା ପଶିନାହିଁ । ଏବେ ମାତୃ ଓ ଶିଶୁ ଯତ୍ନ ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ ୱାର୍ଡଗୁଡିକରୁ ଦୁର୍ଗନ୍ଧ ବାହାରିବା ସହ କୋଠାର ବାହାରେ ପାଇଖାନାରୁ ନିର୍ଗତ ପାଣି କାନ୍ଥ ଓ ଝରକା ଆଡେ ପଡୁଛି। ମେଡିକାଲରେ ଲଗାଯାଇଥିବା ଏସିଗୁଡିକ ଉପରେ ଦୁର୍ଗନ୍ଧମୟ ପାଣି ପଡ଼ି ସେଗୁଡିକ କଳଙ୍କି ଖାଇଗଲାଣି। ଡ୍ରେନ୍ ଉପରେ ଆଚ୍ଛାଦିତ ପ୍ଲେଟ୍‌ଗୁଡିକ ଭାଙ୍ଗି ଡ୍ରେନ୍ ପୋତିହୋଇଯିବା ସହ କାନ୍ଥଗୁଡିକ କଳା ପଡ଼ି ଶିଉଳି ଲାଗିଗଲାଣି। କାନ୍ଥକୁ ଲାଗି କୁଢ଼ କୁଢ଼ ଆବର୍ଜନା ପଡ଼ି ରହିଛି । ଝରକା ନିକଟରେ ଗଜ୍ କପଡ଼ା ଓ ଆବର୍ଜନା ଯୋଗୁ ଏବେ ପରିବେଶ ପୂତିଗନ୍ଧମୟ ପାଲଟିଛି । ଅପରିଷ୍କାର ପରିବେଶ ଯୋଗୁ ମଶା ଓ ମାଛି ପ୍ରାଦୁର୍ଭାବ ମଧ୍ୟ ବୃଦ୍ଧି ପାଇଛି। ମଶା ଦାଉରୁ ରକ୍ଷାପାଇବା ଓ ପରିବେଶ ସଫାସୁତୁରା ରଖିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଗ୍ରାମାଞ୍ଚଳରେ ସଚେତନ କରୁଛନ୍ତି । କିନ୍ତୁ ଖୋଦ୍ ଜିଲା ସଦର ମହକୁମା ଡାକ୍ତରଖାନା ପରିବେଶ ଦୁର୍ଗନ୍ଧମୟ ପାଲଟିଛି । ଜିଲା ସଦର ମହକୁମା ଡାକ୍ତରଖାନାକୁ ପ୍ରତିଦିନ ଶତାଧିକ ରୋଗୀ ଆସୁଥିଲେ ମଧ୍ୟ ନିୟମିତ ସଫାଇ କାର୍ଯ୍ୟ ହେଉନାହିଁ । ସ୍ୱାସ୍ଥ୍ୟ ବିଭାଗ ଯଦି ତୁରନ୍ତ ପଦକ୍ଷେପ ନ ନିଅନ୍ତି, ତେବେ ଜୀବାଣୁଜନିତ ରୋଗ ଭୟାବହ ରୂପ ନେଇପାରେ ବୋଲି ଅଭିଯୋଗ ହୋଇଛି। ସ୍ୱାସ୍ଥ୍ୟ ବିଭାଗର ଉଦାସୀନତା ନେଇ ସାଧାରଣ ଲୋକ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସନ୍ତୋଷ କୁମାର ପଣ୍ଡାଙ୍କୁ ପଚାରିବାରୁ ତୁରନ୍ତ ହସ୍ପିଟାଲ ମ୍ୟାନେଜରଙ୍କୁ ଡକାଇ ଆବର୍ଜନାଗୁଡିକ ସଫାକରି ପାଣି ନିଷ୍କାସନ ପାଇପଗୁଡିକ ମରାମତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଡ୍ରେନ୍ ସଫା କରିବା ସହ ତା' ଉପରେ ପ୍ଲେଟ୍‌ଗୁଡିକ ପକାଇବା ପାଇଁ କୁହାଯାଇଥିବା ସେ କହିଛନ୍ତି।



ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ କୋଠା।

# ମୁଖ୍ୟ ଦଶହରାର ୪ ଦିନ ପରେ ପୂଜା ପାଆନ୍ତି ମା' ଦୁର୍ଗା

କୁନ୍ଦୁରା,୬।୧୦(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଆସନା ପଞ୍ଚାୟତ ସଦର ଉଦଲଗୁଡ଼ା ୧୯୭୦ରୁ ମୁଖ୍ୟ ଦଶହରାର ୪ ଦିନ ପରେ ଦଶହରା ପୂଜା ହେଉଛି। ଗ୍ରାମବାସୀ ଓ ପୂଜା ପରିଚାଳନା କମିଟି ଏହାକୁ ପରିଚାଳନା କରନ୍ତି। ତତ୍କାଳୀନ ନବ ନିର୍ବାଚିତ ସରପଞ୍ଚ ସ୍ୱର୍ଗତ ପିତାମ୍ବର ଦାସ ଏହାକୁ ଆରମ୍ଭ କରିଥିଲେ। ତାଙ୍କୁ ଗାଁ ଠାକୁରାଣୀ ମନ୍ଦିର ନିର୍ମାଣ ସହ ଦଶହରା ପାଳନ ପାଇଁ ତ୍ରୟୋଦଶୀରେ ସ୍ୱପ୍ନାଦେଶ କରିଥିବା ସୂଚନା ରହିଛି। ସେ ଆଦେଶ ମୁତାବକ ତୁରନ୍ତ ପୂଜାର୍ଚ୍ଚନା କରିଥିଲେ। ଏହାର ପର ବର୍ଷଠାରୁ ଦଶହରା ପାଳନ ହେଉଛି। ରୀତିନୀତିରେ ତ୍ରୟୋଦଶୀ ଅପରାହ୍ନରେ ସରପଞ୍ଚ ଦାସଙ୍କ ଘରେ ମା'ଦୁର୍ଗାଙ୍କ ଫଟୋଚିତ୍ରରେ ପୂଜା କରାଯାଏ। ପରେ ଗାଁ ଠାକୁରାଣୀଙ୍କ ନିକଟରୁ ଆଜ୍ଞାମାଳ ଆଣି ମା'ଦୁର୍ଗାଙ୍କୁ ମହୁରିଆ,ବାଦ୍ୟ,ଶିରାଲାଠି,ପଟୁଆର କରି ଗାଁ ଶେଷ ମୁଣ୍ଡର ପୀଠକୁ ନିଆଯାଏ। ଦେବୀ ପୀଠରେ ପୂଜାର୍ଚ୍ଚନା କରି ଗ୍ରାମଦେବୀ ଓ ମା' ଦୁର୍ଗାଙ୍କ ନୂତନ ପରିଧାନ ବସ୍ତ୍ର ଅଦଳ ବଦଳ କରାଯାଇଥାଏ। ପୁଣି ଥରେ ଦେବୀ ପୀଠରୁ ପଟୁଆର ମାଧ୍ୟମରେ ଗାଁ ପରିକ୍ରମା ସାରି ସରପଞ୍ଚ ଦାଶଙ୍କ ଘର


ବିଭିନ୍ନ ସ୍ଥାନରୁ ପୂଜା ପାଇଁ ଆସିଥିବା ଲାଠି।

ପରିସରରେ ପୂଜା ପାଆନ୍ତି। ଅଞ୍ଚଳର ବିଭିନ୍ନ ସ୍ଥାନରୁ ଆସିଥିବା ଶିରା ଲାଠି ରଖି ପୂଜା କରାଯାଏ। ଲାଠି ପୂଜା ପରେ ପଟୁଆର ସହ ଗାଁ ପରିକ୍ରମା କରାଯାଏ। ଯାତ୍ରା ସମାପନ ପରେ ସମସ୍ତ ଲାଠିକୁ ପୂର୍ବ ପ୍ରଚଳିତ ରୀତିନୀତି ଅନୁସାରେ ବିଦାୟ ଦିଆଯାଏ। କେରମେଟି ଓ ଫୁଲଭଟ୍ଟା ପଞ୍ଚାୟତର ୱାର୍ଡ ସଭ୍ୟ ଓ ଗାଁ ମୁଖିଆ ସମୁଦ ନାୟକ,ଉର୍ଦ୍ଧବ ମାଝୀ,ମାଧବ କଟ୍ରି,ଘାସି ଜାନି,ଆତୁ ମହୁରିଆ,ସନା ସଗରିଆ,ସାମ ଦୁରୁଆ,ପାଣ୍ଡୁ ଦୁରୁଆ,ସାମ ପୂଜାରୀ,ମାଧବ ବାରିକ,ରାମଚନ୍ଦ୍ର ଗଉଡ, ଅର୍ଜୁନ ପୂଜାରୀ, ପରମାନନ୍ଦ ପୂଜାରୀ, ସହଦେବ ପୂଜାରୀ ପ୍ରମୁଖଙ୍କ ସହଯୋଗରେ ଦଶହରା ଆରମ୍ଭ ହୋଇ ୫୬ ବର୍ଷ ଧରି କ୍ରମାଗତ ଭାବେ ପାଳନ ହେଉଛି। ମୁଖ୍ୟ ଦଶହରା ୪ ଦିନ ପରେ ଏଠାରେ ପର୍ବ ପାଳନ ହେଉଥିବାରୁ କୁନ୍ଦୁରା ସମେତ ବୈପାରୀଗୁଡା,କୋଟପାଡ ଓ ଛତିଶଗଡ଼ରୁ ଶତାଧିକ ଲୋକଙ୍କ ସମାଗମ ହୋଇଥାଏ। ଏଥିରେ ବିଦ୍ୟୁତ ବିଭାଗ ଓ ପୋଲିସକୁ ନିମନ୍ତ୍ରଣ କରାଯାଇଥାଏ। ସୋମବାର ବିଦ୍ୟୁତ୍ ବିଭାଗ ଏବଂ ଥାନାଧିକାରୀ ଅଶ୍ୱିନୀ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ରୂପୁ ଭତ୍ରା, ଜିଲା ପରିଷଦ

## ଉଦଲଗୁଡ଼ାରେ ଲାଖବିନ୍ଧା ମୁଖ୍ୟ ଆକର୍ଷଣ

ଉପାଧକ୍ଷ ରାଧା ବିନୋଦ ସାମନ୍ତରାୟ, ବରିଷ୍ଠ କଂଗ୍ରେସ ନେତା ଅନାମ ଦିଆନ ପ୍ରମୁଖଙ୍କ ଯୋଗଦେଇଥିଲେ। ଅଞ୍ଚଳବାସୀଙ୍କ ସହଯୋଗରେ ଦଶହରା ଉତ୍ସବ ପାଳନ ହୋଇପାରୁଛି ବୋଲି ପିତାମ୍ବରଙ୍କ ପୁଅ ଅନିଲ କହିଛନ୍ତି। ଲୋକଙ୍କ ମନୋରଞ୍ଜନ ପାଇଁ ୨ଟି ନାଟକ ମଞ୍ଚସ୍ଥ ହୋଇଥିଲା। ପରମ୍ପରା ଅନୁସାରେ ଯାତ୍ରା ଶେଷ ହେବା ପରେ ଲାଖ ବିନ୍ଧା କାର୍ଯ୍ୟକ୍ରମ କରାଯାଇଥିଲା। ଏକ ଗଛରେ ପ୍ରାୟ ୧୫୦ ଫୁଟ ଉର୍ଦ୍ଧ୍ୱରେ ବାଉଁଶ ଲାଠିରେ ଏକ ବାଇଗଣକୁ ଝୁଲାଇ ରଖାଯାଇଥିଲା। ଲାଖ ବିନ୍ଧିବାକୁ କୁନ୍ଦୁରା, ବୈପାରିଗୁଡ଼ା ଓ କୋଟପାଡ଼ ଆଦି ଅଞ୍ଚଳରୁ ଦକ୍ଷ ବିନ୍ଧାଳି ଅଂଶଗ୍ରହଣ କରିଥିଲେ। ଏଥିରେ ଆସନା ପଞ୍ଚାୟତ ଚାଞ୍ଚରାଗୁଡ଼ାର ତୁଳା ଦୁରୁଆ ସଫଳ ହୋଇଥିଲେ। ତାଙ୍କୁ ଯାତ୍ରା କମିଟି ପକ୍ଷରୁ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ଚଳିତ ବର୍ଷ ୨୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିବା ସୂଚନା ମିଳିଛି। ଶାନ୍ତି ଶୃଙ୍ଖଳାର ସହ ଯାତ୍ରା ସମାପନ ହୋଇଥିବା ଥାନାଧିକାରୀ କହିଛନ୍ତି।

# ଭିଜିଲାନ୍ସ ଜାଲରେ କୁନ୍ଦୁରା ବ୍ଲକ୍ ସହକାରୀ ଯନ୍ତ୍ରୀ

## ଏମ୍‌ଜିଏନ୍‌ଆରଇଜିଏସ୍ ବିଲ୍ କରାଇ ଦେବାକୁ ନେଉଥିଲେ ଲାଞ୍ଚ

କୁନ୍ଦୁରା,୬।୧୦(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଜୟପୁର ଭିଜିଲାନ୍ସ ପକ୍ଷରୁ ତାଙ୍କୁ ଗିରଫ କରାଯାଇଛି।

ସୂଚନାନୁଯାୟୀ, ମସିଗାଁ ପଞ୍ଚାୟତସ୍ଥିତ ଗ୍ରାମ୍ୟ ଉନ୍ନୟନ ରାସ୍ତାଠାରୁ ଶ୍ମଶାନ ଯାଏ ରାସ୍ତା ନିର୍ମାଣ ପାଇଁ ୬ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ଠିକାଦାର ସ୍ୱାଇଁଙ୍କୁ ମିଳିଥିଲା। ଏହି କାମର ବିଲ୍ କରିଦେବାକୁ ସହକାରୀ ଯନ୍ତ୍ରୀ ଲମ୍ବୋଦର ନାୟକ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ପ୍ରଫୁଲ୍ଲ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ପ୍ରଫୁଲ୍ଲ ସହକାରୀ ଯନ୍ତ୍ରୀଙ୍କୁ ଲାଞ୍ଚ ଟଙ୍କା ଦେଉଥିବା ବେଳେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ୨୦୨୧ରୁ ସହକାରୀ ଯନ୍ତ୍ରୀ ନାୟକ କୁନ୍ଦୁରା ବ୍ଲକ୍‌ରେ ନିଯୁକ୍ତ ଥିବାବେଳେ ତାଙ୍କୁ ବୈପାରୀଗୁଡ଼ାକୁ ସ୍ଥାନାନ୍ତର କରାଯାଇଥିଲା। ଦଶହରା


ସହକାରୀ ଯନ୍ତ୍ରୀ ଲମ୍ବୋଦର ନାୟକ।

ପୂର୍ବରୁ ଡେପୁଟେଶନରୁ କୁନ୍ଦୁରା ବ୍ଲକକୁ ଫେରିଥିଲେ। ତାଙ୍କ ବିରୋଧରେ ପୂର୍ବରୁ ମଧ୍ୟ ଏକ ଭିଜିଲାନ୍ସ କେଶ ଥିବା ସୂଚନା ରହିଛି। ଜୟପୁର ଭିଜିଲାନ୍ସ ଏସ୍‌ପି ରବୀନ୍ଦ୍ର କୁମାର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଡିଏସ୍‌ପି ସଦାନନ୍ଦ ପାଣି, ଅଭୟ ପ୍ରଧାନ, ସୂର୍ଯ୍ୟକାନ୍ତି ଟାକ୍ରୀ, ଇନ୍ସପେକ୍ଟର ସୂର୍ଯ୍ୟପ୍ରକାଶ ନାୟକ, ସନ୍ତୋଷୀ ବାରିକ, ସଞ୍ଜୟ ପ୍ରଧାନ,ଅମିନ ଗୌରଚନ୍ଦ୍ର ବାଗ, ଫରେଷ୍ଟର ଗଗନ ବିହାରୀ ପଣ୍ଡା, ସୁଜିତ କୁମାର ନାୟକ,ଏଏସଆଇ ଦିଲ୍ଲୀପ କୁମାର ଭୂୟାଁ, ଏଏସଆଇ କେଶବ ଗରଲୁ ପ୍ରମୁଖ ଗିରଫ ସମୟରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢ଼ାଉ, ୨୦ ଗିରଫ

ଜୟପୁର,୬।୧୦(ପବନ ପାଣିଗ୍ରାହୀ)

ଜୁଆ ଖେଳ ଚାଲୁଥିବା ବେଳେ ଜୟପୁର ଟାଉନ ପୋଲିସ ଓ ସଦର ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨୦ ଜୁଆଡିଙ୍କୁ ଗିରଫ କରିଛନ୍ତି। ସହରର ସୌରା ସାହିରେ ଖେଳ ଚାଲୁଥିବା ବେଳେ ଜୟପୁର ଟାଉନ ପୋଲିସ ଚଢାଉ କରି ୯ ଜୁଆଡିଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ୭୯ ହଜାର ୧ ଶହ ଟଙ୍କା ଜବତ କରିଛି। ସମସ୍ତଙ୍କୁ ନୋଟିସରେ ଛଡାଯାଇଥିବା ଟାଉନ ଥାନାଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି। ସେହିପରି ଜୟପୁର ସଦର ଥାନା ଅଧୀନ ଫାମ୍ପୁଣିରେ ପୋଲିସ ପାଟ୍ରୋଲିଂ କରି ତ୍ରିନାଥ ମନ୍ଦିର ନିକଟରେ ଖେଳୁଥିବା ୧୧ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ୨୬ ହଜାର ୧ ଶହ ୧୦ ଟଙ୍କା ଜବତ କରିଛି। ସମସ୍ତଙ୍କୁ ନୋଟିସରେ ଛଡ଼ାଯାଇଥିବା ଜୟପୁର ସଦର ଥାନାଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

### ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଜୟପୁର,୬।୧୦(ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ଅଧୀନ ଏକମ୍ବାଠାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ ନନ୍ଦ ଓ ଅନ୍ୟ ବ୍ଲକସ୍ତରିୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପଞ୍ଚାୟତରେ ରାସ୍ତା ଓ ପାନୀୟ ଜଳ ସମସ୍ୟା ଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ଶିବିରରେ ମୋଟ ୮ଟି ଅଭିଯୋଗ ରହିଥିଲା। ବିଭିନ୍ନ ଯୋଜନା ନେଇ ଅଧିକାରୀମାନେ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ଶିବିରରେ ରାବଣାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

# ବସ୍-ବାଇକ୍ ଧକ୍କା: ୨ ମୃତ, ୩ ଆହତ


ଲୋକେ ବସ୍ ପାଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଲକ୍ଷ୍ମୀପୁର,୬।୧୦(ଅନନ୍ତ ପ୍ରସାଦ ନାୟକ)

କୋରାପୁଟ ଜିଲା କାକିରିଗୁମା ଥାନା ଅଧୀନ ଡି.ପଞ୍ଜଡା ଛକ ନିକଟରେ ସୋମବାର ଏକ ବାଇକ୍ ଓ ବସ୍ ମଧ୍ୟରେ ଧକ୍କା ହୋଇ ଗୋଟିଏ ପରିବାରର ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ରହିଛନ୍ତି। ମୃତକ ହେଲେ ଦଶମନ୍ତପୁର ବ୍ଲକ୍ ଚଣାବାଡ଼ ପଞ୍ଚାୟତ କତ୍ରାଆମ୍ବ ଗାଁର କବିତା ମୁଦୁଲି ଓ ତାଙ୍କ ଭଉଣୀ ଭିବୁନି। ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ସୂଚନାନୁଯାୟୀ, କତ୍ରାଆମ୍ବ ଗ୍ରାମର ପୀତବାସ ମୁଦୁଲି ତାଙ୍କ ପରିବାରର ଅନ୍ୟ ୫ ସଦସ୍ୟଙ୍କ ସହ ବାଇକ୍ ଯୋଗେ ଶ୍ୱଶୁର ଘର ଡି.ପଞ୍ଜଡ଼ାରୁ ନିଜ ଗାଁକୁ ଫେରୁଥିଲେ। ଏକ ବୁଲାଣି ରାସ୍ତାରେ ଗୁଣପୁରରୁ ଉମରକୋଟ ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ୍ ସାମ୍ନାକୁ ବାଇକ୍ ଚାଲି ଆସି ଧକ୍କା ହୋଇଥିଲା। ପୀତବାସଙ୍କ ଝିଅ କବିତା ବସ୍ ଚକା ତଳେ ଚାପି ହୋଇଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ପୀତବାସ, ସ୍ତ୍ରୀ ବାସନ୍ତୀ, ପୁଅ ସଞ୍ଜୟ ଓ ଝିଅ ଭିବୁନି ଆହତ ହୋଇଥିଲେ। ବାଇକ୍‌କୁ ରକ୍ଷା କରିବାକୁ ଯାଇ ବସ୍ ରାସ୍ତା କଡ଼ର ଏକ ଗଛରେ ପିଟି ହୋଇଥିଲା। ଯାତ୍ରୀମାନେ ସୁରକ୍ଷିତ ଥିବା ଜଣାପଡ଼ିଛି। ଆହତମାନଙ୍କୁ କାକିରିଗୁମା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଭିବୁନିଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ୩୨୬ ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହି ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଛି। କାକିରିଗୁମା ଥାନାଧିକାରୀ ସୁନୀଲ କୁମାର ସ୍ୱାଇଁ, ଏସ୍‌ଡିପିଓ ମନୋଜ କୁମାର ବେହେରା, ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସ୍ଥାନୀୟ ବିଧାୟକ ପବିତ୍ର ସାଉଁତା ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଥିବା ଦେଖିବାକୁ ମିଳିଛି। ପୋଲିସ ନଂ ୬୯/୨୫ରେ ମାମଲା ରୁଜୁକରି ବସ୍ ଓ ବାଇକ୍‌କୁ ଜବତ କରିଛି। ବସ୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଖବର ଲେଖାଯିବା ସୁଦ୍ଧା ରାସ୍ତା ଅବରୋଧ ହଟି ନ ଥିବା ସୂଚନା ରହିଛି।

# ଆମେ ଜାଣିଲେ ଆମେ ଜିଣିବା କାର୍ଯ୍ୟକ୍ରମ

ସୁନାବେଡ଼ା,୬।୧୦(କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସେମିଳିଗୁଡା ବ୍ଲକ ଦୁଧାରୀ ପଞ୍ଚାୟତ ସାପଟାମାହାରେ ପୁଟସିଲ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ 'ଆମେ ଜାଣିଲେ ଆମେ ଜିଣିବା' କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। ଅବସରପ୍ରାପ୍ତ ଶିକ୍ଷକ ସିଙ୍ଗୁରୁ ଖିଲ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଦୁଧାରୀ ପଞ୍ଚାୟତ ସରପଞ୍ଚ ମାଧବ ନନ୍ଦୀବାଲି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ଭଲ ପାଠ ପଢିବାକୁ ସେ ପରାମର୍ଶ ଦେଇଥିଲେ। ସମିତିସଭ୍ୟା ସୁଷମା ପାଙ୍ଗୀ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରି ଆଦିବାସୀମାନଙ୍କୁ ମିଳୁଥିବା ସୁବିଧା ସୁଯୋଗର ଲାଭ ଉଠାଇ ଓଏଏସ୍, ଆଇଏଏସ୍, ଡାକ୍ତର, ଆଇନଜୀବୀ, ସାମ୍ବାଦିକତା ଆଦି କ୍ଷେତ୍ରରେ ପାରଦର୍ଶିତା ହାସଲ କରିବାକୁ କହିଥିଲେ। କାର୍ଯ୍ୟକ୍ରମରେ ଯୁବ ଖବରଦାତା ସୁନାମ ହନ୍ତାଳ, ଶିକ୍ଷକ ରାଜେନ୍ଦ୍ର ସାନ୍ତା, ୱାର୍ଡସଭ୍ୟ ମାସୁରୁ ସାନ୍ତା ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରବୀର ଜାନି ପରିଚାଳନା କରିଥିଲେ।

# ବଦଳିଲେ ଜିଲା ଶିକ୍ଷାଧିକାରୀ

କୋରାପୁଟ, ୬।୧୦
(ଅମିତାଭ ବେହେରା)


କୋରାପୁଟ ଜିଲା ଶିକ୍ଷାଧିକାରୀ ଡ.ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ନୂଆପଡ଼ା ଜିଲା ଶିକ୍ଷାଧିକାରୀ ଭାବେ ବଦଳି କରାଯାଇଛି। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପତ୍ର ସଂଖ୍ୟା ୨୭୬୪୮/୬।୧୦।୨୦୨୫ ଅନୁଯାୟୀ ତାଙ୍କର ବଦଳି ହୋଇଛି। ସେହିପରି ବିଭାଗର ପତ୍ର ସଂଖ୍ୟା ୨୭୬୪୭ ଅନୁଯାୟୀ ନୂଆପଡା ଜିଲା ଶିକ୍ଷାଧିକାରୀ କରୁଣାକର ଭୁଇଙ୍କୁ କୋରାପୁଟକୁ ବଦଳି କରାଯାଇଛି। ବିଦ୍ୟାଳୟ ଗଣଶିକ୍ଷା ବିଭାଗର ଅତିରକ୍ତ ଶଚିବ ଡି.ସାହୁଙ୍କ ଚିଠି ଅନୁଯାୟୀ ଏହି ବଦଳି କରାଯାଇଛି। ଆଦେଶ ପାଇବା ପରେ ଜିଲା ପ୍ରଶାସନ ପକ୍ଷରୁ ଡ. ମହାନ୍ତିଙ୍କୁ ରିଲିଫ କରାଯାଇଥିବା ଜଣାପଡିଛି।

# ଦେଓମାଳିକୁ ବାହାରୁ ତମ୍ବୁ ନ ନେବାକୁ କଟକଣା

## ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଜରିମାନା

ପଟ୍ଟାଙ୍ଗି,୬।୧୦
(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନ କୋଟିଆ ପଞ୍ଚାୟତ ଦେଓମାଳି ପର୍ଯ୍ୟଟନସ୍ଥଳୀକୁ ବାହାରୁ ତମ୍ବୁ ନ ଆଣିବାକୁ ପର୍ଯ୍ୟଟକମାନଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ପ୍ରେମଲାଲ୍ ହିଆଲ ସୋମବାର କଟକଣା ଜାରି କରିଛନ୍ତି। ଜାରି ହୋଇଥିବା ଚିଠି ନଂ.୦୬୮୭୬/୨୫ରେ ଉକ୍ତ ପର୍ଯ୍ୟଟନସ୍ଥଳୀକୁ ରାତ୍ରିଯାପନ କରିବାକୁ ଆସୁଥିବା ପର୍ଯ୍ୟଟକମାନେ ବାହାରେ ଭଡ଼ାସୂତ୍ରରେ ମିଳୁଥିବା ତମ୍ବୁ ଏବଂ ଅନ୍ୟ ଉପକରଣ ନ ଆଣିବାକୁ କୁହାଯାଇଛି। କୋଟିଆ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ଭଡ଼ା ଆକାରରେ ପ୍ରଦାନ କରାଯାଉଥିବା ତମ୍ବୁ ଏବଂ ଅନ୍ୟ ଉପକରଣକୁ ଭଡ଼ାସୂତ୍ରରେ ଗ୍ରହଣ କରିବାକୁ ଚିଠିରେ ନିର୍ଦ୍ଦେଶ ରହିଛି। ପ୍ରଶାସନର କଟକଣା ଓ ନିର୍ଦ୍ଦେଶକୁ ଉଲ୍ଲଂଘନକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି। ଦେଓମାଳି ପର୍ଯ୍ୟଟନସ୍ଥଳୀକୁ ଆସୁଥିବା ପର୍ଯ୍ୟଟକ ବାହାରୁ ଚଢ଼ା ଦରରେ ତମ୍ବୁ ଓ ଅନ୍ୟ ଉପକରଣ ଭଡ଼ାରେ ଆଣି ହରିଲୁଟ୍‌ର ଶିକାର ହେଉଥିଲେ। ଏହା ପ୍ରଶାସନର ଦୃଷ୍ଟିଗୋଚର ହେବାରୁ ଗତବର୍ଷଠାରୁ ପଦକ୍ଷେପ ଗ୍ରହଣ ନିଆଯାଇଛି। ପର୍ଯ୍ୟଟକମାନେ ଏଥିରେ ଖୁସିହେବା ସହ ପଞ୍ଚାୟତ କାର୍ଯ୍ୟାଳୟରୁ ତମ୍ବୁ ଏବଂ ଅନ୍ୟ ଉପକରଣ ଭଡ଼ାରେ ନେଇ ପର୍ଯ୍ୟଟନସ୍ଥଳୀର ଆନନ୍ଦ ଉଠାଇଥିଲେ।


ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ

ପତ୍ର ସଂଖ୍ୟା- ୬୮୭୬ ତା- ୦୬/୧୦/୨୦୨୫

ସର୍ବସାଧାରଣ ବିଜ୍ଞାପନ

ଏତଦ୍‌ଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ପଟାଙ୍ଗି ପଞ୍ଚାୟତ ସମିତି ଅନ୍ତର୍ଗତ ଦେଓମାଳି ଠାରେ ରାତ୍ର ରହଣି ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ତମ୍ବୁ ଓ ଅନ୍ୟାନ୍ୟ ଉପକରଣ କୋଟିଆ ଗ୍ରାମ ପଞ୍ଚାୟତ ଦ୍ୱାରା ଭଡା ସୂତ୍ରରେ ପର୍ଯ୍ୟଟକ ମାନଙ୍କୁ ଯୋଗାଇ ଦିଆଯାଉଅଛି । ଏଥି ସକାଶେ ବାହାରୁ ତମ୍ବୁ କିମ୍ବା କୌଣସି ବ୍ୟକ୍ତିଗତ ତମ୍ବୁ ତଥା ଅନ୍ୟାନ୍ୟ ଉପକରଣ ନେବା ପାଇଁ ଅନୁମତି ଦିଆଯିବ ନାହିଁ।

ଏଥିରେ କୌଣସି ଖିଲାପ କଲେ ସଂପୃକ୍ତ ପର୍ଯ୍ୟଟକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତତ୍ ସଙ୍ଗେ ଜରିମାନା ଟ ୫୦୦୦/- ଙ୍କା ଆଦାୟ କରାଯିବ। ଏହାକୁ ଜରୁରୀ ମନେ କରିବେ।

ଆପଣଙ୍କ ବିଶ୍ୱସ୍ତ
ଉପଜିଲ୍ଲାପାଳ, କୋରାପୁଟ
Sub-Collector Koraput

ପରିପତ୍ର ସଂଖ୍ୟା- ୬୮୭୭(୪) ତାରିଖ- ୦୬/୧୦/୨୦୨୫

ଏହାର ଏକକିତା ନକଲ ତହସିଲଦାର, ପଟାଙ୍ଗି, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପଟାଙ୍ଗି / ଥାନା ଭାରପ୍ରାପ୍ତ ଅଧିକାରୀ, ପଟାଙ୍ଗି / କୋଟିଆଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ଉପଜିଲ୍ଲାପାଳ, କୋରାପୁଟ
Sub-Collector Koraput

ଉପଜିଲାପାଳ ଜାରି କରିଥିବା କଟକଣା ପତ୍ର।

# ପାହାଡ଼ ସୁରକ୍ଷା ସମିତିର ୨୪ ସଦସ୍ୟଙ୍କୁ 'ବଣ୍ଡ୍ ଟୁ କିପ୍ ଦି ପିସ୍'

- ସଭା ସମିତି କରି ବିଶୃଙ୍ଖଳା ସୃଷ୍ଟି କରୁଥିବା ଅଭିଯୋଗ
- ବାଲଡ଼ା ନାଗେଶ୍ୱରୀ ପାହାଡ଼କୁ ଖଣି ଖାଦାନ ମାନ୍ୟତା ନେଇ ବୈଠକ ଘଟଣା

ନନ୍ଦପୁର,୬।୧୦(ତୁଷାରକାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ବାଲଡ଼ା ନାଗେଶ୍ୱରୀ ପାହାଡ଼ ଓ ଗୁମ୍ଫାର ସୁରକ୍ଷା ଆଳରେ ବେଆଇନ ସଭା ସମିତି ସହ ରାସ୍ତାରୋକୋ, ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟିକରି ଅଞ୍ଚଳକୁ ଅଶାନ୍ତ କରୁଥିବା ଦର୍ଶାଇ ୩୦ ଜଣ ବ୍ୟକ୍ତିଙ୍କ ନାଁରେ ମାମଲା ରୁଜୁ ହୋଇଥିଲା। ସୋମବାର ନଂ. ୨୮/୨୫ରେ ରୁଜୁ ହୋଇଥିବା ମାମଲାର ପାଡୁଆ ପୋଲିସ ସୋମବାର ନନ୍ଦପୁର ତହସିଲଦାର ତଥା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଦେବବ୍ରତ ମହାରଣାଙ୍କ ଅଦାଲତ ବିଚାର କରିଥିଲେ। ସୁରକ୍ଷା ସମିତିର ଅଜୟ ମୁଦୁଲି, ଲକ୍ଷ୍ମୀ ଶୀସା, ରାମଚନ୍ଦ୍ର ମୁଦୁଲି, ଗୋବର୍ଦ୍ଧନ ଖରା, ଜୟ ପେଟିଆ, କାନ୍ତି ମୁଦୁଲି, ଭୀମ ଶୀସା, ଜୟ ଶୀସା, ସୀତାରାମ ପାଙ୍ଗୀ, ରାଜେନ୍ଦ୍ର ଖରା, ଘାସିରାମ ଖରା, ଅନନ୍ତ ଖରା, ଭୂଷଣ ହନ୍ତାଳ, ଚଞ୍ଚଳା ଶୀସା, ଖଗେଶ୍ୱର ଦେସ୍ତୀ ଓ ନାରାୟଣ ଖିଲ ପ୍ରମୁଖ ୨୪ ଜଣ ଉପସ୍ଥିତ ଥିଲେ। ଓକିଲ ରଞ୍ଜିତ ପଟ୍ଟନାୟକ ଓ ପ୍ରଶାନ୍ତ କୁମାର ମିଶ୍ର ସମସ୍ତଙ୍କ ପକ୍ଷ ରଖିଥିଲେ। ବିଚାର ପରେ ଉପସ୍ଥିତ ୨୪ ଜଣଙ୍କୁ ୬ ମାସ ପାଇଁ ଅଞ୍ଚଳରେ କୌଣସି ପ୍ରକାର ବିଶୃଙ୍ଖଳା ଆଚରଣ ନ କରିବା ନେଇ ଜଣ ପିଛା ୧୦ ହଜାର ଟଙ୍କାର ବଣ୍ଡ୍ ଟୁ କିପ୍ ଦି ପିସ୍‌ର ରାୟ ଦେଇଥିଲେ। ରାୟ ମୁତାବକ ୨୪ଜଣଙ୍କୁ ଜାମିନଦାର ଗୋପାଳ ମାଟାମ ଜାମିନରେ ନେଇଥିଲେ। ଏହା ପରେ ସୁରକ୍ଷା ସମିତିର ଅଜୟ ପୋଲିସ ଆକ୍ରୋଶ ମନୋଭାବ ରଖି ଗାଁରେ ବସି ଆଲୋଚନା କରିବାକୁ ବେଆଇନ ଦର୍ଶାଇ ଏକାଧିକ ମାମଲା ରୁଜୁ କରିଥିବା କହିଛନ୍ତି।

# ଡ୍ରେନ୍ ସହ ପକ୍କା ରାସ୍ତା ନିର୍ମାଣ ଦାବି

## ୬ ଗାଁର ରାସ୍ତା କାଦୁଅମୟ

ନନ୍ଦପୁର/ପାଡୁଆ,୬।୧୦
(ତୁଷାରକାନ୍ତ ମହାନ୍ତି/ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ଅଧୀନ ୨୩ ପଞ୍ଚାୟତର ଗ୍ରାମାଞ୍ଚଳ ରାସ୍ତାଗୁଡ଼ିକ ବର୍ଷାରେ କାଦୁଅମୟ ହୋଇରହିଛି। ୬ ଗାଁର ରାସ୍ତାରେ ଯାନବାହନ ଚଳାଚଳ ଅସୁବିଧା ହେଉଥିବା ଦେଖିବାକୁ ମିଳିଛି। ପଞ୍ଚାୟତର ମୁଖ୍ୟ ଆରଡି ରାସ୍ତାଠାରୁ ଗଙ୍ଗାଗୁଡା, ତାମର୍ଡିଙ୍ଗ, ପୋଡେଇସିଂ, ଡମଙ୍ଗ, ବଡ଼ଙ୍ଗ ଓ ଝୋଡିଗୁଡା ଗ୍ରାମ ରାସ୍ତାର କାଦୁଅ ସ୍ଥିତି ଯୋଗୁ ଜନଜୀବନ ପ୍ରଭାବିତ ହୋଇଛି। ସମସ୍ତ ରାସ୍ତା ଏମଜିଏନ୍‌ଆରଇଜିଏସ୍‌ରେ ନିର୍ମିତ ହୋଇ ୨ ପାର୍ଶ୍ୱର ମାଟି କାଢ଼ି ରାସ୍ତାରେ ପକାଇ ନିର୍ମାଣ କରାଯାଇଛି। କୌଣସି ରାସ୍ତାରେ ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ଅସରାଏ ବର୍ଷା ଯୋଗୁ ରାସ୍ତା କାଦୁଅମୟ ହୋଇଯାଉଛି। ପଞ୍ଚାୟତ, ବ୍ଲକ୍ ଓ ଜିଲା ପ୍ରଶାସନ ଗ୍ରାମାଞ୍ଚଳର ରାସ୍ତାଗୁଡ଼ିକ ପ୍ରତି ଦୃଷ୍ଟି ଦେଇ ପକ୍କା ରାସ୍ତା ଓ ୨ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରିବାକୁ ଅନୁରୋଧ କରିଛନ୍ତି। ରାସ୍ତାଗୁଡ଼ିକର ଦୁରବସ୍ଥା ସମ୍ପର୍କରେ ନନ୍ଦପୁର ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ୨୩ ପଞ୍ଚାୟତରେ ୨୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଏଭଳି ମାଟି ରାସ୍ତାରେ ଯାତାୟାତ କରୁଛନ୍ତି। ପର୍ଯ୍ୟାୟ କ୍ରମେ ଉକ୍ତ ରାସ୍ତାଗୁଡ଼ିକୁ ପକ୍କା କରାଯିବ ବୋଲି କହିଛନ୍ତି।


ରାସ୍ତାରେ ବର୍ଷା ପାଣି ଜମି କାଦୁଅ ହୋଇଛି।

# ଅଭିଯୋଗର ସମାଧାନ ନେଇ ଅଧିକାରୀଙ୍କୁ ନିର୍ଦ୍ଦେଶ

## ଜିଲାପାଳଙ୍କ ମିଳିତ ଜନଶୁଣାଣି

ନନ୍ଦପୁର,୬।୧୦(ତୁଷାରକାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟ ବୈଠକ ଗୃହରେ ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ଜିଲାପାଳ(ଏଡିଏମ୍) ତପନ କୁମାର ନାୟକ, ଜିଲା ପୋଲିସ ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, କୋରାପୁଟ ଉପଜିଲାପାଳ ପ୍ରେମଲାଲ ହିଆଲଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ନନ୍ଦପୁର ବ୍ଲକ୍‌ବାସୀ ରାଇପାହାଡ଼ ଗ୍ରାମବାସୀଙ୍କୁ ରାସ୍ତା, ପାଣି, ଆଧାର, ରାଶନ, ଆବାସ, ସୁଭଦ୍ରା ଯୋଜନା, ବିଦ୍ୟୁତ୍ ସେବା ଦେବାରେ ପ୍ରଶାସନ ଅଣଦେଖା କରୁଥିବା ଅଭିଯୋଗ କରିଥିଲେ। ବାଲଡା


ଶିବିରରେ ଅତିରିକ୍ତ ଜିଲାପାଳ ଓ ଅନ୍ୟ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ପାହାଡ଼ ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କୁ ଗ୍ରାମସଭାରେ ପାରିତ ଜଙ୍ଗଲ ଜମି ପଟ୍ଟା ଦେବାରେ ଅବହେଳା, ବୟସ ଅଧିକ ଦର୍ଶାଇ ଅବସର ଦେବା, ସ୍କୁଲ ଜମି ଜବରଦଖଲ କରି ଗୃହ ନିର୍ମାଣ କରିବା, ଶିକ୍ଷାନୁଷ୍ଠାନଗୁଡ଼ିକରେ ଖାଇବା କକ୍ଷ ନ ଥିବା, ହାଟଗୁଡ଼ା ସେବାଶ୍ରମ ବିଦ୍ୟାଳୟର ଶିକ୍ଷକ ଓ ଆନୁଷଙ୍ଗିକ ଅଭାବ ଦୂରକରିବା ସହ ୨୦୦ ଶଯ୍ୟା ବିଶିଷ୍ଟ ନବନିର୍ମିତ ଛାତ୍ରୀନିବାସ କାର୍ଯ୍ୟକ୍ଷମ କରିବା, ପାନୀୟଜଳ, ରାସ୍ତା, ଗୋଷ୍ଠୀଗୃହ ନିର୍ମାଣ ଆଦି ସମ୍ବନ୍ଧିତ ୨୦ ଗୋଷ୍ଠୀଗତ ଓ ୧୮ ବ୍ୟକ୍ତିଗତ ମୋଟ ୩୮ ସମସ୍ୟା ସମ୍ବଳିତ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଏହାକୁ ପଞ୍ଜୀକରଣକରି ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ପାଇଁ ଭାରପ୍ରାପ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣିରେ ବ୍ଲକ୍ ଅଧକ୍ଷା ସାବିତ୍ରୀ କାର୍ତ୍ତୁଲ, ନନ୍ଦପୁର ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଦୁବରାଜ ମୁର୍ମୁ, ଅତିରିକ୍ତ ତହସିଲଦାର ମାଧବ ପାଙ୍ଗୀ ଓ ସିଡିପିଓ ମିନତିବାଲା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ଝସକେତନ ବେହେରା ଶିବିର ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ନନ୍ଦପୁର ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଦୀକ୍ଷିତା ସାହୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କ୍ୟାଶ୍ ଅନ୍ ଡେଲିଭରିରେ ଅତିରିକ୍ତ ଶୁଳ୍କ ଉପରେ ନଜର

ଭୁବନେଶ୍ୱର,୬।୧୦
(ଅନୁରାଧା ମହାରଣା)



ଦେଶରେ ଇ-କମର୍ସ କମ୍ପାନୀଗୁଡ଼ିକର ବ୍ୟବସାୟ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ମାତ୍ର ଏହା ସହିତ ଏହି ପ୍ଲାଟଫର୍ମଗୁଡ଼ିକର କାର୍ଯ୍ୟପ୍ରଣାଳୀକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ନିକଟରେ ଅନେକ ଘଟଣା ସାମ୍ନାକୁ ଆସିଛି, ଯେଉଁଥିରେ ଗ୍ରାହକମାନଙ୍କଠାରୁ କ୍ୟାସ ଅନ ଡେଲିଭରି (ସିଓଡି) ବିକଳ୍ପ ଚୟନ କରିବା ପାଇଁ ଅତିରିକ୍ତ ଶୁଳ୍କ ନିଆଯାଉଛି। ଏହାକୁ ଗମ୍ଭୀରତାର ସହ ନେଇ ସରକାର ଏଭଳି କମ୍ପାନୀଗୁଡ଼ିକ ବିରୁଦ୍ଧରେ ତଦନ୍ତକୁ ଜୋରଦାର କରିଛନ୍ତି। କଞ୍ଜ୍ୟୁମର ଆଫେୟାର୍ସ ବିଭାଗ ଗ୍ରାହକଙ୍କଠାରୁ ନଗଦ ପେମେଣ୍ଟ ବିକଳ୍ପରେ ଅତିରିକ୍ତ ଶୁଳ୍କ ଆଦାୟ କରୁଥିବା ଇ-କମର୍ସ ପ୍ଲାଟଫର୍ମଗୁଡ଼ିକର ତଦନ୍ତ କରୁଛି। କେନ୍ଦ୍ରୀ ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ ଏକ ଟ୍ୱିଟ୍ ଏହାକୁ ଡାର୍କ ପ୍ୟାଟର୍ନ ବୋଲି ଅଭିହିତ କରିଛନ୍ତି। ଅର୍ଥାତ୍ ଗ୍ରାହକଙ୍କୁ ଭ୍ରମରେ ରଖି ଅତିରିକ୍ତ ଶୁଳ୍କ ଆଦାୟ କରୁଥିବା ଭ୍ରାନ୍ତିମୂଳକ ରଣନୀତି। ମନ୍ତ୍ରୀ ଜୋଶୀ କହିଛନ୍ତି ଯେ, ଗ୍ରାହକଙ୍କ ଅଧିକାର ସୁରକ୍ଷା ପାଇଁ ସରକାର କଡ଼ା ପଦକ୍ଷେପ ନେବ ଏବଂ ଇ-କମର୍ସ କ୍ଷେତ୍ରରେ ପାରଦର୍ଶିତା ବୃଦ୍ଧି ପାଇଁ ଆବଶ୍ୟକୀୟ ସଂସ୍କାର କରିବ। ସୋସିଆଲ ମିଡିଆରେ ଅନେକ ଗ୍ରାହକ ସ୍କ୍ରିନସଟ ସେୟାର କରି ଦର୍ଶାଇଥିଲେ ଯେ, କେତେକ କମ୍ପାନୀ ପେମେଣ୍ଟ ହ୍ୟାଣ୍ଡଲିଂ ଚାର୍ଜ ନାମରେ ଅତିରିକ୍ତ ଶୁଳ୍କ ନେଉଥିବା ଅଭିଯୋଗ କରିବା ପରେ ଏପରି ବିବାଦ ମୁଣ୍ଡ ଟେକିଥିଲା। 'ଏକ୍ସ' ପ୍ଲାଟଫର୍ମରେ ଜୋମାଟୋ, ସ୍ୱିଗି ଓ ଜେପ୍ଟୋ ଭଳି ଆପ୍‌ଗୁଡ଼ିକ ରେନ ଫି ଓ ଅନ୍ୟାନ୍ୟ ଅତିରିକ୍ତ ଶୁଳ୍କ ନେବା ନେଇ ଗ୍ରାହକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଅଭିଯୋଗ ପରେ ସରକାର ଏକ୍ସନ ମୋଡରେ ରହିଛନ୍ତି। ମନ୍ତ୍ରୀ ଜୋଶୀ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି ଯେ, ଏହି ମାମଲାଗୁଡ଼ିକର ଗଭୀର ତଦନ୍ତ କରାଯିବ ଏବଂ ଗ୍ରାହକଙ୍କ ଅଧିକାର ଉଲ୍ଲଂଘନ କରୁଥିବା କମ୍ପାନୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ସରକାର ପୂର୍ବରୁ ଇ-କମର୍ସ କମ୍ପାନୀଙ୍କୁ ଗ୍ରାହକଙ୍କ ସହ ଅନୁଚିତ ବ୍ୟବହାର ନ କରିବାକୁ ଚେତାବନୀ ଦେଇଛନ୍ତି। ଏହା ସହିତ, ଡାର୍କ ପ୍ୟାଟର୍ନ ଓ ଅତିରିକ୍ତ ଶୁଳ୍କ ଆଦାୟ ଭଳି କାର୍ଯ୍ୟକଳାପକୁ ରୋକିବା ପାଇଁ ନୂଆ ଆଇନ ଆଣିବାର ପ୍ରସ୍ତୁତି ଚାଲିଛି। ସରକାରଙ୍କ ଲକ୍ଷ୍ୟ ହେଉଛି ଗ୍ରାହକଙ୍କୁ କ୍ରୟ ସମୟରେ ପୂର୍ଣ୍ଣ ପାରଦର୍ଶିତା ମିଳୁ ଏବଂ ସେମାନଙ୍କୁ ଲୁକ୍କାୟିତ ଶୁଳ୍କ କିମ୍ବା ଭ୍ରାନ୍ତିମୂଳକ ବିକଳ୍ପ ଦ୍ୱାରା ଭ୍ରମିତ କରାନଯାଉ। ଏହି ସରକାରୀ କଡ଼ାକଡ଼ି ଦ୍ୱାରା ଆଗାମୀ ଦିନରେ ଅନଲାଇନ କ୍ରୟକୁ ଅଧିକ ପ୍ରସାର ଓ ଗ୍ରାହକ ଅନୁକୂଳ କରାଯିବ ବୋଲି ଆଶା କରାଯାଉଛି।

# ଶେୟାର ବଜାରକୁ ପ୍ରଭାବିତ କରିବ ଏଆଇ

ଭୁବନେଶ୍ୱର,୬।୧୦

ଗୋଲ୍ଡମ୍ୟାନ ସାକ୍ସର ସିଇଓ ଡେଭିଡ ସୋଲୋମନ କହିଛନ୍ତି, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଆଗାମୀ ୧-୨ ବର୍ଷ ମଧ୍ୟରେ ଶେୟାର ବଜାରକୁ ଖୁବ୍ ପ୍ରଭାବିତ କରିପାରେ। ଡେଭିଡ ସୋଲୋମନ କହିଛନ୍ତି ଆଗାମୀ ମାସଗୁଡ଼ିକରେ ଷ୍ଟକ ମାର୍କେଟରେ ହ୍ରାସ ହେବାର ଚେତାବନୀ ଦେଇଛନ୍ତି। ସିଏନବିସି ରିପୋର୍ଟ ଅନୁଯାୟୀ, ସୋଲୋମନ କହିଛନ୍ତି ଯେ ଏଆଇର ବଢୁଥିବା ପ୍ରଭାବ ଯୋଗୁ ଆଗାମୀ ସମୟରେ ଷ୍ଟକ ମାର୍କେଟରେ ହ୍ରାସ ହୋଇ ନିବେଶକମାନଙ୍କୁ କ୍ଷତି ସହିବାକୁ ପଡିପାରେ। ଏଆଇ ଯୋଗୁ ସମ୍ପ୍ରତି ଷ୍ଟକ ମାର୍କେଟ ରେକର୍ଡ ଉଚ୍ଚତାରେ ପହଞ୍ଚିଛି ମାତ୍ର ଆଗାମୀ ଏକ-ଦୁଇ ବର୍ଷରେ କିଛି ନିବେଶକଙ୍କୁ କ୍ଷତି ହେବ। କିଛି ଲାଭରେ ରହିବେ। ନୂଆ ଟେକ୍ନୋଲୋଜି ଆସିଲେ ବଡ ପୁଞ୍ଜି ନିର୍ମାଣ ହୁଏ। ଅନେକ ନୂଆ କମ୍ପାନୀ ଉଭା ହୁଅନ୍ତି। ଏହା ବଜାରକୁ ସାମର୍ଥ୍ୟରୁ ଆଗେଇ ନେଇଯାଏ - ଏଥିରେ ଉଭୟ ଜିତିବା ଓ ହାରିବା ବର୍ଗ ରହିବେ।

# ସାମନ୍ଥା ରୁଥ୍ ପ୍ରଭୁ ଜୟଆଲୁକ୍କାସର ନୂଆ ବ୍ରାଣ୍ଡ୍ ଆମ୍ବାସାଡର

ଭୁବନେଶ୍ୱର,୬।୧୦
(ଅନୁରାଧା ମହାରଣା)



ବିଶ୍ୱପ୍ରସିଦ୍ଧ ଅଳଙ୍କାର ବ୍ୟବସାୟୀ ଜୟଆଲୁକ୍କାସ ପ୍ରଖ୍ୟାତ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁଙ୍କୁ ନିଜର ନୂଆ ବ୍ରାଣ୍ଡ ଆମ୍ବାସାଡର ଭାବେ ଘୋଷଣା କରିଛି। ସାମନ୍ଥାଙ୍କର ଆକର୍ଷଣୀୟ ବ୍ୟକ୍ତିତ୍ୱ ଓ ଅଭିନୟ ଜୟଆଲୁକ୍କାସର ସୁନ୍ଦର ଡିଜାଇନ ଓ ଉଚ୍ଚମାନର ଅଳଙ୍କାରକୁ ବିଶ୍ୱ ବଜାରରେ ପହଞ୍ଚାଇବ। ପୂର୍ବରୁ ଅଭିନେତ୍ରୀ କାଜଲ ଜୟଆଲୁକ୍କାସ ସହ ଥିବାବେଳେ ବର୍ତ୍ତମାନ ଏହି ଘୋଷଣା ୨ ଆଇକନଙ୍କୁ ଏକାଠି ଆଣିଛି, ଯେଉଁମାନେ କି ସୌନ୍ଦର୍ଯ୍ୟ, ସତ୍ୟତା ଓ ଉତ୍କର୍ଷକୁ ମୂଲ୍ୟ ଦିଅନ୍ତି। ଜୟଆଲୁକ୍କାସ ଗ୍ରୁପର ଅଧକ୍ଷ ଡ. ଜୟଆଲୁକ୍କାସ କହିଛନ୍ତି, ସାମନ୍ଥା ଆଧୁନିକ ମହିଳାଙ୍କର ଆତ୍ମବିଶ୍ୱାସ ଓ ଶୈଳୀକୁ ପ୍ରତିଫଳିତ କରନ୍ତି। ତାଙ୍କୁ ଆମ ପରିବାରରେ ସ୍ୱାଗତ କରି ଆମେ ଗର୍ବିତ। ସାମନ୍ଥା ଉତ୍ସାହ ପ୍ରକାଶ କରି କହିଛନ୍ତି, ଅଳଙ୍କାର ମୋ ପାଇଁ ବ୍ୟକ୍ତିଗତ ଅଭିବ୍ୟକ୍ତିର ଏକ ମାଧ୍ୟମ। ଜୟଆଲୁକ୍କାସର ସୌନ୍ଦର୍ଯ୍ୟ ଓ କାରିଗରି ମୋତେ ମୁଗ୍ଧ କରିଛି। ଏହା ସହ ଜଡ଼ିତ ହେବା ମୋ ପାଇଁ ଗୌରବର ବିଷୟ। ଜୟଆଲୁକ୍କାସର ସୂଚନାନୁସାରେ ଖୁବ୍ ଶୀଘ୍ର ଏକ ବିଶ୍ୱବ୍ୟାପୀ ଅଭିଯାନ ଆରମ୍ଭ ହେବ, ଯେଉଁଥିରେ ସାମନ୍ଥା ଓ କାଜଲ ଜୟଆଲୁକ୍କାସର ଅଳଙ୍କାରର ସୌନ୍ଦର୍ଯ୍ୟକୁ ବିଶ୍ୱ ସମ୍ମୁଖରେ ପ୍ରଦର୍ଶନ କରିବେ।

# ଏଆଇବିଓସିର ୪୧ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୬।୧୦
(ଅନୁରାଧା ମହାରଣା)




ଅଖିଳ ଭାରତୀୟ ବ୍ୟାଙ୍କ ଅଧିକାରୀ ସଂଘ (ଏଆଇବିଓସି) ଓଡ଼ିଶା ଶାଖା ପକ୍ଷରୁ ଏହାର ୪୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଭୁବନେଶ୍ୱର ଖାରବେଳନଗରସ୍ଥିତ ପିଏନବି ଜୋନାଲ ଅଫିସ ପରିସରରେ ଏଆଇବିଓସି ଧ୍ୱଜାରୋହଣ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ ରାଜ୍ୟ ସଭାପତି ବୈଲୋଚନ ସାହୁ, ସଚିବ ଅମିତାଭ ଦାସ, ୟୁନିୟନ ବ୍ୟାଙ୍କର ସାଧାରଣ ସଚିବ ଗୌରୀଶଙ୍କର ଚୌଧୁରୀ, ସ୍ନେହାଶିଷ ଘଡ଼େଇ, ସୁକାନ୍ତ ଛାଟୋଇ, ସୌମେନ୍ଦ୍ର ସାହୁ ଓ ବିଭିନ୍ନ ବ୍ୟାଙ୍କ ପଦାଧିକାରୀ ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ସମସ୍ତେ ମିଶି ଏଆଇବିଓସିର ୧୯୮୪ରୁ ବର୍ତ୍ତମାନ ପର୍ଯ୍ୟନ୍ତର ଯାତ୍ରାକୁ ସ୍ମରଣ କରିଥିଲେ। ରାଜ୍ୟ ସଚିବ ତାଙ୍କ ଉଦ୍‌ବୋଧନରେ ଏଆଇବିଓସିର ସ୍ଥାପକ ନେତାମାନଙ୍କୁ ସ୍ମରଣ କରି ବର୍ତ୍ତମାନର ଅର୍ଥନୈତିକ ପରିବର୍ତ୍ତନ, ବ୍ୟାଙ୍କର ଘରୋଇକରଣ, ଆଉଟସୋର୍ସିଂ ଓ ଡିଜିଟାଲ ରୂପାନ୍ତରଣ ଭଳି ଚ୍ୟାଲେଞ୍ଜ ମଧ୍ୟରେ ଅଫିସରମାନଙ୍କ ଅଧିକାର ଓ ସମ୍ମାନ ରକ୍ଷା ପାଇଁ ଏକତା ଓ ସଚେତନତା ଆବଶ୍ୟକ ବୋଲି ଉଲ୍ଲେଖ କରିଥିଲେ। ସାମାଜିକ ଓ ପରିବେଶୀୟ ଦାୟିତ୍ୱର ପ୍ରତୀକ ଭାବେ ଏହି ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଆଗାମୀ ଦିନରେ ରଚନା ଓ ବିତର୍କ ପ୍ରତିଯୋଗିତା ସହିତ ଏକ ୱାକାଥନ ଅନୁଷ୍ଠିତ ହେବ ବୋଲି ଏଆଇବିଓସି ପକ୍ଷରୁ ସୂଚନା ଦିଆଯାଇଛି। ବିଭିନ୍ନ ପ୍ରତିଯୋଗିତାର ବିଷୟ ହେବ ରାଷ୍ଟ୍ର ଗଠନରେ ବ୍ୟାଙ୍କ ଅଫିସରମାନଙ୍କ ଭୂମିକା, ଆଧୁନିକ ବ୍ୟାଙ୍କିଙ୍ଗରେ ନୈତିକତା, ସ୍ଥାୟୀ ଅର୍ଥନୀତି ଓ ସାମାଜିକ ଦାୟିତ୍ୱ। ୱାକାଥନ ମାଧ୍ୟମରେ ସୁସ୍ଥ ଜୀବନ, ଏକତା ଓ ବ୍ୟାଙ୍କ ଅଫିସରମାନଙ୍କ ଦେଶ ଗଠନରେ ଭୂମିକା ବିଷୟରେ ସଚେତନତା ସୃଷ୍ଟି କରାଯିବ।

# ସୌମିତ୍ର ପି. ଶ୍ରୀବାସ୍ତବ ହେଲେ ଇଣ୍ଡିଆନ୍ ଅଏଲ ବିପଣନ ବିଭାଗ ନିର୍ଦ୍ଦେଶକ

ଭୁବନେଶ୍ୱର,୬।୧୦
(ଅନୁରାଧା ମହାରଣା)



ସୌମିତ୍ର ପି. ଶ୍ରୀବାସ୍ତବ ଭାରତୀୟ ତୈଳ ନିଗମ (ଇଣ୍ଡିଆନ୍ ଅଏଲ)ର ନିର୍ଦ୍ଦେଶକ (ବିପଣନ) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ତିନି ଦଶନ୍ଧିରୁ ଅଧିକ ସମୟ ଧରି ଏହି ନିଗମରେ କାର୍ଯ୍ୟ କରି ସେ ଏକ ଉଲ୍ଲେଖନୀୟ କ୍ୟାରିଅର ଗଢ଼ିଛନ୍ତି। ଆଇଆଇଟି ରୁଡ଼କୀରୁ ସିଭିଲ ଇଞ୍ଜିନିୟରିଂରେ ସ୍ନାତକ ଏବଂ ମୁମ୍ବାଇର ଏସ୍‌ପି ଜୈନ ଇନ୍‌ଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ ଆଣ୍ଡ ରିସର୍ଚ୍ଚରୁ ଏକ୍ସିକ୍ୟୁଟିଭ ଏମ୍‌ବିଏ ଡିଗ୍ରୀ ହାସଲ କରିଥିବା ଶ୍ରୀବାସ୍ତବ ବିପଣନ, ରଣନୀତି ଏବଂ ଡାଉନଷ୍ଟ୍ରିମ ଅପରେସନ୍ସରେ ବିଶେଷ ଦକ୍ଷତା ପ୍ରଦର୍ଶନ କରିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ଏଲ୍‌ପିଜି ବ୍ୟବସାୟରେ ୪ ବର୍ଷ କାର୍ଯ୍ୟ କରିଥିଲେ। ପରେ ସେ ବିକ୍ରୟ ବିଭାଗରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଦାୟିତ୍ୱ ନିର୍ବାହ କରିଛନ୍ତି। ସେ ନନ୍-ଫୁଏଲ କନଭେନିଏନ୍ସ ଷ୍ଟୋର୍ସ ଏବଂ ଧ୍ରୁବ - ରିଟେଲ ଟ୍ରାନ୍ସଫର୍ମେଶନ ପ୍ରୋଜେକ୍ଟ ଭଳି ପ୍ରକଳ୍ପଗୁଡ଼ିକର ନେତୃତ୍ୱ ନେଇଛନ୍ତି। ଏହାସହ ଅନେକ ପ୍ରଯୁକ୍ତିବିଦ୍ୟା ଓ ଡିଜିଟାଲାଇଜେଶନ ପଦକ୍ଷେପରେ ମଧ୍ୟ ସେ ନେତୃତ୍ୱ ଦେଇଛନ୍ତି। ଉତ୍ତର ଓ ପୂର୍ବ ଭାରତର ରିଟେଲ ବ୍ୟବସାୟର ମୁଖ୍ୟ ଏବଂ ରିଟେଲ ଟ୍ରାନ୍ସଫର୍ମେଶନ ଗ୍ରୁପର ମୁଖ୍ୟ ଭାବେ କାର୍ଯ୍ୟ କରିବା ସହ ସେ ନୂଆଦିଲ୍ଲୀ ଓ ମୁମ୍ବାଇରେ ଡିଭିଜନାଲ ଅଫିସରେ ମୁଖ୍ୟ ଭୂମିକା ତୁଲାଇଛନ୍ତି। ପଶ୍ଚିମ ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡରେ ବିକ୍ରୟ କାର୍ଯ୍ୟ ଓ ମହାରାଷ୍ଟ୍ର ଓ ଗୋଆର ରାଜ୍ୟ ମୁଖ୍ୟ ଭାବେ ସେ ସମସ୍ତ ପ୍ରମୁଖ ଉତ୍ପାଦ ଓ ବ୍ୟବସାୟର ପରିଚାଳନା କରିଥିଲେ। ନିକଟରେ ସେ କର୍ପୋରେଟ ରଣନୀତିର ଏକ୍ସିକ୍ୟୁଟିଭ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରି ଗ୍ରାହକ ସନ୍ତୁଷ୍ଟି ବୃଦ୍ଧି ଓ ଅପରେସନ୍ସରେ ଦକ୍ଷତା ଆଣିବା ପାଇଁ ରଣନୀତିକ ପଦକ୍ଷେପ ଗ୍ରହଣ କରିଥିଲେ।

# ଡିଜିଟାଲ ଭିତ୍ତିଭୂମି ସୁଦୃଢ଼ କରିବ ରେଳପଥ ସୁରକ୍ଷା ଅପରେଶନ ସେଣ୍ଟର

ଭୁବନେଶ୍ୱର,୬।୧୦
(ଅନୁରାଧା ମହାରଣା)

## ଏୟାରଟେଲ ବିଜନେସ ସହ ଚୁକ୍ତି

ଏୟାରଟେଲ ବିଜନେସ ଭାରତୀୟ ରେଳପଥ ସୁରକ୍ଷା ଅପରେସନ ସେଣ୍ଟର (ଆଇଆରଏସଓସି) ପାଇଁ ବହୁବର୍ଷିଆ ଚୁକ୍ତି ହାସଲ କରିଛି। ଏହା ଅଧୀନରେ ଏୟାରଟେଲ ଭାରତୀୟ ରେଳପଥର ଡିଜିଟାଲ ଭିତ୍ତିଭୂମିକୁ ସୁରକ୍ଷିତ ରଖିବା ପାଇଁ ୨୪ଘଣ୍ଟିଆ ସାଇବର ସୁରକ୍ଷା ବ୍ୟବସ୍ଥା ପ୍ରସ୍ତୁତ କରିବ। ଭାରତୀୟ ରେଳପଥ ପ୍ରତିଦିନ ୧୩,୦୦୦ ଟ୍ରେନ ଚଳାଇ ୨ କୋଟିରୁ ଅଧିକ ଯାତ୍ରୀଙ୍କୁ ସେବା ଦେଇଥାଏ ଓ ଲକ୍ଷାଧିକ ଡିଜିଟାଲ କାରବାର ପରିଚାଳନା କରିଥାଏ। ଏୟାରଟେଲ ରେଳବାଇର ଟିକେଟ, ପେମେଣ୍ଟ, ଟ୍ରେନ ଟ୍ରାକିଂ ଓ ମାଲପରିବହନ ଭଳି ଗୁରୁତ୍ୱପୂର୍ଣ୍ଣ ଡାଟାକୁ ସୁରକ୍ଷିତ ରଖିବ। ଏହା ୧୬୦,୦୦୦ କର୍ମଚାରୀ ଓ ୨୬ଟି ଅଞ୍ଚଳରେ ଥିବା ଡିଜିଟାଲ କାର୍ଯ୍ୟକୁ ସୁନିଶ୍ଚିତ କରିବ। ଏୟାରଟେଲ ଏଆଇ-ଆଧାରିତ ସୁରକ୍ଷା ବ୍ୟବସ୍ଥା ଓ ମେକ ଇନ ଇଣ୍ଡିଆ ପ୍ରଯୁକ୍ତି ବ୍ୟବହାର କରି ସାଇବର ଆକ୍ରମଣରୁ ରକ୍ଷା କରିବ। ଏହା ରିଅଲ-ଟାଇମ ମନିଟରିଂ, ଏଣ୍ଡପଏଣ୍ଟ ସୁରକ୍ଷା, ଭଲନେରାବିଲିଟି ମ୍ୟାନେଜମେଣ୍ଟ ଓ ନେଟୱାର୍କ ସୁରକ୍ଷା ଯୋଗାଇବ। ଏୟାରଟେଲ ବିଜନେସ୍‌ର ସିଇଓ ଶରତ ସିହ୍ନା କହିଛନ୍ତି, ଆମେ ରେଳପଥ ଜଟିଳ ଡିଜିଟାଲ ଭିତ୍ତିଭୂମିକୁ ସୁରକ୍ଷିତ କରିବା ପାଇଁ ଗର୍ବିତ। ଆମର ସୁରକ୍ଷା ବ୍ୟବସ୍ଥା ଯାତ୍ରୀଙ୍କ ପାଇଁ ନିରାପଦ ଓ ନିରବଚ୍ଛିନ୍ନ ସେବା ନିଶ୍ଚିତ କରିବ। ରେଳପଥ ବୋର୍ଡର ଇଡିଆଇପି ଦିଲୀପ କୁମାର କହିଛନ୍ତି, ଆଇଆରଏସଓସି ରେଳପଥ ସମ୍ପତ୍ତିର ନିରନ୍ତର ନିରୀକ୍ଷଣ ଓ ସାଇବର ସୁରକ୍ଷା ନିଶ୍ଚିତ କରିବ, ଯାହା ଯାତ୍ରୀ ସେବାକୁ ଉନ୍ନତ କରିବ।




ଧ-୨୧୯୩


# ରେଳ ଦୁର୍ଘଟଣା ବେଳେ ଏକାଠି କାର୍ଯ୍ୟ କରିବେ ୩ ସଂସ୍ଥା

ଭୁବନେଶ୍ୱର,୬।୧୦



ରେଳ ଚଳାଚଳ ସମ୍ବନ୍ଧିତ ବିପଦ ତଥା ଦୁର୍ଘଟଣାର ମୁକାବିଲା ଏବଂ ଗୋଲଡେନ ଆୱାରକୁ ଉପଯୋଗ କରିବା ପାଇଁ ଆରପିଏଫ୍, ଏନଡିଆରଏଫ୍ ଏବଂ ବେଙ୍ଗାଲୁରୁ ଆଇଆର୍‌ଆଇଡିଏମ୍ ଏକାଠି କାର୍ଯ୍ୟ କରିବେ। ଏଥିପାଇଁ ୩ ସଂସ୍ଥା ମଧ୍ୟରେ ତ୍ରିପାକ୍ଷିକ ବୁଝାମଣାପତ୍ର ନୂଆଦିଲ୍ଲୀର ରେଳ ଭବନର ପଞ୍ଚବଟୀ ସମ୍ମିଳନୀ କକ୍ଷରେ ସ୍ୱାକ୍ଷରିତ ହୋଇଯାଇଛି। ଆରପିଏଫ୍ ପକ୍ଷରୁ ମହାନିରୀକ୍ଷକ (ପ୍ରଶିକ୍ଷଣ) ବି. ଭି. ରାଓ, ଏନ୍‌ଡିଆରଏଫ୍ ପକ୍ଷରୁ ମହାନିରୀକ୍ଷକ ନରେନ୍ଦ୍ର ସିଂହ ବୁନ୍ଦେଲା ଏବଂ ଆଇଆରଆଇଡିଏମ ପକ୍ଷରୁ ନିର୍ଦ୍ଦେଶକ ଶ୍ରୀନିବାସ ଏହି ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ରେଳ ବୋର୍ଡର ସଦସ୍ୟ (ଟ୍ରାକ୍ସନ ଏବଂ ରୋଲିଂ ଷ୍ଟକ) ଆର୍. ରାଜଗୋପାଳ, ମହାନିର୍ଦ୍ଦେଶକ (ମାନବ ସମ୍ବଳ) ଅରୁଣା ନାୟର, ମହାନିର୍ଦ୍ଦେଶକ (ଏନଡିଆରଏଫ୍) ପୀୟୂଷ ଆନନ୍ଦ, ମହାନିର୍ଦ୍ଦେଶକ (ଆରପିଏଫ୍) ସୋନାଲୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ସହଯୋଗ ରେଳ ଦୁର୍ଘଟଣା ସମୟରେ ଏକୀକୃତ ରିଲିଫ ଅପରେଶନ ଏବଂ କ୍ଷମତା ନିର୍ମାଣ ପାଇଁ ସ୍ପଷ୍ଟ ସଂସ୍ଥାଗତ ଢାଞ୍ଚା ସ୍ଥାପନ କରିବ। ଦୁର୍ଘଟଣା ପରେ ପ୍ରଥମ ଘଣ୍ଟା ଅର୍ଥାତ୍ ଗୋଲଡେନ ଆୱାର୍‌ରେ ଜୀବନ ବଞ୍ଚାଇବାର ସୁଯୋଗ ସର୍ବାଧିକ ଥିବାରୁ ଏହା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ସୋନାଲୀ ମିଶ୍ର କହିଛନ୍ତ, ସମସ୍ତ ହିତାଧିକାରୀଙ୍କ ମଧ୍ୟରେ ପ୍ରଭାବଶାଳୀ ସହଯୋଗ ଏବଂ ସମନ୍ୱୟ ଆବଶ୍ୟକ ଏବଂ ଏହି ପ୍ରସଙ୍ଗରେ ମାନକ ଅପରେଟିଂ ପ୍ରକ୍ରିୟା ପ୍ରସ୍ତୁତ କରାଯିବା ଉଚିତ।


# Classified Everyday 0674-2580101, 9692975378



REAL ESTATE

SALE

ଭୁବନେଶ୍ୱର **NISER, IIT** ଜଟଣୀ ପାଖରେ ପ୍ରସ୍ତାବିତ **BDA 200ft** ରୋଡକୁ ଲାଗି **investment** ପ୍ଲଟ୍ ପୋଜେସନ ଥାଇ **Sqft.- 650/-, 850/-** ବିକ୍ରି ହେଉଛି– **9337166296.** D-1942

**Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call- 9861642492.** D-2018

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

5000 sqft plot(bounded) for sale in Sambalpur town near Jail Khana Chowk. with 3-storey building. Site excellent for commercial venture. Call- 7978499399/ 7978038331. D-76078

**Duplex sale near Aiims Hospital, Patrapada, Bhubaneswar. Gated Society: 9777433701.** D-03




The massage felt totally professional & comfortable at all times-7978109255. D-76495

AFFIDAVIT

By virtue of an affidavit sworn before the Notary Public, Dharmasala on dated- 23.05.2025, I, Sanjay Kumar Sahoo son of Ajaya Kumar Sahoo permanent resident of Vill- Purushottampur, P.O.- Sisua, P.S.- Salepur, Dist.- Cuttack, Odisha PIN- 754202 declare that I have changed my old name Sanjaya Kumar Sahoo to new name Sanjay Kumar Sahoo. Henceforth, I shall be known as Sanjay Kumar Sahoo for all purposes.
Sanjay Kumar Sahoo
D-2197

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ। ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Balasore, dated- 22.09.25, I, Sabitri Sahu, Address: At- Dalingia, P.O.- Jirital, P.S.- Khantapada, Dist.- Balasore State- Odisha, PIN- 756043 declare that I have changed my name from Kantare Sahu to Sabitri Sahu,. Henceforth, I shall be known as Sabitri Sahu for all puposes.
Sabitri Sahu.
D-2198

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

LEGAL NOTICE

ମହକୁମେ, ବରିଷ୍ଠ ଦେୱାନୀ ବିଚାରପତିଙ୍କ ଅଦାଲତ, କୁଚିଣ୍ଡା, ଜିଲ୍ଲା– ସମ୍ବଲପୁର
Order 5 Rule 20 C.P.C.
Execution No. 01/ 2015

ନୀଳମଣୀ ପଟେଲ .....ବାଦୀ
ବନାମ
ବାବଲି ଗୁପ୍ତା ଓ ମୁନି ଗୁମ୍ପା ...... ପ୍ରତିବାଦୀ
ପ୍ରାୟେଷୁ,

ପ୍ରତିବାଦୀ ନଂ. ୧ (ଡି)– ବାବଲି ଗୁପ୍ତା, ପିତା– ସ୍ୱର୍ଗତ ରାମ ପ୍ରସାଦ ଗୁପ୍ତା, ବୟସ ୩୨ ବର୍ଷ, ପ୍ରତିବାଦୀ ନଂ. ୧ (ଇ) ମୁନି ଗୁପ୍ତା, ପିତା– ସ୍ୱର୍ଗତ ରାମ ପ୍ରସାଦ ଗୁପ୍ତା, ବୟସ ୨୮ ବର୍ଷ, ଉଭୟ ନିବାସୀ– କୁଚିଣ୍ଡା ଏନ୍.ଏ.ସି. ୱାର୍ଡ ନଂ. ୦୭, (ବାଇପାସ୍ ରୋଡ), ପୋ.ଅ./ ଥାନା/ ତହସିଲ– କୁଚିଣ୍ଡା, ଜିଲ୍ଲା– ସମ୍ବଲପୁର ।

ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନୀଳମଣୀ ପଟେଲ, ପିତା– ସ୍ୱର୍ଗତ ମନବୋଧ ପଟେଲ, ନିବାସୀ/ପୋ.ଅ.– ଟାଇଁସର, ଥାନା– ମହୁଲପାଲି, ତହସିଲ– କୁଚିଣ୍ଡା, ଜିଲ୍ଲା– ସମ୍ବଲପୁର । ତୁମ୍ଭମାନଙ୍କ ନାମରେ ଉପରୋକ୍ତ ବିଚାରାଳୟରେ କୁଚିଣ୍ଡା ଟାଉନ ମୌଜା ସ୍ଥିତ ଖାତା ନଂ. ୪୦୪/୪୦୪, ପ୍ଲଟ୍ ନଂ. ୧୭୧୦ ରକବା ଏ. ୦.୦୫ଡି, ପ୍ଲଟ୍ ନଂ. ୧୭୧୧ ରକବା ଏ. ୦.୦୩ଡି ଜମି ସଂକ୍ରାନ୍ତୀୟ ମୋକଦ୍ଦମା ଦାଏର କରିଛନ୍ତି । ତୁମ୍ଭ ପାଖକୁ ଅଦାଲତ ତରଫରୁ ଡାକ ଯୋଗେ ନୋଟିସ ଯାଉଥିଲେ ସୁଦ୍ଧା ତୁମ୍ଭେ ଜାଣି ଶୁଣି ଗ୍ରହଣ ନ କରି ଅଗ୍ରାହ୍ୟ କରିବାର ପ୍ରତୀତ ହେଉଅଛି ।

ଏଣୁ ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାର ପରବର୍ତ୍ତୀ ତାରିଖ ଆସନ୍ତା ତା. ୧୦।୧୦।୨୦୨୫, ରିଖ ସମୟ ୧୦.୦୦ଘଣ୍ଟା ଧାର୍ଯ୍ୟ କରାଯାଇଛି । ଉକ୍ତ ତାରିଖ ଓ ସମୟ ମତେ ତୁମ୍ଭେ ନିଜେ କିମ୍ବା ତୁମ୍ଭ ଓକିଲଙ୍କ ଜରିଆରେ ହାଜର ହୋଇ ମୋକଦ୍ଦମା ବିଷୟରେ ଲିଖିତ ଭାବରେ ଜଣାଇବ ନଚେତ୍ ମୋକଦ୍ଦମାଟି ତୁମ୍ଭ ଅନୁପସ୍ଥିତିରେ ଏକତରଫା ଭାବରେ ବିଚାର କରାଯିବ ।

ବରିଷ୍ଠ ଦେୱାନୀ ବିଚାରପତି, କୁଚିଣ୍ଡା, ଜିଲ୍ଲା– ସମ୍ବଲପୁର
ଧ-୨୧୯୪

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ପ୍ରଫୁଲ୍ଲ କୁମାର ପଣ୍ଡା
ଆବିର୍ଭାବ - ୨୭/୧୧/୧୯୫୫
ତିରୋଧାନ - ୧୮/୧୦/୨୦୨୪
ଜଟଣୀ, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ଆମର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ : ପରିବାରବର୍ଗ
ଧ-୨୧୯୩

# କିପରି ଚିହ୍ନିବେ ନକଲି ମସଲା



**ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ମସଲାରେ ମଧ ଅପମିଶ୍ରଣ କରାଯାଉଛି, ଯାହା ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ତେଣୁ ନକଲି ମସଲା କିପରି ଚିହ୍ନିବେ ଜାଣିରଖନ୍ତୁ କେତୋଟି ସହଜ ଉପାୟ...**

★ ଯଦି ପ୍ୟାକେଟ୍ ନ ଆଣି ଖୋଲାରେ ଲଙ୍କାଗୁଣ୍ଡ ଆଣିଛନ୍ତି ତେବେ ତାହା ଅସଲି କି ନୁହେଁ ଜାଣିବା ଲାଗି ଏକ ଗ୍ଲାସ୍ ପାଣି ନିଅନ୍ତୁ। ସେଥିରେ ୧ ଚାମଚ ଲଙ୍କାଗୁଣ୍ଡ ପକାନ୍ତୁ। ଯଦି ତାହା ତୁରନ୍ତ ପାଣିରେ ଗ୍ଲାସ୍‌ର ତଳ ଭାଗକୁ ବସିଯାଉଛି ତେବେ ତାହା ନକଲି। କାରଣ ଅସଲି ଲଙ୍କାଗୁଣ୍ଡ କିଛି ସମୟ ପାଣିରେ ଭାସିବା ପରେ ଧୀରେ ଧୀରେ ତଳକୁ ବସିଥାଏ।

★ ଠିକ୍ ସେହିପରି ହଳଦୀଗୁଣ୍ଡ ଅସଲି କି ନକଲି ଯାଞ୍ଚ କରିପାରିବେ। ୧ କାଚ ଗ୍ଲାସ୍‌ରେ ପାଣି ନିଅନ୍ତୁ ଏବଂ ସେଥିରେ ୧ ଚାମଚ ହଳଦୀଗୁଣ୍ଡ ପକାନ୍ତୁ। ଯଦି ହଳଦୀଗୁଣ୍ଡ କିଛି ସମୟ ଭାସି ଧୀରେ ଧୀରେ ତଳକୁ ଯିବ ଏବଂ ପାଣି ଫିକା ହଳଦୀ ରଙ୍ଗ ଦେଖାଯିବ ତେବେ ତାହା ଅସଲି ବୋଲି ଜାଣିବେ। ଯଦି ପାଣିରେ ପକାଇବା ମାତ୍ରେ ହଳଦୀଗୁଣ୍ଡ ତଳକୁ ବସିଯିବ ଏବଂ ପାଣିର ରଙ୍ଗ ଗାଢ଼ ହଳଦିଆ ଦିଶିବ ତେବେ ତାହା ନକଲି।

★ ଖରାପ ଜିରା ଉପରେ ରଙ୍ଗ କିମ୍ବା ପ୍ରିଜର୍ଭେଟିଭ ଭଳି ଜିନିଷ ମିଶାଯାଇ ଅଧିକ ଦିନ ରଖାଯାଉଛି। ତେଣୁ ଜିରାରେ ମିଶ୍ରଣ ଅଛି କି ନାହିଁ ଜାଣିବା ପାଇଁ କିଛି ଜିରା ନେଇ ଦୁଇ ହାତରେ ରଗଡ଼ନ୍ତୁ, ଯଦି ତାହା ସେହିପରି ରହିବ ଏବଂ ପାପୁଲିରେ କିଛି ନ ଲାଗିବ ତେବେ ତାହା ଅସଲି। ହେଲେ ଯଦି ପାପୁଲିରେ କଳା କିମ୍ବା ମାଟିଆ ରଙ୍ଗର ଧୂଳି ଲାଗିବ ତେବେ ତାହା ନକଲି।

★ ଏକ ଗିନାରେ ପାଣି ନେଇ ଗୋଲମରିଚ ଗୁଣ୍ଡ ପକାନ୍ତୁ। ଅସଲି ଗୋଲମିରିଚ ପାଣିରେ ବୁଡ଼ିଯାଉଥିବା ବେଳେ ନକଲି ପାଣିରେ ଭାସିବ।

★ ଗ୍ୟାସ୍ ଚୁଲା ଅନ୍ କରି ଏହି ଚାମଚ ଦେଖାନ୍ତୁ। ଯଦି ନିଆଁ ସଂସ୍ପର୍ଶରେ ଆସୁ ଆସୁ ଚାମଚରେ ଥିବା ହେଙ୍ଗୁ ଜଳିଯାଏ ତେବେ ଜାଣିବେ ଏହା ଅସଲି ଏବଂ ଠିକ୍ ଭାବେ ନ ଜଳିଲେ ଜାଣିବେ ତାହା ନକଲି।

# ତ୍ୱଚାର ଶତ୍ରୁ ଆଲ୍‌କହଲ୍



**ଅଧିକାଂଶ ମହିଳା ଆଲକହଲ୍ ପିଉଥିବା ଦେଖିବାକୁ ମିଳୁଛି। ହେଲେ ଆପଣ ଜାଣନ୍ତି କି ଏହା ନା କେବଳ କ୍ୟାନ୍‌ସର, ହୃଦ୍‌ରୋଗ ଏବଂ ଅନ୍ୟାନ୍ୟ ଘାତକ ରୋଗର ଆଶଙ୍କା ବୃଦ୍ଧି କରିଥାଏ ବରଂ ତ୍ୱଚା ପାଇଁ ମଧ ଏହା କ୍ଷତିକାରକ...**

❖ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ମୁତାବକ ଆଲ୍‌କହଲ୍ ଶରୀର ପାଇଁ କ୍ଷତିକାରକ। ଏହା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ଫଳରେ ତ୍ୱଚା କୁଣ୍ଡେଇହେବା, ଆଲର୍ଜି ଭଳି ସମସ୍ୟା ଦେଖାଦେଇଥାଏ। ଏହା ଡ୍ରାଏ ସ୍କିନ୍ ସମସ୍ୟା ସହ ଆଖି ଲାଲ୍ ପଡ଼ିବା ଏବଂ ଓଠ ଫାଟିବା ସମସ୍ୟାର ମୂଳ କାରଣ ସାଜିଥାଏ।

❖ଡବ୍ଲ୍ୟୁଏଚ୍‌ଓ ରିପୋର୍ଟ ମୁତାବକ ଦିନରେ ୧ ପେଗ୍‌ରୁ ଅଧିକ ଆଲ୍‌କହଲ୍ ପିଉଥିବା ମହିଳାଙ୍କ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମିଯାଏ। ଫଳରେ ତ୍ୱଚାରେ ସହଜରେ ବିଭିନ୍ନ ରୋଗ ସଂକ୍ରମଣ ହୋଇଥାଏ। କେବଳ ଏତିକି ନୁହେଁ, ଏମାନଙ୍କ ତ୍ୱଚା ଅଧିକ ସମ୍ବେଦନଶୀଳ (ସେନ୍‌ସିଟିଭ୍) ଥିବାରୁ କ୍ୟାନ୍‌ସର ଆଶଙ୍କା ବଢ଼ିଯାଏ।

❖ଆଲ୍‌କହଲ୍ ପିଇବା ଯୋଗୁ ଅନେକଙ୍କଠାରେ ନିଦ୍ରାହୀନତା ଦେଖାଯାଏ। ତ୍ୱଚାରେ ଲାଲ୍ ହୋଇ ଫଳିଯିବା, ଆଖିତଳ କଳା ପଡ଼ିବା, ମୁହଁ ଫୁଲିଯିବା ଭଳି ଲକ୍ଷଣ ଦେଖାଦିଏ।

❖ଏମାନଙ୍କଠାରେ ଅଧିକାଂଶ ସମୟରେ ହାଇବ୍ଲଡ୍‌ପ୍ରେସର ଏବଂ ନିଦ୍ରାହୀନତା ସମସ୍ୟା ଦେଖାଦେଇଥାଏ। କମ୍ ଶୋଇବା କାରଣରୁ ଆଖିତଳେ ଡାର୍କ ସର୍କଲ, ଏଜ୍ ଲାଇନ, ରିଙ୍କଲ୍ ମାର୍କ, ସ୍କିନ୍ ଟୋନ୍ ଡାର୍କ ହେବା ଭଳି ସମସ୍ୟା ଦେଖାଦିଏ।

❖ଆଲ୍‌କହଲ୍ ଶରୀରରେ ଅଧିକ ହିଷ୍ଟାମାଇନ୍ ନିର୍ଗତ କରିଥାଏ। ତେଣୁ ତ୍ୱଚାର ତଳଭାଗରେ ଥିବା ବ୍ଲଡ୍ ଭେଜେଲ୍ ଫୁଲିଯାଇଥାଏ। ଫଳରେ ମୁହଁ ଓ ପୂରା ଶରୀର ମୋଟା ଦେଖାଯାଏ।

# ନିଶାରୁ ପେସା







**ପାଠ ପଢ଼ି ଭଲ ଚାକିରିଟିଏ କରି ଆତ୍ମନିର୍ଭରଶୀଳ ହେବାକୁ କେଉଁ ମହିଳା ବା ନ ଚାହାନ୍ତି। ଆଉ ଏଥିରେ କୃତକାର୍ଯ୍ୟ ହେଲେ ଖୁସି ବି ଲାଗେ। ତଥାପି କେବେ କେବେ ମନରେ ନିଜ ରୁଚିକୁ ନେଇ ରହିଯାଏ ଅବସୋସ। ଆଉ ଏମିତିରେ ଯଦି ନିଜ ନିଶାକୁ ନେଇ ସଫଳ କ୍ୟାରିୟର ଗଢ଼ିବାର ସୁଯୋଗ ମିଳିଯାଏ, ତେବେ ଖୁସି ଦ୍ୱିଗୁଣିତ ହୋଇଯାଏ...**

ଚାକିରି ହେଉ ଅବା ବ୍ୟବସାୟ କିମ୍ବା ଅନ୍ୟ କ୍ଷେତ୍ରରେ ରୋଜଗାରକ୍ଷମ ହୋଇପାରିଲେ ଏହା ମହିଳାମାନଙ୍କୁ ଅଧିକ ଉତ୍ସାହିତ କରିଥାଏ। ଆଉ ଏମିତିରେ ସେହି ପେସା ଯଦି ତାଙ୍କ ନିଶା ମଧ ହୋଇଥାଏ ତେବେ ଏହା ସେମାନଙ୍କୁ ଅଧିକ ଉର୍ଜାବାନ୍ ଓ ସୁଦୃଢ଼ କରିଥାଏ। ତେବେ ବର୍ତ୍ତମାନ ନିଜ ରୁଚିକୁ ଏକ ସଫଳ କ୍ୟାରିୟର ଅପ୍ସନ ଭାବେ ବାଛିବା ଲାଗି ଭରପୂର ସୁଯୋଗ ରହିଛି। ତେଣୁ ଡ୍ରଇଂ, ରାଇଟିଂ, କୁକିଂ, ଫ୍ୟାଶନ ଡିଜାଇନିଂ, ଆକ୍ଟିଂ, ଡ୍ୟାନ୍ସିଂ, ଫଟୋଗ୍ରାଫି ଭଳି ରୁଚିଥିବା ଯେକୌଣସି ସଫଳତା ହାସଲ କରିପାରିବେ। ହେଲେ ଏଥିପାଇଁ ଯଥେଷ୍ଟ ନିଷ୍ଠା, ସାଧନା ସହ କେତେକ ଦିଗ ପ୍ରତି ବିଶେଷ ଦୃଷ୍ଟିଦେବା ଆବଶ୍ୟକ...

**ନିଜ ଦକ୍ଷତା ଜାଣିବା ସହ ପରାମର୍ଶ ଜରୁରୀ:** ଅନେକଙ୍କର ନାଚ, ଗୀତ, ପେଣ୍ଟିଂ, ଫଟୋଗ୍ରାଫି, କୁକିଂ ଭଳି ବିଭିନ୍ନ କ୍ଷେତ୍ରରେ ରୁଚିଥାଏ। କେହି କେହି ଏ କ୍ଷେତ୍ରରେ କ୍ୟାରିୟର ଗଢ଼ିବାକୁ ଇଚ୍ଛା ମଧ କରନ୍ତି। ହେଲେ ସେଥିରେ ସଫଳ ହେବେ କି ନାହିଁ ଦ୍ୱନ୍ଦ୍ୱରେ ପଡ଼ନ୍ତି। ଏଥିପାଇଁ ପ୍ରଥମେ ନିଜେ ଏ ଦିଗରେ କେତେ ଦକ୍ଷ ତାହା ଜାଣିବାକୁ ଚେଷ୍ଟା କରନ୍ତୁ। ମା'ବାପା କିମ୍ବା ଅନ୍ୟ ଗୁରୁଜନ ଓ ବନ୍ଧୁଙ୍କ ସହ ଆଲୋଚନା କରନ୍ତୁ। ଆବଶ୍ୟକସ୍ଥଳେ କୌଣସି ଏକ୍ସପର୍ଟ କିମ୍ବା କ୍ୟାରିୟର କାଉନ୍‌ସିଲରଙ୍କ ପରାମର୍ଶ ନେଲେ ଉପକୃତ ହୋଇପାରିବେ।

**ରିସର୍ଚ୍ଚ କରିବା ଆବଶ୍ୟକ:** ଆପଣ ଯଦି ପ୍ରଫେଶନ ଭାବେ ନିଜ ପ୍ୟାଶନକୁ ବାଛିବାକୁ ଚାହାନ୍ତି ତେବେ ପ୍ରଥମେ ଏହାର ମାର୍କେଟ୍‌ରେ ଡିମାଣ୍ଡ କେତେ, ଏଥିରେ କ୍ୟାରିୟର ଏବଂ ରୋଜଗାର ଅପ୍ସନ କ'ଣ, ଭଲ ଭାବେ ରିସର୍ଚ୍ଚ କରନ୍ତୁ। କେଉଁମାନେ ପୂର୍ବରୁ ଏ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି ଏବଂ ଏହା ପାର୍ଟଟାଇମ୍ ନା ଫୁଲ୍‌ଟାଇମ୍ ଭଲ ଭାବେ ବୁଝିନିଅନ୍ତୁ। କାରଣ କ୍ୟାରିୟରକୁ ନେଇ କୌଣସି ନିଷ୍ପତ୍ତିନେବା ପୂର୍ବରୁ ରିସର୍ଚ୍ଚ କରିନେଲେ ଆପଣଙ୍କୁ ଆଗକୁ ବଢ଼ିବା ଏବଂ ସଫଳତା ହାସଲକରିବା ସହଜ ହୋଇପାରିବ।

**ସ୍କିଲ୍ ଡେଭେଲପ୍ କରନ୍ତୁ:** କେହି କୁକିଂ ଭିଡିଓ କରି ଅବା କେହି ଫାଶନ ଡିଜାଇନିଂ କିମ୍ବା ପେଣ୍ଟିଂ ଆଦି କରି ବେଶ୍ ଭଲ ରୋଜଗାର କରୁଥିବା ଦେଖିଲେ କେତେଜଣ ମହିଳା ସେଥିରେ ପ୍ରଭାବିତ ହୋଇ ଉକ୍ତ ପ୍ରଫେଶନକୁ ବାଛିନିଅନ୍ତି, ଯେଉଁଥିରେ ସେମାନଙ୍କର ରୁଚିଥାଏ ହେଲେ ଦକ୍ଷତା ନ ଥାଏ। ଏପରି ନ କରି ଯଦି ରୁଚିଥିବା କ୍ଷେତ୍ରକୁ କ୍ୟାରିୟର ଭାବେ ବାଛିବାକୁ ଚାହୁଁଛନ୍ତି, ତେବେ ଏ ଦିଗରେ ଦକ୍ଷତା ବୃଦ୍ଧି କରିବା ଦିଗରେ ଅଧିକ ଫୋକସ୍ କରନ୍ତୁ। ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ସ୍କିଲ୍ ଡେଭେଲପ୍‌ମେଣ୍ଟ ଶର୍ଟଟର୍ମ କୋର୍ସ ଉପଲବ୍ଧ। ତେଣୁ ଆପଣ ଶର୍ଟଟର୍ମ କୋର୍ସକରି ଅଧିକ ଉପକୃତ ହୋଇପାରିବେ।

**ମାନସିକ ସ୍ତରରେ ଦୃଢ଼ ହୁଅନ୍ତୁ:** ପ୍ରଥମେ ପ୍ରଥମେ ଯଦି କୌଣସି କାରଣରୁ ଅସଫଳ ହୁଅନ୍ତି ତେବେ ହାର୍ ନ ମାନି ନିଜକୁ ମାନସିକ ସ୍ତରରେ ସୁଦୃଢ଼ କରନ୍ତୁ। କାରଣ ବାରମ୍ବାର ଚେଷ୍ଟା କରିବା ଦ୍ୱାରା ହିଁ ସଫଳତାର ସ୍ୱାଦ ଚାଖିପାରିବେ। ତେଣୁ ଉଦ୍ୟମ ଜାରି ରଖିବା ନିହାତି ଜରୁରୀ।

**ଆରମ୍ଭ ଭଲ ହେବା ଦରକାର:** ନିଜକୁ ପୂର୍ବରୁ ଭଲ ଭାବେ ପ୍ରସ୍ତୁତ କରିନେଲେ କୌଣସି କାର୍ଯ୍ୟ ଆରମ୍ଭ କରିବା ବେଳେ ତାହା ଖୁବ୍ ଭଲ ହୋଇପାରିବ। ଦମ୍‌ଦାର ଆରମ୍ଭ ହିଁ ସବୁବେଳେ ଆପଣଙ୍କ କାମ ପ୍ରତି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥାଏ, ଯାହାକି ଆଗକୁ ବଢ଼ିବାର ମାର୍ଗ ସୁଗମ କରିଥାଏ।





## ଏମାନେ କ'ଣ କରନ୍ତି

### ନିଶାକୁ ପେଷା ଭାବେ ଗ୍ରହଣ କରି ଖୁସୀ



**ପ୍ରିୟଦର୍ଶିନୀ ଦାସ**(ପଟିଆ, ଭୁବନେଶ୍ୱର) – ପିଲାବେଳୁ ଆର୍ଟ ଆଉ କ୍ରାଫ୍ଟରେ ବହୁତ ଆଗ୍ରହ ଥିଲା। ବାଉଁଶ କଣି, ମାଟି, ପୁରୁଣା କପଡ଼ାରେ ଜୁଏଲାରୀ ତିଆରି କରୁଥିଲି। ସେ ସମୟରେ ମୋ ମାକୁ ଛାଡ଼ି ଆଉ କେହି ଏହାକୁ ସ୍ୱୀକାର କରୁନଥିଲେ। ମୁଁ ବି ଏହା ମୋର ପ୍ୟାଶନ ବୋଲି ଜାଣି ପାରୁନଥିଲି। ତଥାପି କିଏ ପସନ୍ଦ କରୁ ନ କରୁ ନିଜେ ତିଆରି କରି ସେ ସବୁକୁ ପିନ୍ଧେ। ଧିରେ ଧିରେ ଏହା ମୋର ନିଶାରେ ପରିଣତ ହେଲା। ଦୃଢ଼ ଇଚ୍ଛାଶକ୍ତି ବଳରେ ସଷ୍ଟେନେବଲ ଓ ଇକୋଫ୍ରେଣ୍ଡଲି ଜୁଏଲାରୀ ପ୍ରସ୍ତୁତ କରିବା ଲାଗି ଇକୋଦର୍ଷିନୀ ପ୍ରତିଷ୍ଠା କଲି। ଲୋକଙ୍କ ନେଗେଟିଭ ଫିଡବାକକୁ ଅଣଦେଖା କଲି ଏବଂ କେବଳ ପାଜିଟିଭ କଥାକୁ ଗ୍ରହଣ କରି ଆଗକୁ ବଢ଼ି ଆଜି ନିଜ ନିଶାକୁ ପେଶା ଭାବେ ଗ୍ରହଣ କରି ବହୁ ଖୁସି ଅଛି। ଏହି କାର୍ଯ୍ୟରେ ଅନେକଙ୍କୁ ନିୟୋଜିତ କରି ରୋଜଗାରକ୍ଷମ କରିପାରିଥିବାରୁ ଗର୍ବିତ।

### ଦୃଢ଼ ଇଚ୍ଛାଶକ୍ତି ଥିଲେ ସବୁ ସମ୍ଭବ



**ପ୍ରଜ୍ଞା ମିଶ୍ର** (ଫଟୋଗ୍ରାଫର, ପଟିଆ)– ନାରୀ ହେଉ ଅବା ପୁରୁଷ ମୋ ମତରେ ଜଣେ ଚାହିଁଲେ ଯେକୌଣସି କାର୍ଯ୍ୟ ହାସଲ କରିପାରିବେ। ସେଥିପାଇଁ ଆବଶ୍ୟକ ଦୃଢ଼ ଇଚ୍ଛାଶକ୍ତି। ଆଉ ଏହା ହିଁ ମୋ ସଫଳତାର ରହସ୍ୟ। ଜଣେ ସଫ୍ଟୱେର ଇଞ୍ଜିନିୟର ଭାବେ କାର୍ଯ୍ୟକରୁଥିଲି। ହେଲେ ଫଟୋଗ୍ରାଫି ମୋର ନିଶା ଥିଲା। ତେଣୁ ସେଥିରେ କ୍ୟାରିୟର ଗଢ଼ିବାକୁ ଇଚ୍ଛାହେଲା। ଯଦିଓ ଏହା ସହଜ କାମ ନୁହେଁ ତଥାପି ନିଷ୍ଠାର ସହ କାର୍ଯ୍ୟ ଆରମ୍ଭ କଲି ଏବଂ ଧୈର୍ଯ୍ୟର ସହ ଯଥେଷ୍ଟ ସମୟ ଦେଲି। ସେଥିପାଇଁ ନିଜ ନିଶାକୁ ପେସାକରି ସମାଜରେ ଜଣେ ଫିମେଲ୍ ଫଟୋଗ୍ରାଫର ଭାବେ ପରିଚୟ ସୃଷ୍ଟି କରିପାରିଲି। ଏଥିରୁ ମୋର ବେଶ୍ ଭଲ ରୋଜଗାର ହେବା ସହ ଅନେକଙ୍କୁ ମଧ ରୋଜଗାରକ୍ଷମ କରାଇପାରିଥିବାରୁ ବେଶ୍ ଆତ୍ମସନ୍ତୋଷ ମିଳୁଛି।

**ଆୟ ଉପରେ ଫୋକସ୍ ଦରକାର:** ଯଦି ନିଶାକୁ ପେସା ଭାବେ ବାଛୁଛନ୍ତି ତେବେ ସେଥିରେ କିଭଳି ଭଲ ଆୟ ହୋଇପାରିବ ସେଥିପ୍ରତି ଅଧିକ ଗୁରୁତ୍ୱ ଦିଅନ୍ତୁ। କାରଣ ଏକ ମଜଭୁତ କ୍ୟାରିୟର ଗଢ଼ିବାର ଅର୍ଥ ଭଲ ରୋଜଗାର କରିବା। ତେଣୁ ପ୍ରଥମେ ମାର୍କେଟ୍ ଷ୍ଟଡି କରନ୍ତୁ, ଆପଣଙ୍କ ଫିଲ୍ଡରେ କିଏ ସବୁ କମ୍ପିଟିଟର ଅଛନ୍ତି ଏବଂ ସେମାନଙ୍କ କାର୍ଯ୍ୟଶୈଳୀ ଓ ଇନ୍‌କମ୍ ସୋର୍ସ ସମ୍ପର୍କରେ ଭଲଭାବେ ଜାଣନ୍ତୁ। ଏହାଦ୍ୱାରା ଆପଣଙ୍କର କାମ ଠିକ୍ ଚାଲିବା ସହ ଭଲ ଆୟ ମଧ ହୋଇପାରିବ।

**କରନ୍ତୁ ବଜେଟ ସେଟ୍ :** ଯଦି ନିଜ ପ୍ୟାଶନକୁ ନେଇ ଷ୍ଟାର୍ଟଅପ୍ କରିବାକୁ ଚିନ୍ତା କରୁଛନ୍ତି, ତେବେ କେତେ ଟଙ୍କା ଖର୍ଚ୍ଚ କରିବେ, କେତେଜଣ ସହକର୍ମୀ ରଖିଲେ ସେମାନଙ୍କୁ କେତେ ଦରମା ଦେବେ ଇତ୍ୟାଦିର ବଜେଟ ଭଲ ଭାବେ ପୂର୍ବରୁ ନିର୍ଦ୍ଧାରଣକରି ରଖନ୍ତୁ। ଏସବୁ ଖର୍ଚ୍ଚ ବାଦ୍ ଆଗାମୀ ୬ ମାସ ପର୍ଯ୍ୟନ୍ତ ଆବଶ୍ୟକ ଅର୍ଥକୁ ଏକ ଏମର୍ଜେନ୍ସି ଫଣ୍ଡକରି ଜମାରଖନ୍ତୁ। କାରଣ କୌଣସି କାରଣରୁ ଟଙ୍କା କମ୍ ପଡ଼ିଲେ ଏହା ବେଶ୍ କାମରେ ଆସିଥାଏ।

## ସୌନ୍ଦର୍ଯ୍ୟ

# କୋକୋନଟ୍ ହେୟାର ସ୍ପା



**ବର୍ତ୍ତମାନ କେଶର ଯତ୍ନ ପାଇଁ ଅନେକ ମହିଳା ହେୟାର ସ୍ପା କରାଇବା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ହେଲେ ଏଥିପାଇଁ ବ୍ୟୁଟିପାର୍ଲର ଯାଇ ଅଧିକ ଟଙ୍କା ଖର୍ଚ୍ଚ କରିବା ପରିବର୍ତ୍ତେ ଆପଣ ଚାହିଁଲେ ଘରେ ମଧ ନଡ଼ିଆରେ ହେୟାର ସ୍ପା କରି କେଶର ସୌନ୍ଦର୍ଯ୍ୟ ବୃଦ୍ଧି ସହ ମଜଭୁତ ବି କରିପାରିବେ...**

➔କେଶ ପାଇଁ ନଡ଼ିଆତେଲ କେତେ ଭଲ ସମସ୍ତେ ଜାଣନ୍ତି। ସେଥିପାଇଁ ସର୍ବପ୍ରଥମେ ନଡ଼ିଆତେଲ ନେଇ ନଖଉଷୁମ କରିଦିଅନ୍ତୁ। ଏହାକୁ କେଶମୂଳରୁ ଶେଷ ପର୍ଯ୍ୟନ୍ତ ଭଲ ଭାବେ ଲଗାଇ ଆଙ୍ଗୁଳି ଟିପ ସାହାଯ୍ୟରେ ଧୀରେ ଧୀରେ ୫-୧୦ ମିନିଟ୍ ମସାଜ କରନ୍ତୁ। ଏହା ମୁଣ୍ଡରେ ବ୍ଲଡ୍ ସାର୍କୁଲେଶନ ଠିକ୍ ଭାବେ କରିବାରେ ସାହାଯ୍ୟ କରେ।

➔ଏକ ଟାୱେଲକୁ ଗରମପାଣିରେ ବୁଡ଼ାଇ ଚିପୁଡ଼ିଦିଅନ୍ତୁ। ଟାୱେଲକୁ ମୁଣ୍ଡରେ ଗୁଡ଼ାଇ ୫-୬ମିନିଟ୍ ପର୍ଯ୍ୟନ୍ତ ଷ୍ଟିମ୍ ନିଅନ୍ତୁ।



ଏହାଦ୍ୱାରା ତେଲ ଭଲ ଭାବେ କେଶ ମୂଳରେ ଭେଦିଯିବ।

➔ଏହାପରେ ସ୍ପା କ୍ରିମ୍ ଲଗାନ୍ତୁ। କୋକୋନଟ୍ ସ୍ପା କ୍ରିମ୍ ପ୍ରସ୍ତୁତ କରିବା ଲାଗି ନଡ଼ିଆକୁ ଗ୍ରାଇଣ୍ଡିଂ କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ କିମ୍ବା ପେଷ୍ଟକୁ ଛାଣିଦେଇ ନଡ଼ିଆ କ୍ଷୀରକୁ କେଶ ମୂଳରୁ ଶେଷ ପର୍ଯ୍ୟନ୍ତ ଭଲ ଭାବେ ଲଗାଇ ୧ ଘଣ୍ଟା ପର୍ଯ୍ୟନ୍ତ ରଖନ୍ତୁ।

➔ଏହା ପରେ କୌଣସି ମାଇଲ୍ଡ ଶାମ୍ପୁ ଏବଂ ନର୍ମାଲ ପାଣିରେ କେଶ ଧୋଇଦିଅନ୍ତୁ। ଆପଣ ଚାହିଁଲେ ଏହା ପରେ କୌଣସି କଣ୍ଡିଶନର ଲଗାଇ ମଧ ୨-୩ ମିନିଟ୍ ରଖି ଧୋଇ ପାରିବେ।

➔ସପ୍ତାହରେ ଥରେ ଏହି ସ୍ପା କଲେ ନଡ଼ିଆରେ ଥିବା ଭିଟାମିନ୍ ବି୧, ବି୩, ବି୬, ସି, ଇ ସହ ଥିବା ଅନେକ ମିନେରାଲ୍ସ ତତ୍ତ୍ୱ କେଶକୁ ମଜଭୁତ, କଳା ଏବଂ ଚମକପ୍ରଦ କରିଥାଏ।

## ଖାଦ୍ୟରୁଚି

# ରାଇସ୍ ପକୋଡ଼ା

**ଆବଶ୍ୟକ ସାମଗ୍ରୀ:** ୧ କପ୍ ସିଝା ଚାଉଳ ବା ଭାତ, ୫ ବଡ଼ ଚାମଚ ବେସନ, ଅଧା କପ୍ ଛୋଟ ଛୋଟ କଟାଯାଇଥିବା ପିଆଜ, ଛେଚା ଅଦା ୧ ଚାମଚ, ଛୋଟ ଛୋଟ କଟା ହୋଇଥିବା ଗୋଟିଏ କଞ୍ଚାଲଙ୍କା, ୨ ଚାମଚ କଟା ଧନିଆପତ୍ର, ଅଧା ଛୋଟ ଚାମଚ ଲେଖାଏ ଧନିଆଗୁଣ୍ଡ, ଜିରାଗୁଣ୍ଡ, ହଳଦୀ ଗୁଣ୍ଡ, ଚିମୁଟାଏ ହେଙ୍ଗୁ, ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ ଭାତ ନେଇ ଏହାକୁ ହାତରେ ଚକଟି ଦିଅନ୍ତୁ। ସେଥିରୁ ଅନ୍ୟ ସମସ୍ତ ସାମଗ୍ରୀ ଏବଂ ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଏହି ମିଶ୍ରଣକୁ ୧୦-୧୫ ମିନିଟ୍ ପର୍ଯ୍ୟନ୍ତ ଘୋଡ଼ାଇ ରଖି ଦିଅନ୍ତୁ। ପିଆଜରୁ ରସ ବାହାରି ଏହି ମିଶ୍ରଣ ଅଧିକ ସଫ୍ଟ ହୋଇଯିବ। ବର୍ତ୍ତମାନ ସେଥିରେ ଅଳ୍ପ ପାଣି ମିଶାଇ ଭଲ ଭାବେ ଗୋଳାଇ ଦିଅନ୍ତୁ ଯେପରି ମିଶ୍ରଣ ଅଧିକ କାଠୁଆ କିମ୍ବା ପାଣିଆ ନ ହୁଏ। ବର୍ତ୍ତମାନ କଡ଼େଇରେ ତେଲ ଗରମ କରନ୍ତୁ। ସେଥିରେ ଚାମଚ ସାହାଯ୍ୟରେ ବରା ମିଶ୍ରଣକୁ ପକାନ୍ତୁ। ମିଡିଅମ ଆଞ୍ଚରେ ଏହାକୁ ଲାଇଟ୍ ବ୍ରାଉନ୍ କଲର ହେବା ପରେ ଓଲଟାଇ ଦିଅନ୍ତୁ। ପକୋଡ଼ା ଗୋଲ୍ଡେନ କଲର ହୋଇଗଲେ ଏହାକୁ ଛାଣି ଦିଅନ୍ତୁ। ଏହାକୁ ଟମାଟୋ ସସ୍, ଚିଲି ସସ୍ ଏବଂ ପୁଦିନା ଚଟଣି ସହ ଗରମ ଗରମ ଖାଇବାର ମଜା ନିଅନ୍ତୁ।



Dr. Juneja's ® ଆଇ ମନ୍ତ୍ରା

ନିଜ ଆଖିକୁ ଦିଅନ୍ତୁ ପ୍ରାକୃତିକ ଆଇ ମନ୍ତ୍ରା

ପ୍ରୟୋଗ ବିଧି: 2 ରୁ 3 ଡ୍ରପ୍ସ ଦିନରେ ତିନି ଥର କିମ୍ବା ଚିକିତ୍ସକୀୟ ପରାମର୍ଶ ଅନୁସାରେ ବ୍ୟବହାର କରନ୍ତୁ।




12 ଗୁଣକାରୀ ଆୟୁର୍ବେଦିକ ଔଷଧ ଯେପରି ଗୋଲାପ, ତୁଳସୀ, ଅଁଳା, ନିମ, ପୁଦିନା, ମହୁ ଇତ୍ୟାଦିର ଯୋଗରେ ପ୍ରସ୍ତୁତ 'ଆଇ ମନ୍ତ୍ରା' ଆୟୁର୍ବେଦିକ ଆଇ ଡ୍ରପ୍ସ ଆଖିରେ ଦେଖାଦେଉଥିବା ସମସ୍ୟା ଯେପରି ଆଖିର କ୍ଳାନ୍ତି, ଆଖିର ଶୁଷ୍କତା, ଆଖି ଉପରୁ ଚାପ ହ୍ରାସକରି ତାହାକୁ ସୁସ୍ଥ ଓ ଶୀତଳ ରଖିବାରେ ସହାୟକ ଅଟେ। ଆୟୁର୍ବେଦିକ ହୋଇଥିବା କାରଣରୁ ଏହା ସୁରକ୍ଷିତ ହୋଇଥାଏ ଏବଂ ଆଖି ଉପରେ ଏହାର କୌଣସି କୁପ୍ରଭାବ ମଧ୍ୟ ପଡ଼ି ନ ଥାଏ।

24x7 Helpline: 8196822222 • www.eyemantra.com



## ଶ୍ରୀଲଙ୍କା ପ୍ରିମିୟର ଲିଗ୍‌ରେ ଖେଳିବେ ଭାରତୀୟ ଖେଳାଳି

**ନୂଆଦିଲ୍ଲୀ, ୬।୧୦ (ପି.ଟି.):** ଶ୍ରୀଲଙ୍କା ପ୍ରିମିୟର ଲିଗ୍ (ଏଲ୍‌ପିଏଲ୍)ରେ ପ୍ରଥମ ଥର ଭାରତୀୟ ଖେଳାଳିମାନଙ୍କୁ ଦେଖିବାକୁ ମିଳିବ। ଟୁର୍ନାମେଣ୍ଟର ଆୟୋଜକଙ୍କ ତରଫରୁ ଏହା ସୋମବାର ଘୋଷଣା କରାଯାଇଛି। ଏଲ୍‌ପିଏଲ୍‌ର ୬ଷ୍ଠ ସଂସ୍କରଣ ଡିସେମ୍ବର ୧ରୁ ଆରମ୍ଭ ହେବ। ଏହି ଟି୨୦ ଇଭେଣ୍ଟରେ ମୋଟ ୨୪ଟି ମ୍ୟାଚ ଖେଳାଯିବ। ତନ୍ମଧ୍ୟରେ ୨୦ ଲିଗ୍ ମ୍ୟାଚ ଏବଂ ୪ନକ୍‌ଆଉଟ ମ୍ୟାଚ ରହିଛି। ଏହା ଦେଶର ତିନୋଟି ପ୍ରମୁଖ ଭେନ୍ୟୁରେ ଖେଳାଯିବ। ସେଗୁଡ଼ିକ ହେଲା କଲମ୍ବୋସ୍ଥିତ ଆର୍. ପ୍ରେମାଦାସା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ, କାଣ୍ଡିସ୍ଥିତ ପାଲିକେଲ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମ ଏବଂ ଦାମ୍ବୁଲାସ୍ଥିତ ରଣଗିରି ଦାମ୍ବୁଲା ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମ। ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁ ଥିବା ଭାରତୀୟ ଖେଳାଳିମାନଙ୍କ ନାମ ନିକଟରେ ଘୋଷଣା କରାଯିବ। ଫର୍ମାଟ ଅନୁସାରେ ଲିଗ୍ ପର୍ଯ୍ୟାୟରେ ୫ ଫ୍ରାଞ୍ଚାଇଜ ଭାଗ ନେବେ। ସେମାନେ ପରସ୍ପରକୁ ଦୁଇଥର ଭେଟିବେ। ରାଉଣ୍ଡ-ରବିନ ପର୍ଯ୍ୟାୟ ଶେଷ ହେବାପରେ ଶ୍ରେଷ୍ଠ ୪ଟି ଦଳ ପ୍ଲେ-ଅଫ୍‌କୁ ଉନ୍ନୀତ ହେବେ। ଓପନିଂ ପ୍ଲେ-ଅଫ୍ କ୍ୱାଲିଫାୟର-୧ରେ ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ ମୁକାବିଲା ହେବ। ବିଜେତା ଦଳ ସିଧାସଳଖ ଫାଇନାଲକୁ ଉନ୍ନୀତ ହେବ। ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳ ଏଲିମିନେଟରରେ ପରସ୍ପରକୁ ଭେଟିବେ। ଏହି ମ୍ୟାଚର ବିଜେତା କ୍ୱାଲିଫାୟର-୧ର ପରାଜିତ ଦଳକୁ କ୍ୱାଲିଫାୟର-୨ରେ ଭେଟିବ। ଏଥିରୁ ଦ୍ୱିତୀୟ ଫାଇନାଲିଷ୍ଟ ନିରୂପିତ ହେବ ବୋଲି ଟୁର୍ନାମେଣ୍ଟ ନିର୍ଦ୍ଦେଶକ ସମନ୍ଥା ଡୋଡାନୱେଲା ପ୍ରକାଶ କରିଛନ୍ତି।

# ପ୍ରମୋଦଙ୍କୁ ୩ ସ୍ୱର୍ଣ୍ଣ ପଦକ



ପ୍ରମୋଦ ଭଗତ (ବାମ) ଓ ପଦକ ବିଜୟୀ ଅନ୍ୟ ଖେଳାଳିମାନେ।

### ନାଇଜେରିଆ ପାରା ବ୍ୟାଡ୍‌ମିଣ୍ଟନରେ ଓଡ଼ିଶା ପ୍ରତିଯୋଗୀଙ୍କୁ ସଫଳତା

**ଭୁବନେଶ୍ୱର, ୬।୧୦ (ତପନ ସ୍ୱାଇଁ)**

ନାଇଜେରିଆରେ ଅନୁଷ୍ଠିତ ପ୍ରଥମ ଏବିଆଇଏ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶା ପ୍ରତିଯୋଗୀମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ତାରକା ଖେଳାଳି ପ୍ରମୋଦ ଭଗତ ଏକାକୀ ୩ଟି ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ସେ ଏସ୍‌ଏଲ୍୩ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଅନ୍ୟତମ ଭାରତୀୟ ଖେଳାଳି ମନ୍ଥୁ କୁମାରଙ୍କୁ ୨୧-୭, ୯-୨୧ ଓ ୨୧-୯ରେ ପରାସ୍ତ କରିଛନ୍ତି। ପୁରୁଷ ଡବଲ୍ସରେ ପ୍ରମୋଦ ଓ ସୁକାନ୍ତ କଦମଙ୍କ ଯୋଡ଼ି ଫାଇନାଲରେ ପେରୁର ଗେର୍ସନ ଜେର ଭୋର୍ଗାସ ଲୋଷ୍ଟାନଲ ଓ ଡିଆନା ରୋଜାସ ଗୋଲାକଙ୍କୁ ୨୧-୧୩, ୨୧-୧୭ରେ ପରାସ୍ତ କରିଥିଲେ। ସେହିପରି ଏସଏଲ୍୩-ଏସୟୁ୫ ମିକ୍ସଡ ଡବଲ୍ସ ଫାଇନାଲରେ ପ୍ରମୋଦ ଏବଂ ଆରତି ପାଟିଲଙ୍କ ଯୋଡ଼ି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଟୋକିଓ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ୩୭ ବର୍ଷୀୟ ପ୍ରମୋଦ ହୋୟାର ଏବାଉଟ୍ସ ଫେଲ୍ୟୁଅର୍ସ ପାଇଁ ପ୍ୟାରିସ ଅଲିମ୍ପିକ୍ସ ମିସ୍ କରିଥିଲେ। ୧୮ ମାସ ବାସନ୍ଦ ପରେ ସେ ଚାଇନା ପାରା ବ୍ୟାଡ୍‌ମିଣ୍ଟନରେ ପ୍ରତ୍ୟାବର୍ତ୍ତନ କରି ସଫଳ ହୋଇଥିଲେ। ନୁରୁଲ ହୋସେନ ଖାଁ ଡବ୍ଲ୍ୟୁଏଚ୨ ପୁରୁଷ ସିଙ୍ଗଲ୍ସରେ ରୌପ୍ୟ, ଡବଲ୍ସରେ ସ୍ୱର୍ଣ୍ଣ ପାଇଥିବାବେଳେ କୁଲଦୀପ ମହାକୁଳ ଏସ୍‌ଏଲ୍୪ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ନାଇଜେରିଆର ସି. ନନାନ୍ନାଙ୍କଠାରୁ ୮-୨୧ ଓ ୧୬-୨୧ରେ ହାରି ବ୍ରୋଞ୍ଜ ପାଇଥିବାବେଳେ ବିଶ୍ୱରଞ୍ଜନ ପଣ୍ଡା ଏସ୍‌ୟୁ୫ ପୁରୁଷ ଡବଲ୍ସରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

## ଭଉଣୀଙ୍କୁ ସ୍କୁଟି ଉପହାର ଦେଲେ ରିଙ୍କୁ

**ଲକ୍ଷ୍ନୌ,୬।୧୦**

ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟ ଚାମ୍ପିୟନ ଭାରତୀୟ ଦଳର ସଦସ୍ୟ ରିଙ୍କୁ ସିଂ ତାଙ୍କ ଭଉଣୀ ନେହାକୁ ଏକ ନୂଆ ଇଲେକ୍ଟ୍ରିକ୍ ସ୍କୁଟି ଉପହାରରେ ଦେଇଛନ୍ତି। ଏ ନେଇ ସୋସିଆଲ ମିଡିଆରେ ଫଟୋ ଶେୟାର କରି ରିଙ୍କୁଙ୍କ ଭଉଣୀ ନେହା ସୂଚନା ଦେଇଛନ୍ତି। ଫଟୋରେ ସ୍କୁଟି ସହିତ ନେହା ଓ ରିଙ୍କୁ ରହିଛନ୍ତି। ଏଥିପୂର୍ବରୁ ରିଙ୍କୁ ଗତ ନଭେମ୍ବରରେ ଅଲିଗଡ଼ରେ ଏକ ବିଳାଶପୂର୍ଣ୍ଣ ୩ ତାଲା ବାଙ୍ଗଲୋ କିଣିଥିଲେ, ଯାହାର ନାମ ତାଙ୍କ ମା'ଙ୍କ ନାମରେ ରଖିଛନ୍ତି। ଏହାର ଆନୁମାନିକ ମୂଲ୍ୟ ୩.୫ କୋଟି ଟଙ୍କା। ଉଲ୍ଲେଖଯୋଗ୍ୟ, ଗତ ମାସରେ ଅନୁଷ୍ଠିତ ଏସିଆ କପ୍‌ରେ ପାକିସ୍ତାନ ବିପକ୍ଷ ଫାଇନାଲରେ ରିଙ୍କୁ ଚୌକା ଲଗାଇ ଭାରତକୁ ଜିତାଇଥିଲେ।




### ଭିନୁ ମଙ୍କଡ ଟ୍ରଫି

## ଦ୍ରାବିଡ୍‌ଙ୍କ ପୁଅଙ୍କୁ କର୍ଣ୍ଣାଟକ ଦଳର ନେତୃତ୍ୱ

**ବେଙ୍ଗାଲୁରୁ,୬।୧୦(ପି.ଟି.)**

ଚଳିତ ମାସ ୯ରୁ ୧୭ ତାରିଖ ପର୍ଯ୍ୟନ୍ତ ଡେରାଡୁନଠାରେ ହେବାକୁ ଥିବା ଭିନୁ ମଙ୍କଡ଼ ଟ୍ରଫି ଲାଗି ସୋମବାର କର୍ଣ୍ଣାଟକ ଦଳ ଘୋଷଣା କରାଯାଇଛି। କିମ୍ବଦନ୍ତୀ ଭାରତୀୟ କ୍ରିକେଟର ରାହୁଲ ଦ୍ରାବିଡ୍‌ଙ୍କ ପୁଅ ଅନଭୟଙ୍କୁ ଦଳର ନେତୃତ୍ୱ ଦାୟିତ୍ୱ ଦିଆଯାଇଛି। ଗତ ସଂସ୍କରଣରେ ସେ ଟୁର୍ନାମେଣ୍ଟରେ ସର୍ବାଧିକ ସ୍କୋର କରିଥିଲେ।

## ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସରେ ଭାରତର ପ୍ରଦର୍ଶନକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

**ନୂଆଦିଲ୍ଲୀ,୬।୧୦(ପି.ଟି.):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ସରେ ଭାରତର ପ୍ରଦର୍ଶନକୁ ଐତିହାସିକ ବୋଲି ଅଭିହିତ କରିଛନ୍ତି। ରବିବାର ଶେଷ ହୋଇଥିବା ପ୍ରତିଯୋଗିତାରେ ଭାରତ ରେକର୍ଡ ୨୨ ପଦକ ଜିତିଛି। ପଦକ ତାଲିକାରେ ୬ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୭ ବ୍ରୋଞ୍ଜ ରହିଛି। ଆମ ପାରା ଆଥ୍‌ଲେଟ୍ସଙ୍କର ଐତିହାସିକ ପ୍ରଦର୍ଶନ। ଚଳିତବର୍ଷର ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ସ ଖୁବ୍ ସ୍ୱତନ୍ତ୍ର ଥିଲା। ଭାରତୀୟ ଦଳ ତା'ର ଶ୍ରେଷ୍ଠ ପ୍ରଦର୍ଶନ କରି ୬ ସ୍ୱର୍ଣ୍ଣ ସମେତ ୨୨ ପଦକ ଜିତିଛି। ଆମ ଆଥ୍‌ଲେଟଙ୍କୁ ଅଭିନନ୍ଦନ। ସେମାନଙ୍କର ଏହି ସଫଳତା ଅନେକ ଲୋକଙ୍କୁ ପ୍ରେରଣା ଦେବ। ମୁଁ ଦଳର ପ୍ରତ୍ୟେକ ସଦସ୍ୟଙ୍କ ଲାଗି ଗର୍ବିତ ଏବଂ ସେମାନଙ୍କୁ ଭବିଷ୍ୟତ ଲାଗି ଶୁଭକାମନା ଜଣାଉଛି। ଦିଲ୍ଲୀରେ ଟୁର୍ନାମେଣ୍ଟ ଆୟୋଜନ କରିବା ଭାରତ ପାଇଁ ଏକ ସମ୍ମାନର ବିଷୟ। ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ପ୍ରାୟ ୧୦୦ ଦେଶର ଆଥ୍‌ଲେଟ୍ସ ଓ ସପୋର୍ଟ ଷ୍ଟାଫଙ୍କ ନିକଟରେ ମୁଁ କୃତଜ୍ଞ ବୋଲି ପ୍ରଧାନମନ୍ତ୍ରୀ ଏକ୍ସ'ରେ ପୋଷ୍ଟ କରିଛନ୍ତି।

## ଜୋକିମ୍ ଘୋଷଣା କଲେ ୨୩ ଜଣିଆ ଭାରତୀୟ ଦଳ

**ନୂଆଦିଲ୍ଲୀ, ୬।୧୦ (ପି.ଟି.):** କିର୍‌ଗିଜ୍ ରିପବ୍ଲିକର ବିଶ୍‌କେକ୍‌ଠାରେ ଅକ୍ଟୋବର ୧୩ରୁ ୧୭ ପର୍ଯ୍ୟନ୍ତ ହେବାକୁଥିବା ୨୦୨୬ ଏଏଫ୍‌ସି ୧୭ବର୍ଷରୁ କମ୍ ମହିଳା ଏସିଆ କପ୍ ଫୁଟ୍‌ବଲ କ୍ୱାଲିଫାୟର୍ସ ପାଇଁ କୋଚ୍ ଜୋକିମ ଆଲେକ୍ଜାଣ୍ଡରସନ ସୋମବାର ଏକ ୨୩ ଜଣିଆ ଦଳ ଘୋଷଣା କରିଛନ୍ତି। ଭାରତ ତିନୋଟି ଦଳକୁ ନେଇ ଗ୍ରୁପ୍ 'ଜି'ରେ ସ୍ଥାନ ପାଇଛି। ଭାରତ ପ୍ରଥମେ ଅକ୍ଟୋବର ୧୩ରେ ଆୟୋଜକ କିରଗିଜ୍ ରିପବ୍ଲିକ ଏବଂ ଅକ୍ଟୋବର ୧୭ରେ ଉଜ୍‌ବେକିସ୍ତାନକୁ ଭେଟିବ। ଗ୍ରୁପ୍ ବିଜେତା ଆସନ୍ତାବର୍ଷ ଚାଇନାରେ ୧୨ଟି ଦଳକୁ ନେଇ ହେବାକୁଥିବା ଫାଇନାଲ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଭୁଟାନରେ ସାଫ୍ ୧୭ବର୍ଷରୁ କମ୍ ମହିଳା ଚାମ୍ପିୟନଶିପ୍ ଜିତିବାପରେ ଭାରତୀୟ ଦଳ କ୍ୟାମ୍ପରେ ବ୍ୟସ୍ତ ରହିଛି।

# ପାକିସ୍ତାନର ସିଦ୍ରା ଅମିନଙ୍କୁ ଭର୍ତ୍ସନା

**କଲମ୍ବୋ, ୬।୧୦ (ପି.ଟି.)**

ଭାରତ ବିପକ୍ଷ ମହିଳା ବିଶ୍ୱକପ୍ ମ୍ୟାଚରେ ଆଚରଣ ସଂହିତାର ଲେଭଲ-୧ ବିଧି ଉଲ୍ଲଂଘନ କରିଥିବାରୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ସୋମବାର ପାକିସ୍ତାନ ବ୍ୟାଟର ସିଦ୍ରା ଅମିନଙ୍କୁ ଭର୍ତ୍ସନା କରିବା ସହ ଗୋଟିଏ ଡିମେରିଟ୍ ପଏଣ୍ଟ ପ୍ରଦାନ କରିଛି। ରବିବାର ଆର. ପ୍ରେମାଦାସା ଷ୍ଟାଡିୟମରେ ଅନୁଷ୍ଠିତ ଭାରତ ବିପକ୍ଷ ଏକତରଫା ମୁକାବିଲାରେ ଅମିନ ଏକମାତ୍ର ବ୍ୟାଟର ଭାବେ ଲଢୁଆ ପ୍ରଦର୍ଶନ କରି ବ୍ୟକ୍ତିଗତ ୮୧ ରନ କରିଥିଲେ। ଭାରତର ୨୪୭ ରନ ଜବାବରେ ପାକିସ୍ତାନ ୧୫୯ରନ ରକି ଅଲଆଉଟ ହୋଇଯାଇଥିଲା। ପାକିସ୍ତାନ ଏହି ମ୍ୟାଚ ୮୮ରନରେ ହାରିଯାଇଥିଲା। ପାକିସ୍ତାନର ବିଜୟ ଲକ୍ଷ୍ୟ ପିଛା ବେଳେ ୪୦ତମ ଓଭରରେ ଏହି ଘଟଣା ଘଟିଥିଲା। ସ୍ନେହ ରାଣାଙ୍କ ବଲ୍‌ରେ ଆଉଟ ହୋଇଯିବା ପରେ ଅମିନ ତାଙ୍କ ବ୍ୟାଟ୍‌କୁ ପିଚ୍‌ରେ ଜୋର୍‌ଦାର ପ୍ରହାର କରିଥିଲେ। ୨୪ ମାସ ମଧ୍ୟରେ ପ୍ରଥମ ଅପରାଧ ହୋଇଥିବାରୁ ଅମିନଙ୍କ ଶୃଙ୍ଖଳାଗତ ରେକର୍ଡରେ ଏକ ଡିମେରିଟ ପଏଣ୍ଟ ଯୋଗ କରାଯାଇଥିଲା।



ସିଦ୍ରା ଅପରାଧ ସ୍ୱୀକାର କରିବା ସହ ଏମିରେଟ୍ସ ଆଇସିସି ଇଣ୍ଟରନ୍ୟାଶନାଲ ପ୍ୟାନେଲ ଅଫ୍ ମ୍ୟାଚ୍ ରେଫରିଜର ଶାଣ୍ଡ୍ରେ ଫ୍ରିଜ୍‌ଙ୍କ ଦ୍ୱାରା ପ୍ରସ୍ତାବିତ ଦଣ୍ଡକୁ ଗ୍ରହଣ କରିନେବାରୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକତା ପଡ଼ି ନ ଥିଲା।

## ଭାଗୀରଥି ସ୍ମାରକୀ ଡବଲ୍ସ କ୍ୟାରମ୍ ୧୧ରୁ

**ଭୁବନେଶ୍ୱର, ୬।୧୦ (ତପନ ସ୍ୱାଇଁ):** ଯୁବଶକ୍ତି କ୍ଲବ ଏବଂ ଭୁବନେଶ୍ୱର ଜିଲା କ୍ୟାରମ୍ ଆସୋସିଏଶନ ଆନୁକୂଲ୍ୟରେ ଭାଗୀରଥି ପଟ୍ଟନାୟକ ସ୍ମାରକୀ ଡବଲ୍ସ କ୍ୟାରମ୍ ଟୁର୍ନାମେଣ୍ଟ ଆସନ୍ତା ୧୧ ଓ ୧୨ ତାରିଖରେ ଅନୁଷ୍ଠିତ ହେବ। ୟୁନିଟ୍-୪ସ୍ଥିତ ଯୁବଶକ୍ତି କ୍ଲବ ପରିସରରେ ହେବାକୁଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ଶ୍ରେଷ୍ଠ ୩୨ଟି ଯୋଡ଼ିଙ୍କୁ ନେଇ ମୁକାବିଲା ହେବ। ଖୋର୍ଦ୍ଧା, ଭୁବନେଶ୍ୱର, ପୁରୀ, କଟକ, ଅନୁଗୋଳ, ସୁନ୍ଦରଗଡ଼, ଜଗତ୍‌ସିଂହପୁର ଆଦି ଜିଲାର ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିବେ। ପୂର୍ବତନ ବିଶ୍ୱକପ ଚାମ୍ପିୟନ ଭି. ଆକାଶଙ୍କ ସହ ୨୦ ଜଣ ଜାତୀୟ ଖେଳାଳି ମଧ୍ୟ ଭାଗ ନେଉଛନ୍ତି ବୋଲି ଟୁର୍ନାମେଣ୍ଟ ନିର୍ଦ୍ଦେଶକ ସୁନୀଲ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଆକର୍ଷଣୀୟ ଟ୍ରଫି ସହ ପ୍ରତିଯୋଗିତା ପାଇଁ ୩୦,୦୦୦ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ୧୧ ତାରିଖ ପୂର୍ବାହ୍ନ ୯ଟାରେ ପ୍ରତିଯୋଗିତା ଉଦ୍‌ଘାଟିତ ହେବ ଏବଂ ୧୨ ତାରିଖ ସନ୍ଧ୍ୟା ୭ଟାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସମ୍ପାଦକ ବୀରେନ୍ଦ୍ର ମିଶ୍ର ଜଣାଇଛନ୍ତି।

# ଦକ୍ଷିଣ ଆଫ୍ରିକାର ସହଜ ବିଜୟ

### ମହିଳା କ୍ରିକେଟ ବିଶ୍ୱକପ୍

**ଇନ୍ଦୋର,୬।୧୦**

ଚଳିତ ମହିଳା କ୍ରିକେଟ ବିଶ୍ୱକପ୍‌ର ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୬ ଉଇକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଏହି ବିଜୟ ସହ ଦକ୍ଷିଣ ଆଫ୍ରିକା ପଏଣ୍ଟ ଖାତା ଖୋଲିଛି। ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୪୭.୫ ଓଭରରେ ୨୩୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଏକଦା ୩ ଉଇକେଟ ହରାଇ ୧୮୭ ରନ କରିଥିବା ନ୍ୟୁଜିଲାଣ୍ଡ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୪୪ ରନ ମଧ୍ୟରେ ବଳକା ୭ ଉଇକେଟ ହରାଇ ଅଲଆଉଟ୍ ହୋଇଯାଇଥିଲା। ଜବାବରେ ତଜମିନ ବ୍ରିଟ୍ସଙ୍କ ଶତକ ବଳରେ ଦକ୍ଷିଣ ଆଫ୍ରିକା ୪୦.୫ ଓଭରରେ ୪ ଉଇକେଟ ହରାଇ ୨୩୪ ରନ କରି ମ୍ୟାଚ୍ ଜିତି ନେଇଥିଲା। ତଜମିନ ୮୯ ବଲରେ ୧୫ ଚୌକା ଓ ୧ ଛକା ସହିତ ୧୦୧ ରନର ବିସ୍ଫୋରକ ପାଳି ଖେଳିଥିଲେ। ଏହା ତାଙ୍କ କ୍ୟାରିୟରର ସପ୍ତମ ତଥା ଚଳିତ ବର୍ଷର ପଞ୍ଚମ ଶତକ। ତାଙ୍କ ବ୍ୟତୀତ ସୁନେ ଲୁସ ଅପରାଜିତ ୮୩ ରନ କରିଥିଲେ।




ଶତକ ହାସଲ ପରେ ଉଲ୍ଲସିତ ତଜମିନ ବ୍ରିଟ୍ସ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ: ୪୭.୫ ଓଭରରେ ୨୩୧/ଅଲଆଉଟ୍(ସୋଫି ଡିଭାଇନ-୮୫, ବ୍ରୁକ ହାଲିଡେ-୪୫, ନନକୁଲୁଲେକୋ ଏମଲାବା-୪/୪୦)। ଦକ୍ଷିଣ ଆଫ୍ରିକା: ୪୦.୫ ଓଭରରେ ୨୩୪/୪(ତଜମିନ ବ୍ରିଟ୍ସ-୧୦୧, ସୁନେ ଲୁସ-୮୩, ଆମେଲିଆ କେର-୨/୬୨)।

# ଭାଗନେଲେ ୧୬ ରାଜ୍ୟର ଖେଳାଳି

### ସ୍ପେଶାଲ୍ ଅଲିମ୍ପିକ୍ସ ଭାରତ ଜାତୀୟ ବାସ୍କେଟବଲ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୬।୧୦ (ତପନ ସ୍ୱାଇଁ)**

ବରୁଣେଇସ୍ଥିତ କେଟି ଗ୍ଲୋବାଲ୍ ସ୍କୁଲ୍ କ୍ରିକେଟ୍ ଗ୍ରାଉଣ୍ଡରେ ସୋମବାର ସ୍ପେଶାଲ୍ ଅଲିମ୍ପିକ୍ସ ଭାରତ ଜାତୀୟ ବାସ୍କେଟବଲ୍ ଚାମ୍ପିଅନଶିପ୍ ଉଦ୍‌ଘାଟିତ ହୋଇଛି। ଏଥିରେ ୧୬ ରାଜ୍ୟର ଖେଳାଳି, ପ୍ରଶିକ୍ଷକ, ଅଂଶୀଦାର, ଅଧିକାରୀ ଏବଂ ଅଭିଭାବକମାନେଅଂଶଗ୍ରହଣ କରିଛନ୍ତି। କଲୋନେଲ (ଅବସରପ୍ରାପ୍ତ) କେଦାରନାଥ ଦାଶ ପତାକା ଉତ୍ତୋଳନ କରି ମାର୍ଚ୍ଚ ପାଷ୍ଟରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସ୍ପେଶାଲ୍ ଅଲିମ୍ପିକ୍ସ ଭାରତର ଜାତୀୟ ବୋର୍ଡ ସଦସ୍ୟ ରାଜଶେଖର ଚେଲି, ଅବସରପ୍ରାପ୍ତ ଡିଜିଏମ୍, ଏସବିଆଇ ଗୋକୁଳାନନ୍ଦ ଦାଶ, ଉପାଧ୍ୟକ୍ଷ ଉମାକାନ୍ତ ସାରଙ୍ଗୀ, କ୍ଷେତ୍ର ନିର୍ଦ୍ଦେଶକ ପ୍ରକାଶ ରଥ, ଏସଓବି-ଓଡିଶାର ରାଜ୍ୟ କାର୍ଯ୍ୟକ୍ରମ ସଂଯୋଜକ ଅର୍ପିତା ମହାପାତ୍ର ଏବଂ କେଟି ଗ୍ଲୋବାଲ୍ ସ୍କୁଲର ସିଇଓ ସିଦ୍ଧାର୍ଥ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ସ୍ୱତନ୍ତ୍ର ଅଲିମ୍ପିଆନ ସରିତା ରାଉତରାୟ, ଅରିଦିତା ଚକ୍ରବର୍ତ୍ତୀ ଏବଂ ବୈଷ୍ଣବ ରାଜପାଲିଆ ସମସ୍ତ ଅତିଥି ଏବଂ କ୍ୟାମ୍ପରମାନଙ୍କୁ ଶପଥ ପାଠ କରାଇଥିଲେ। ବୋର୍ଡ ସଦସ୍ୟ ମାନତୋଷ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଦିନର ଶେଷ ଭାଗରେ ଓଡ଼ିଶା ସରକାରଙ୍କ କ୍ରୀଡା ବିଭାଗ ଓଏସଡି ସୋନାଲି ଚାନ୍ଦ ଜର୍ସି ଉନ୍ମୋଚନ କରିଥିଲେ ଏବଂ ଗୁଜରାଟ ଏବଂ ମହାରାଷ୍ଟ୍ରର ମହିଳା ଦଳ ମଧ୍ୟରେ ପ୍ରଥମ ଲିଗ୍ ମ୍ୟାଚ୍ ଆରମ୍ଭ କରିବା ପାଇଁ ବଲ୍ ଟସ୍ କରିଥିଲେ। ସ୍ପେଶାଲ୍ ଅଲିମ୍ପିକ୍ସ ଭାରତର ସୁରେଶ କୁମାର ଏବଂ ଓମଶ୍ରୀଙ୍କ ଦ୍ୱାରା ଏକ ଜାତୀୟ ଯୁବ ତାଲିମ କାର୍ଯ୍ୟକ୍ରମ ଏବଂ ପରିବାର ଫୋରମ୍ କାର୍ଯ୍ୟକ୍ରମ ମଧ୍ୟ ପରିଚାଳନା କରାଯାଇଥିଲା।




ସ୍ପେଶାଲ୍ ଅଲିମ୍ପିକ୍ସ ଭାରତ ଜାତୀୟ ବାସ୍କେଟବଲ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଖେଳାଳିମାନେ।

# ଜାତୀୟ ଜୁ-ଜିତ୍‌ସୁ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୬।୧୦ (ତପନ ସ୍ୱାଇଁ)**

ଉତ୍ତର ପ୍ରଦେଶର ସାହାରାନପୁରସ୍ଥିତ ଡ. ଆମ୍ବେଡକର ସ୍ପୋର୍ଟ୍ସ ଇନ୍‌ଡୋର ଷ୍ଟାଡିୟମରେ ନଭେମ୍ବର ୯ରୁ ୧୨ ପର୍ଯ୍ୟନ୍ତ ଜାତୀୟ ୨୧ ବର୍ଷରୁ କମ୍ ଓ ସିନିୟର ଜୁ- ଜିତ୍‌ସୁ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜୁ-ଜିତ୍‌ସୁ ଆସୋସିଏଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ହେବାକୁଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ନିମନ୍ତେ ଏକ ୩୫ ଜଣିଆ ଓଡ଼ିଶା ଦଳ ମନୋନୀତ ହୋଇ ଉତ୍ତରପ୍ରଦେଶ ଯାତ୍ରା କରିଛି। ଓଡ଼ିଶାରୁ ଅନେକ ଜାତୀୟ ପଦକ ବିଜେତା ଖେଳାଳି ଏହି ପ୍ରତିଯୋଗିତାରେ ଭାଗ ନେଉଛନ୍ତି। ଓଡ଼ିଶା ପ୍ରତିଯୋଗୀଙ୍କ ମଧ୍ୟରେ ୮ ମହିଳା ଓ ୨୭ ଜଣ ପୁରୁଷ ପ୍ରତିଯୋଗୀ ରହିଛନ୍ତି। ପୁରୁଷ ବିଭାଗରେ ସୁମନ୍ତ ସାହୁ, ଅମରେଶ ସ୍ୱାଇଁ, ଉମାକାନ୍ତ ଦାସ, ସିଦ୍ଧାର୍ଥ ମହନ୍ତ, ରଞ୍ଜନ ମଙ୍ଗରାଜ, ଦେବାଶିଷ ସାମନ୍ତରାୟ, ସ୍ୱରାଜ ଯାନୀ, ରାଧାକାନ୍ତ ସେଠୀ, ନିଶାନ୍ତ ଧାରୁଆ, ସନ୍ତୋଷ ସିଂ, ଅକ୍ଷୟ କୁମାର କାହାଳି, ସିଦ୍ଧାନ୍ତ ବେହେରା, କାହ୍ନା ସାହୁ , ମିର୍ଜା ତାହିର ବେଗ, ଅମିତାଭ ନାୟକ, ସମରେଶ ସାହୁ, କାମେଶ ମହାପାତ୍ର, ସିଦ୍ଧାର୍ଥ ଭୂୟାଁ, ଖିତେଶ ବଞ୍ଜୋର, ତନ୍ମେସ ଲେଙ୍କା, ଅନିଲ ପ୍ରଧାନ, ଦୀପକ ଗୌଡ, ସନ୍ଦୀପ ବେହେରା, ସୋନୁ କୁମାର, ଲିଙ୍କନ ବିଶ୍ୱାଳ, ଓମ୍ ପ୍ରଧାନ, ରେବତୀ ରମନ ପ୍ରତିଦ୍ୱନ୍ଦ୍ୱିତା କରିବେ। ସେହିପରି ମହିଳା ବିଭାଗରେ ରୋଜାଲିନ ଜେନା, ଅନୁପମା ସ୍ୱାଇଁ, ନିରୁପମା ସ୍ୱାଇଁ, ଅଜିଜା ବେଗମ, ରୋଜାଲିନ ପାଲ, ବିଦ୍ୟା ପୃସ୍ଟ୍ୟ, ପ୍ରିୟଦର୍ଶିନୀ ଘଟୁଆରୀ ଓ ପାଲକ ପ୍ରିୟଦର୍ଶିନୀ ଭାଗନେବେ। ଓଡ଼ିଶା ଜୁ-ଜିତ୍‌ସୁ ସଂଘ ସମ୍ପାଦକ ହରି ପ୍ରସାଦ ପଟ୍ଟନାୟକ, ସଭାପତି ଚିତ୍ତରଞ୍ଜନ ସ୍ୱାଇଁ ଓ ଅନ୍ୟ କର୍ମକର୍ତ୍ତାମାନେ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।



କର୍ମକର୍ତ୍ତାଙ୍କ ଗହଣରେ ଜାତୀୟ ଜୁ-ଜିତ୍‌ସୁ ପାଇଁ ମନୋନୀତ ଓଡ଼ିଶା ଦଳ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ